# ଧରିତ୍ରୀ DHARITRI

ରାୟଗଡ଼ା, ଶନିବାର, ଜାନୁୟାରୀ ୨୫ /୨୦୨୦ (୧୬ ପୃଷ୍ଠା +ପିଲାଙ୍କ ଧରିତ୍ରୀ) Rayagada, Saturday, January 25 / 2020 ★

୯ମ ଭାଗ ୩୪୭ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନିଲ ଆରୋରା ଶୁକ୍ରବାର ଫୋରମ୍ ଅଫ୍ ଦି ଇଲେକ୍ଶନ ମ୍ୟାନେଜମେଣ୍ଟ ବଡିଜ୍ ଅଫ୍ ସାଉଥ୍ ଏସିଆ (ଏଫ୍ଇଏମ୍ବିଓଏସ୍ଏ)ର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାର୍କ ରାଷ୍ଟ୍ରଗୁଡ଼ିକର ନିର୍ବାଚନ ପରିଚାଳନା ସଂସ୍ଥାର ବାର୍ଷିକ ବୈଠକ ଅବସରରେ ଆରୋରାଙ୍କୁ ଚଳିତ ବର୍ଷ ପାଇଁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବାଂଲାଦେଶର କେ.ଏମ୍. ନୁରୁଲ ହୁଡାଙ୍କ ଠାରୁ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଚାଇନାର ୧୩ ସହରକୁ ପରିବହନ ବନ୍ଦ

**ବେଜିଂ,୨୪।୧(ପି.ଟି.)**



ନୂଆ ଚାନ୍ଦ୍ରବର୍ଷ ପାଳନବେଳେ ହଂକଂରେ ସଂକ୍ରମଣ ଭୟରେ ମାସ୍କ ପିନ୍ଧି ରାସ୍ତାକୁ ଓହ୍ଲାଇଛନ୍ତି ଲୋକେ।

- ୪୧ ନିୟୁତ ପ୍ରଭାବିତ
- ବନ୍ଦ ରହିଲା ଗ୍ରେଟ୍ ୱାଲ୍
- ଚାଇନା ପାଇଁ ଜରୁରୀ ସ୍ଥିତି ଜାରି କଲା ଡବ୍ଲ୍ୟୁଏଚ୍ଓ

କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଚାଇନା ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ମାରାତ୍ମକ ଭୂତାଣୁର କେନ୍ଦ୍ରସ୍ଥଳ କୁହାଯାଉଥିବା ୟୁହାନ ସମେତ ୧୩ଟି ସହରକୁ ଗମନାଗମନ ବନ୍ଦ କରିଦିଆଯିବା ସହ ଏହି ସହରଗୁଡ଼ିକୁ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ୪୧ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି। ୟୁହାନକୁ କେହି ନ ଯିବା ପାଇଁ ପୂର୍ବରୁ ସରକାର ଆଡଭାଇଜରି ଜାରି କରିଥିଲେ। କେନ୍ଦ୍ରୀୟ ହୁବେଇ ପ୍ରଦେଶର ଜିଆନିଆଙ୍ଗ, ଜିଆଓଗାନ, ଇନ୍ଶି, ଝିଜିଆଙ୍ଗ ସହରକୁ ବସ୍ ଓ ଟ୍ରେନ୍ ଚଳାଚଳ ସମେତ ସାଧାରଣ ପରିବହନ ସେବା ବନ୍ଦ କରିଦିଆଯାଇଛି। ଏହି ଭାଇରସ୍‌ରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ସୁଦ୍ଧା ଚାଇନାରେ ୨୬ ଜଣଙ୍କ ମୃତ୍ୟୁ ହେଲାଣି। ସାର୍ସ (ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍) ସହ ଏହି ଭାଇରସ୍‌ର ସାମଞ୍ଜସ୍ୟ ରହିଥିବାରୁ ଏହାକୁ ନେଇ ଆତଙ୍କ ଖେଳିଯାଇଛି। ୨୦୦୨-୦୩ରେ ସାର୍ସ ସଂକ୍ରମଣ ଯୋଗୁ ଚାଇନା ଓ ହଂକଂରେ ୬୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଝିଜିଆଙ୍ଗ, ଇନ୍ଶି ସହ ସମସ୍ତ ବ୍ୟବସାୟ କାରବାର ବନ୍ଦ ରଖିଛି। ସେହିପରି ଜିଙ୍ଗଝୋଉ ସହରରୁ ରେଳସେବା ବନ୍ଦ ରଖାଯାଇଛି। ହୁଆଙ୍ଗଶି ଶୁକ୍ରବାର ସ୍ଥଳପଥ ସହ ଜଳପଥ ପରିବହନ ରୁଟ୍‌କୁ ବନ୍ଦ କରିଛି।

କରୋନା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଉଦ୍‌ବେଗ ପ୍ରକାଶ କରିବା ସହ ଚାଇନା ପାଇଁ ଜରୁରୀ ପରିସ୍ଥିତି ଜାରି କରିଛି। ଫଳରେ ଚାଇନା କର୍ତ୍ତୃପକ୍ଷ ଚାନ୍ଦ୍ର ନବବର୍ଷରେ ବିଭିନ୍ନ ମନ୍ଦିରକୁ ବନ୍ଦ ରଖିଛନ୍ତି। ଏପରିକି ଫରବିଡିନ୍ ସିଟି ଓ ଗ୍ରେଟ୍ ୱାଲ୍‌ର କିଛି ଅଂଶକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଶୁକ୍ରବାରଠାରୁ ନବବର୍ଷ ଛୁଟି ଆରମ୍ଭ ହୋଇଥିବାବେଳେ ଭୂତାଣୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଲୋକମାନଙ୍କୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଚାଇନାରୁ ଦକ୍ଷିଣ କୋରିଆକୁ ମଧ୍ୟ ଏହି ଭୂତାଣୁ ବ୍ୟାପିଲେଣି। ସେଠାରେ ଦୁଇଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଏହାବ୍ୟତୀତ ଥାଇଲାଣ୍ଡ, ଭିଏତ୍‌ନାମ, ସିଙ୍ଗାପୁର, ଜାପାନ, ଦକ୍ଷିଣ କୋରିଆ, ତାଇୱାନ, ବ୍ରିଟେନ୍ ଓ ଆମେରିକାରେ ମଧ୍ୟ ଏହି ଭୂତାଣୁ ଚିହ୍ନଟ ହେଲେଣି।

ୟୁହାନରେ ଗତମାସଠାରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ସଂକ୍ରମଣ ଯୋଗୁ ଫାର୍ମାସିଗୁଡ଼ିକରେ ଯୋଗାଣ ସଙ୍କଟ ଦେଖାଯାଇଛି। ଭୟଭୀତ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁସଂଖ୍ୟାରେ ହସ୍ପିଟାଲ ଆସୁଥିବା ଦେଖାଯାଇଛି। ପ୍ରଥମେ ପ୍ରାଣୀ ଶରୀରରୁ ଏହି ଭୂତାଣୁ ମଣିଷ ଦେହକୁ ସଂକ୍ରମିତ ହୋଇଥିଲା। ପରେ ଏହା ଜଣକଠାରୁ ଅନ୍ୟ ଜଣକୁ ବ୍ୟାପୁଥିବାରୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁହାନ ଏବଂ ୭ ନିୟୁତ ଲୋକ ରହୁଥିବା ହୁଆଙ୍ଗଗାଙ୍ଗ ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।

## ଦିଲ୍ଲୀରେ ବ୍ରାଜିଲ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୨୪।୧(ପି.ଟି.)**

ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ୪ଦିନିଆ ଭାରତ ଗସ୍ତରେ ଆସି ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତ ଦୁଇଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଉଛି। ଭାରତର ୭୧ତମ ସାଧାରଣତନ୍ତ୍ର ଦିବସରେ ବୋଲ୍‌ସୋନାରୋ ମୁଖ୍ୟ ଅତିଥି ହେବେ। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଆଲୋଚନା କରିବେ। ବୋଲ୍‌ସୋନାରୋଙ୍କ ସହ ୮ ମନ୍ତ୍ରୀ, ୪ ପାର୍ଲାମେଣ୍ଟ ସଦସ୍ୟ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟ ପ୍ରତିନିଧି ଆସିଛନ୍ତି।

## ନୂଆ ଭାରତ ନିର୍ମାଣ ଲାଗି କର୍ତ୍ତବ୍ୟକୁ ଗୁରୁତ୍ୱ ଦିଅ



**ନୂଆଦିଲ୍ଲୀ,୨୪।୧(ପି.ଟି.)**

**ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

ଦେଶ ପାଇଁ କର୍ତ୍ତବ୍ୟ କରି ଉଦାହରଣ ସୃଷ୍ଟି କରିବା ସହ ନୂଆ ଭାରତ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବାକୁ ଥିବା ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭୌଗୋଳିକ ଓ ସାମାଜିକ ବିଭିନ୍ନତା ଭାରତୀୟ ମହାନତାରେ ବିଶେଷତ୍ୱ। ତେଣୁ ଦେଶର କୌଣସି ବ୍ୟକ୍ତି ଓ ଅଞ୍ଚଳ ଯେପରି ପଛରେ ପଡ଼ି ନ ଯାଏ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ। ଏହା ହେଉଛି ସାଧାରଣତନ୍ତ୍ର ଦିବସ ପରେଡ୍ ପଛର ଉଦ୍ଦେଶ୍ୟ। ବିଭିନ୍ନ ଚିନ୍ତାଧାରା ଓ ମୂଲ୍ୟବୋଧକୁ ନେଇ ଭାରତ ଏକ ଜୀବନଶକ୍ତି ବୋଲି ମୋଦି କହିଥିଲେ।

ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ପିଲାମାନଙ୍କ ସହ ମୋଦି ଭାବ ବିନିମୟ କରିଥିଲେ। ସେ ପିଲାମାନଙ୍କ କାର୍ଯ୍ୟରେ ଅନୁପ୍ରାଣିତ ବୋଲି ମତ ରଖିଥିଲେ। ପିଲାମାନଙ୍କ ସାହସିକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହିତ ଶାରୀରିକ ଭାବେ ସକ୍ରିୟ ରହିବା ଲାଗି ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ। ନବପ୍ରବର୍ତ୍ତନ, ସାମାଜିକ ସେବା, ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ସାହସିକତା କ୍ଷେତ୍ରରେ ଅବଦାନ ଓ ଉତ୍କର୍ଷତା ପାଇଁ ୪୯ ଜଣ ପିଲାମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନ ପୂର୍ବେ ପ୍ରଧାନମନ୍ତ୍ରୀ ବାଲ୍ ପୁରସ୍କାର ପ୍ରଦାନ କରିଥିଲେ।

## ‘କେ-୪’ ପରୀକ୍ଷା ସଫଳ



**ନୂଆଦିଲ୍ଲୀ,୨୪।୧(ପି.ଟି.):** ଭାରତ ଶୁକ୍ରବାର ସଫଳତାର ସହ କେ-୪ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ୨୦୦୦ କିଲୋଗ୍ରାମ ଆଣବିକ କିମ୍ବା ପାରମ୍ପରିକ ଅସ୍ତ୍ର ବହନ କରି ୩୫୦୦ କିଲୋମିଟର ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ରକୁ ବିଶାଖାପାଟଣା ଉପକୂଳରୁ ପରୀକ୍ଷା କରାଯାଇଛି। ଡିଆର୍‌ଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରକୁ ବୁଡ଼ାଜାହାଜରୁ ନିକ୍ଷେପ କରାଯାଇପାରିବ। ୬ ଦିନ ମଧ୍ୟରେ କେ-୪ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଏହା ଦ୍ୱିତୀୟ ପରୀକ୍ଷଣ। ଗତ ରବିବାର ଆନ୍ଧ୍ରପ୍ରଦେଶ ଉପକୂଳରୁ ଏହାର ପରୀକ୍ଷା କରାଯାଇଥିଲା। ଭାରତର ଅରିହନ୍ତ ଶ୍ରେଣୀର ଆଣବିକ ବୁଡ଼ାଜାହାଜରେ ସାମିଲ ହେବାକୁ ଥିବା କେ-୪ ପାକିସ୍ତାନର ଯେକୌଣସି ସ୍ଥାନ ସମେତ ଚାଇନାର ଅଧିକାଂଶ ଅଞ୍ଚଳକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି।

## ତଥ୍ୟ ଦେଉନାହିଁ ତିହାର ଜେଲ୍, କୋର୍ଟ ଗଲେ ଦୋଷୀ

**ନୂଆଦିଲ୍ଲୀ,୨୪।୧**

- କ୍ୟୁରେଟିଭ୍ ପିଟିଶନ ଦାଖଲ ଲାଗି ଅନ୍ୟ ୨ ନିର୍ଭୟା ଦୋଷୀଙ୍କ ପ୍ରସ୍ତୁତି
- ଫାଶୀରେ ବିଳମ୍ବ କରିବାକୁ ଓକିଲଙ୍କ ଚାଲ୍: ସିସୋଡିଆ

ନିର୍ଭୟା ବଳାତ୍କାର, ହତ୍ୟା ମାମଲାର ଅନ୍ୟ ୨ ଦୋଷୀ ଅକ୍ଷୟ କୁମାର ସିଂ ଓ ପଓ୍ୱନ ସିଂଙ୍କ ଓକିଲ ଏ.ପି. ସିଂ ତିହାର ଜେଲ୍ ଅଧିକାରୀ ତଥ୍ୟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଦିଲ୍ଲୀ କୋର୍ଟରେ ଅପିଲ କରିଛନ୍ତି। କ୍ୟୁରେଟିଭ୍ ପିଟିଶନ ଦାଖଲକରିବା ଲାଗି ଆବଶ୍ୟକ ଏହି କାଗଜପତ୍ର ଜେଲ୍ ଅଧିକାରୀ ଅଟକାଇ ରଖିଥିବା ଦର୍ଶାଯାଇଛି। ଏହି ଆବେଦନର ଶୁଣାଣି କୋର୍ଟ ଶନିବାର କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ସୁପ୍ରିମକୋର୍ଟ ପୂର୍ବରୁ ୨ ଦୋଷୀ ବିନୟ କୁମାର ଶର୍ମା ଓ ମୁକେଶ ସିଂଙ୍କ କ୍ୟୁରେଟିଭ ପିଟିଶନକୁ ଖାରଜ କରିଦେଇଥିଲେ। ୪ ଦୋଷୀଙ୍କୁ ଫେବୃୟାରୀ ୧ ସକାଳ ୬ଟାରେ ଫାଶୀ ଦିଆଯିବାକୁ ପ୍ରସ୍ତୁତି ଚାଲିଛି। ଫାଶୀରେ ବିଳମ୍ବ ଲାଗି ଓକିଲ ଏଭଳି ଚାଲ୍ ଖେଳୁଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ପ୍ରକାଶ କରିଛନ୍ତି। ଶୀଘ୍ର ନ୍ୟାୟ ପ୍ରଦାନ ଲାଗି ଆଇନରେ କେତେକ ସଂଶୋଧନ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

## କପିଳ ମିଶ୍ରାଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୨୪।୧**



ଦିଲ୍ଲୀର ଭାଜପା ନେତା କପିଳ ମିଶ୍ରାଙ୍କ ସାମ୍ପ୍ରଦାୟିକ ଟୁଇଟ୍‌କୁ ନେଇ କଠୋର ହୋଇଛନ୍ତି ନିର୍ବାଚନ କମିଶନ(ଇସି)। ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଇସି ଶୁକ୍ରବାର ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀର ଶାହିନବାଗରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ମାସାଧିକ କାଳ ହେବ ବିକ୍ଷୋଭ ଚାଲିଛି। ଫେବୃୟାରୀ ୮ରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ରାଜନୈତିକ ପାଣିପାଗ ସରଗରମ ରହିଛି। ଏଭଳି ସମୟରେ ଏହାକୁ ତାଚ୍ଛଲ୍ୟ କରି ଭାଜପା ପ୍ରାର୍ଥୀ କପିଳ ମିଶ୍ରା ଗୁରୁବାର ଟୁଇଟ୍ କରିଥିଲେ, ଆଇନକୁ ପାଳନ କରାଯାଉ ନ ଥିବା ସ୍ଥାନଗୁଡ଼ିକ ହେଉଛି ମିନି ପାକିସ୍ତାନ।

### ଇତିହାସର ଆଇନାରେ

**ଜାନୁୟାରୀ ୨୫ର ପ୍ରମୁଖ ଘଟଣା**

୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ସତାରା ଜିଲାରେ ଥିବା ମନ୍ଧେରଦେବୀ ମନ୍ଦିରରେ ଦଳାଚକଟା ହେବାରୁ ଏଥିରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଶକମ୍ବରୀ ପୂର୍ଣ୍ଣିମା ଲାଗି ଏଠାରେ ପ୍ରାୟ ୩ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲାବେଳେ ଗହଳି ଯୋଗୁ ଦଳାଚକଟା ହୋଇଥିଲା।

୨୦୧୩ ଜାନୁୟାରୀ ୨୫ରେ ଭେନିଜୁଏଲାର ଉରିବାନା ଜେଲରେ ଗଣ୍ଡଗୋଳ ପରେ ଦଙ୍ଗା ସୃଷ୍ଟି ହେବାରୁ ପ୍ରାୟ ୬୭ ଜଣ ପ୍ରାଣ ହରାଇଥିଲେ। ୧୨୦ରୁ ଊର୍ଦ୍ଧ୍ୱ ଆହତ ମଧ୍ୟ ହୋଇଥିଲେ। କଏଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରଥମେ ଝଗଡ଼ା ପରେ ଉଗ୍ର ହୀଂସାକାଣ୍ଡ ଦେଖିବାକୁ ମିଳିଥିଲା।

## ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

**ରାଷ୍ଟ୍ରପତିଙ୍କୁ ୧୫୪ ବିଶିଷ୍ଟ ନାଗରିକଙ୍କ ଦାବିପତ୍ର**

**ନୂଆଦିଲ୍ଲୀ,୨୪।୧:** ସିଏଏ ଓ ଏନ୍ଆର୍‌ସିକୁ ବିରୋଧ କରିବା ଆଳରେ ବିକ୍ଷୋଭ ସହ ହିଂସାକାଣ୍ଡ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ୧୫୪ ବିଶିଷ୍ଟ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟରେ ଶୁକ୍ରବାର ଦାବି କରିଛନ୍ତି। ବିଭିନ୍ନ ଅବସରପ୍ରାପ୍ତ ବରିଷ୍ଠ ସରକାରୀ ଅଧିକାରୀ, ବିଦ୍ୱାନ, ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଗଣତନ୍ତ୍ରର ସୁରକ୍ଷା ଲାଗି ଏହାର ଆବଶ୍ୟକତା ରହିଥିବା ଦର୍ଶାଇଛନ୍ତି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅଧ୍ୟକ୍ଷ, ସିକିମ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ପ୍ରମୋଦ କୋହଲି ଏହି ବିଶିଷ୍ଟ ନାଗରିକଙ୍କ ନେତୃତ୍ୱ ନେଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ୧୧ ପୂର୍ବତନ ହାଇକୋର୍ଟ ବିଚାରପତି, ୭୨ ଜଣ ପୂର୍ବତନ ସରକାରୀ ଅଧିକାରୀ, ୫୬ ପୂର୍ବତନ ସେନା ଅଧିକାରୀ, ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଶିକ୍ଷାବିତ୍ ଓ ବିଦ୍ୱାନ ବ୍ୟକ୍ତିମାନେ ଅଛନ୍ତି। ବିକ୍ଷୋଭ ଓ ହିଂସାକାଣ୍ଡ ପଛରେ ରାଜନୈତିକ ଓ ବାହ୍ୟ ତତ୍ତ୍ୱର ସମ୍ପର୍କ ରହିଥିବା କୁହାଯାଇଛି। ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟିକରି ଏମାନେ ଦେଶକୁ ଭାଗ ଭାଗ କରିବା ଲାଗି ଚେଷ୍ଟା କରୁଥିବା ଅଭିଯୋଗ କରାଯାଇଛି। ସିଏଏ ଭାରତୀୟ ନାଗରିକଙ୍କ କୌଣସି ଅସୁବିଧା କରୁ ନ ଥିବାବେଳେ ଅଯଥାରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରାଯାଇ ଲୋକଙ୍କୁ ବିପଥଗାମୀ କରାଯାଉଛି। ବିକ୍ଷୋଭ ସହ ହିଂସା, ପୋଡ଼ାଜଳା, ଭଙ୍ଗାରୁଜା କରାଯାଇ ଅଶାନ୍ତ ବାତାବରଣ ସୃଷ୍ଟି କରାଯାଉଛି। ଏହି ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବିପତ୍ରରେ କୁହାଯାଇଛି।

## ବିଜ୍ଞାନ ବାର୍ତ୍ତାକୁ ଶୁଣୁ ଭାରତ

**ଡାଭୋସ୍,୨୪।୧**



**ଡାଭୋସ୍‌ରେ ଜଳବାୟୁ ସଂକ୍ରାନ୍ତ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି: ଗ୍ରେଟା ଥନ୍‌ବର୍ଗ**

‘ବିଜ୍ଞାନକୁ ଶୁଣ’। ଜଳବାୟୁ ପରିବର୍ତ୍ତନର ଭୟାବହତାରୁ ମୁକ୍ତିପାଇବା ପାଇଁ ଡାଭୋସ୍ ମଞ୍ଚରୁ ଶୁକ୍ରବାର ଭାରତକୁ ଏହି ବାର୍ତ୍ତା ଦେଇଛନ୍ତି ସ୍ୱଳ୍ପବୟସ୍କା ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ। ଅନ୍ୟପକ୍ଷରେ ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଉଦ୍ଦିଷ୍ଟ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଥିବା ଦର୍ଶାଇ ସେ କ୍ଷୋଭବ୍ୟକ୍ତ କରିଛନ୍ତି। ଡୋଭୋସ୍‌ରେ ଚାଲିଥିବା ଡବ୍ଲ୍ୟୁଇଏଫ୍ ସମ୍ମିଳନୀର ଶେଷଦିନରେ ସୁଇସ୍ କି ରିସର୍ଟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ୧୭ ବର୍ଷୀୟା ପରିବେଶବିତ୍ ଗ୍ରେଟା କହିଛନ୍ତି, ଭାରତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭୟାବହ ହେଲାଣି। ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିବାରୁ ଜୀବାଶ୍ମ ଇନ୍ଧନରୁ ତୁରନ୍ତ ପୁଞ୍ଜିପ୍ରତ୍ୟାହାର ପାଇଁ ସେ କର୍ପୋରେଟ ସେକ୍ଟରକୁ ଅନୁରୋଧ କରିଥିଲେ। ହେଲେ ତାଙ୍କ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସମ୍ମିଳନୀର ଏହି ୫୦ତମ ସଂସ୍କରଣରେ ଗ୍ରେଟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମେରିକାର ସଚିବ ଷ୍ଟିଭେନ୍ ମୁଚିନ୍ ଗୁରୁବାର ତାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଏହି ସ୍ୱଳ୍ପବୟସ୍କା ଝିଅ ଅର୍ଥନୀତି ପଢ଼ିବାକୁ ଯାଆନ୍ତୁ। ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ସେ କହିଛନ୍ତି, ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ଆମକୁ ସବୁବେଳେ ଏମିତି ସମାଲୋଚନା କରାଯାଉଛି। ସେଗୁଡ଼ିକୁ ଶୁଣିଥିଲେ ଆମେ ଯାହା ଚାହୁଁଛୁ ତାହା କରିପାରି ନ ଥାନ୍ତୁ।

DSPL - 241

ଜାତୀୟ ଭୋଟର ଦିବସ
ତା୨୫।୦୧।୨୦୨୦
ରାଜ୍ୟସ୍ତରୀୟ ସମାରୋହ

କାର୍ଯ୍ୟସୂଚୀ
ସକାଳ ୭.୩୦ ଘଟିକା : ମାଷ୍ଟରକ୍ୟାଣ୍ଟିନ ଛକରୁ ରବୀନ୍ଦ୍ରମଣ୍ଡପ ପର୍ଯ୍ୟନ୍ତ ଭୋଟର ସଚେତନତା ରାଲି

ସାଧାରଣ ସଭା
ସ୍ଥାନ: ରବୀନ୍ଦ୍ରମଣ୍ଡପ : ସମୟ: ପୂର୍ବାହ୍ଣ ୧୦.୦୦ ଘଟିକା
ମୁଖ୍ୟ ଅତିଥି : ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା

- ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭୋଟର ସଙ୍କଳ୍ପ ।

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

ଭୋଟର ସାକ୍ଷରତା
ସୁଦୃଢ଼ ଗଣତନ୍ତ୍ର

NATIONAL VOTERS’ DAY, 2020
ଜାତୀୟ ଭୋଟର ଦିବସ, ୨୦୨୦

12001/13/0027/1920

DHARITRI
ରାୟଗଡ଼ା, ଶନିବାର, ଜାନୁୟାରୀ ୨୫/୨୦୨୦ | Rayagada, Saturday, January 25/2020 | ପୃଷ୍ଠା-୧



**ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା**
ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ ଜୀବନୀ ଉପରେ ନିର୍ମିତ ଫିଲ୍ମରେ ଅଭିନୟ କରିବେ।
୧୨

୧୦
**ଶ୍ରେୟାସଙ୍କ ମ୍ୟାଚ୍ ବିଜୟୀ ଇନିଂସ**
ଶ୍ରେୟାସ ଆୟାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଭାରତ ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।



# ଅକ୍ସଫୋର୍ଡ ଡିକ୍ସନାରିରେ 'ଆଧାର'

■ ଡବା, ଶାଦି, ଚାୱଲ ଓ ହରତାଲ୍ ମଧ୍ୟ ସ୍ଥାନ ପାଇଲା ଇଂଲିଶ ଶବ୍ଦକୋଷରେ

ନୂଆଦିଲ୍ଲୀ,୨୪।୧: ଅକ୍ସଫୋର୍ଡ ଡିକ୍‌ସନାରିରେ 'ଆଧାର' ଶବ୍ଦ ସ୍ଥାନ ପାଇଛି। ଏହାର ଦଶମ ସଂସ୍କରଣରେ ଆହୁରି ୨୫ଟି ଭାରତୀୟ ଶବ୍ଦକୁ ସାମିଲ କରାଯାଇଛି। ଅକ୍ସଫୋର୍ଡ ଆଡଭାନ୍ସଡ ଲର୍ନର ଡିକ୍‌ସନାରି(ଓଏଏଲ୍‌ଡି)ର ସଦ୍ୟ ସଂସ୍କରଣକୁ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏଥିରେ ୩୮୪ଟି ଭାରତୀୟ ଶବ୍ଦ ରହିଛି। ନୂଆକରି ସାମିଲ କରାଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ ରହିଛି ଆଧାର, ଚାୱଲ, ଡବା ଓ ଶାଦି। ସେହିପରି ଚାଟବୋଟ, ଫେକ୍ ନ୍ୟୁଜ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ଭଳି ଆଉ ୧,୦୦୦ ଇଂଲିଶ ଶବ୍ଦକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ନୂଆ ୨୬ ଶବ୍ଦ ମଧ୍ୟରୁ ୨୨ଟିକୁ ମୁଦ୍ରିତ ସଂସ୍କରଣରେ ସ୍ଥାନ ମିଳିଥିବାବେଳେ ଅନ୍ୟ ୪ଟି ଡିଜିଟାଲ ଭର୍ସନରେ ରହିଥିବା ଅକ୍ସଫୋର୍ଡ ଡିକ୍‌ସନାରି ମ୍ୟାନେଜିଂ ଡାଇରେକ୍ଟର(ଏଜୁକେଶନ ଡିଭିଜନ) ଫାଥିମା ଦାଦା ସୂଚନା ଦେଇଛନ୍ତି। ଅନ୍‌ଲାଇନ ଭର୍ସନରେ ସ୍ଥାନ ପାଇଥିବା ଅନ୍ୟ ୪ଟି ଶବ୍ଦ ହେଲା କରେଣ୍ଟ (ବିଦ୍ୟୁତ୍), ଲୁଟର, ଲୁଟିଂ ଏବଂ ଉପଜିଲା (ସବ୍-ଡିଭିଜନ)। ୭୭ ବର୍ଷ ଧରି ପ୍ରଚଳିତ ଏହି ଶବ୍ଦକୋଷ ପ୍ରଥମେ ୧୯୪୨ରେ ଜାପାନରେ ପ୍ରକାଶିତ ହୋଇଥିଲା। ୧୯୪୮ରେ ଅକ୍‌ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ଏହାକୁ ପ୍ରଥମଥର ପାଇଁ ପ୍ରକାଶ କରିଥିଲା।

# ଭୋଟର ପରିଚୟପତ୍ରରେ ସଂଯୋଗ ହେବ ଆଧାର

■ ଜନପ୍ରତିନିଧି ଆଇନରେ ସଂଶୋଧନ ପାଇଁ ପ୍ରସ୍ତୁତି



ନୂଆଦିଲ୍ଲୀ,୨୪।୧(ଆଇଏଏନ୍‌ଏସ୍) ଭୋଟର ପରିଚୟପତ୍ର ସହ ଆଧାର ନମ୍ବରକୁ ସଂଯୋଗ କରାଯିବ। ଏଥିପାଇଁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନୂଆ ଆଇନ ପ୍ରସ୍ତୁତ କରୁଥିବା ଜଣାପଡିଛି। ଅନେକେ ଏକାଧିକ ସ୍ଥାନରେ ନିଜକୁ ଭୋଟର ଭାବେ ପଞ୍ଜୀକୃତ କରିଛନ୍ତି। ସେଗୁଡ଼ିକୁ ବନ୍ଦ କରିବାକୁ ହେଲେ ଭୋଟର ପରିଚୟପତ୍ର ସହ ଆଧାରକୁ ସଂଯୋଗ କରିବାକୁ ହେବ। ଏଥିପାଇଁ ନୂଆ ଆବେଦନକାରୀ ଏବଂ ପୂର୍ବରୁ ତାଲିକାରେ ଥିବା ଭୋଟରମାନଙ୍କ ଆଧାର ନମ୍ବର ସଂଗ୍ରହ ଲାଗି ବୈଧାନିକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ବାଚନ କମିଶନ ପ୍ରସ୍ତାବ ଦେଇଥିଲେ। ସେଥିପାଇଁ ଜନପ୍ରତିନିଧି ଆଇନ, ୧୯୫୧ରେ ସଂଶୋଧନ ଲାଗି ଆଇନ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ତାହା କ୍ୟାବିନେଟ କମିଟିରେ ଉପସ୍ଥାପନ ହେବା ପରେ ପାର୍ଲାମେଣ୍ଟରେ ବିଲ୍ ଆଣିବା ନେଇ ବିଚାର କରାଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି।

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୬ ଓ ୭

ଆଜିର ସମ୍ପାଦକୀୟ
ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ



ସାଧାରଣତନ୍ତ୍ର ଦିବସ ରାଜ୍ୟସ୍ତରୀୟ ପରେଡ ନିମନ୍ତେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶୁକ୍ରବାର ମହର୍ଷି ଡେୟାର ଡେଭିଲ୍ସ ଗ୍ରୁପ୍ ପକ୍ଷରୁ ଅଭ୍ୟାସ କରାଯାଉଛି।

# ରାଜନୀତିକୁ ଅପରାଧମୁକ୍ତ କରାଯାଉ

**୪୬% ଏମ୍‌ପିଙ୍କ ନାଁରେ ରହିଛି ମାମଲା**

■ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଆଣିବା ଅସମ୍ଭବ: ଆବେଦନକାରୀ

■ ଦାଗୀ ନେତାଙ୍କୁ ଟିକେଟ ନ ଦେବା ପାଇଁ ଦଳଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତୁ ସୁପ୍ରିମକୋର୍ଟ: ଇସି

■ ଆବେଦନକାରୀ, ନିର୍ବାଚନ କମିଶନ ସପ୍ତାହେ ମଧ୍ୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରନ୍ତୁ: ଖଣ୍ଡପୀଠ

ନୂଆଦିଲ୍ଲୀ,୨୪।୧ (ପି.ଟି./ଆଇଏଏନ୍‌ଏସ୍)

ଆପରାଧିକ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କୁ ରାଜନୀତିରୁ ବାହାର କରାଯିବ। ସେମାନଙ୍କ ଉପସ୍ଥିତି ରାଜନୈତିକ ବାତାବରଣକୁ କଳୁଷିତ କରିବାରେ ଲାଗିଛି। ଏଥିପାଇଁ ରାଜନୀତିର ଅପରାଧୀକରଣକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ କେତେକ ପଦକ୍ଷେପ ନେବା ସକାଶେ ନିର୍ବାଚନ କମିଶନ (ଇସି)ଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜନୈତିକ ଦଳଗୁଡ଼ିକ ଦାଗୀ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି ଇସି।

୨୦୧୮ ଅକ୍ଟୋବର ୧୦ରେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ନିର୍ବାଚନୀ ସଂସ୍କାର ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ସେପ୍ଟେମ୍ବରରେ ଏକ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବରୁ ପ୍ରାର୍ଥୀମାନଙ୍କୁ ନିଜ ନିଜ ବିରୋଧରେ ବିଚାରାଧୀନ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ଘୋଷଣା କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ନିଜ ୱେବ୍‌ସାଇଟ୍‌ରେ ସୂଚନା ଦେବେ। ପ୍ରାର୍ଥୀ ଓ ଦଳ ଏକ ଘୋଷଣାନାମା ଜାରି କରିବା ସହ ସେ ସମ୍ପର୍କିତ ତଥ୍ୟଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବହୁଳ ପ୍ରକାଶନ-



ପ୍ରସାରଣ କରିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି। ଶୀର୍ଷ ଅଦାଲତଙ୍କ ଏହି ତାଗିଦ ସତ୍ତ୍ୱେ ରାଜନୀତିର ଅପରାଧୀକରଣ ଚାଲିଛି। ଏଥିପାଇଁ ଏକ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଇସି ଆହୁରି କହିଛନ୍ତି ଯେ, ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେମାନେ ନିଜ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ସତ୍ୟପାଠରେ ଘୋଷଣା କରିବା ବିଶେଷ ସହାୟକ ହୋଇନାହିଁ। ତେଣୁ ରାଜନୈତିକ ଦଳଗୁଡ଼ିକୁ ଦାଗୀ ନେତାଙ୍କୁ ଟିକେଟ ନ ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ଏହାକୁ ନେଇ ଖଣ୍ଡପୀଠ କହିଛନ୍ତି, ନିର୍ବାଚନ କମିଶନ ସପ୍ତାହେ ମଧ୍ୟରେ ଏକ ନୂଆ କାର୍ଯ୍ୟଯୋଜନା ପ୍ରସ୍ତୁତ କରନ୍ତୁ, ଯାହାକି ଜାତୀୟ ସ୍ୱାର୍ଥ ପାଇଁ ରାଜନୀତିକୁ ଅପରାଧରୁ ମୁକୁଳାଇ ହେବ। ଏଥିସହ ଖଣ୍ଡପୀଠ ଭାଜପା ନେତା ତଥା ଆଇନଜୀବୀ-ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟ ଏବଂ ଇସିଙ୍କୁ ଏକାଠି ବସି ଏହାର ମୁକାବିଲା ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଛନ୍ତି। ଶୁଣାଣି ବେଳେ ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ କହିଥିଲେ, ନିର୍ବାଚନ କମିଶନ ଅପରାଧରୁ ରାଜନୀତିକୁ ଦୂରେଇ ରଖିବା ସକାଶେ ଅନେକ ପଦକ୍ଷେପ ନେଇଛନ୍ତି। ଅଦାଲତଙ୍କ ୨୦୧୮ର ନିର୍ଦ୍ଦେଶ ସଫଳ ହୋଇନାହିଁ। ତେଣୁ ଦାଗୀ ନେତାଙ୍କୁ ଟିକେଟ ନ ଦେବା ଲାଗି ରାଜନୈତିକ ଦଳଗୁଡ଼ିକୁ ଉତ୍ତରଦାୟୀ କରାଯାଉ। ଉପାଧ୍ୟାୟଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଅଦାଲତଙ୍କୁ କହିଲେ, ବର୍ତ୍ତମାନ ପାର୍ଲାମେଣ୍ଟରେ ଏଭଳି ୪୬% ସଦସ୍ୟ ଅଛନ୍ତି, ଯାହାଙ୍କ ନାମରେ ଆପରାଧିକ ମାମଲା ଗଡୁଛି। ଏଭଳି ସ୍ଥିତିରେ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଗୃହୀତ ହେବା ସମ୍ଭବପର ଭଳି ମନେହେଉନାହିଁ। ତେଣୁ ସୁପ୍ରିମକୋର୍ଟ ନିଜେ ଏହା ଉପରେ ନିର୍ଦ୍ଦେଶନାମା ଜାରି କରନ୍ତୁ।

# ମୁମ୍ବାଇରେ ପହଞ୍ଚିଲା କରୋନା ଭୂତାଣୁ

■ ଚାଇନାରୁ ଫେରିଥିବା ୨ ଜଣଙ୍କୁ ଅବଜର୍‌ଭେଶନରେ ରଖାଗଲା

■ ବିଭିନ୍ନ ହସ୍ପିଟାଲରେ ଖୋଲିଲା ସ୍ୱତନ୍ତ୍ର ୱାର୍ଡ



ନୂଆଦିଲ୍ଲୀ/ମୁମ୍ବାଇ,୨୪।୧(ପି.ଟି.)

ଚାଇନାରେ ଆତଙ୍କ ସୃଷ୍ଟି କରିଥିବା ବିପଜ୍ଜନକ କରୋନା ଭାଇରସ୍ ଶେଷରେ ମୁମ୍ବାଇରେ ପହଞ୍ଚିଛି। ଚାଇନାରୁ ଫେରିଥିବା ଦୁଇଜଣଙ୍କୁ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ହସ୍ପିଟାଲ୍ ଅବ୍‌ଜର୍‌ଭେଶନରେ ରଖାଯାଇଛି। ୧୯ରୁ ଇତିମଧ୍ୟରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭୮୯ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଗଲାଣି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କସ୍ତୁରବା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ୧୪ ଦିନ ମଧ୍ୟରେ କୌଣସି ଭାରତୀୟ ଯାତ୍ରୀ ଚାଇନାର ୱୁହାନ୍ ସହରକୁ ଯାଇ ନ ଥିବା ଜଣାପଡିଛି। ହୁବେଇ ପ୍ରଦେଶର ରାଜଧାନୀ ୱୁହାନ କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବୃହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ କସ୍ତୁରବା ହସ୍ପିଟାଲରେ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କୌଣସି ଯାତ୍ରୀଙ୍କଠାରେ କରୋନା ଭାଇରସ୍ ସଂକ୍ରମଣର ଲକ୍ଷଣ ଦେଖାଦେଲେ ତୁରନ୍ତ ☞ପୃଷ୍ଠା-୨

ଅଧ୍ୟକ୍ଷାଙ୍କ ବିରୋଧରେ ଆଣିଲେ ଅଭିଯୋଗ

# ବୈଠକ ବର୍ଜନ କଲେ ସମିତି ସଭ୍ୟ

ଉମରକୋଟ,୨୪।୧(ଡି.ଏନ୍.ଏ.)

ଉମରକୋଟ ପଞ୍ଚାୟତ ସମିତି ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ହୋଇପାରିନାହିଁ। ବ୍ଲକ ଅଧ୍ୟକ୍ଷା ଲାଇବାନ୍ ଭକ୍ତଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ବିଧାୟକ ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ଜନପ୍ରତିନିଧିଙ୍କ ସହଯୋଗ ଓ ଭାଗିଦାରିତା ରହିଲେ ବ୍ଲକର ସମସ୍ତ ଉନ୍ନୟନ କାମ ସଫଳ ହୋଇପାରିବ ବୋଲି କହିଥିଲେ। ପରେ ସମିତି ସଭ୍ୟାସଭ୍ୟମାନେ ବ୍ଲକରେ ହେଉଥିବା ଅନିୟମିତତା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ☞ପୃଷ୍ଠା-୨

# ଭାଙ୍ଗିଲା ଡିଗ୍ରୀ କଲେଜ ଗଭର୍ନିଂ ବଡି

■ ସରକାରଙ୍କୁ କଂଗ୍ରେସ ଓ ଭାଜପାର ସମାଲୋଚନା

■ ପରିଚାଳନା କମିଟିରେ ବିଧାୟକଙ୍କୁ ସଦସ୍ୟ ରଖାଯାଉ: ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ରାଜ୍ୟ ସରକାର ଡିଗ୍ରୀ କଲେଜର ଗଭର୍ନିଂ ବଡି ବା ପରିଚାଳନା କମିଟିକୁ ଭାଙ୍ଗି ଦେଇଛନ୍ତି। ରାଜ୍ୟର ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ଗଭର୍ନିଂ ବଡିକୁ ଭାଙ୍ଗିଦିଆଯାଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତିରିକ୍ତ ଜିଲାପାଳ (ଏଡିଏମ୍) ଜିଲା ମୁଖ୍ୟାଳୟରେ ଥିବା କଲେଜର ପରିଚାଳନା ସମିତି ସଭାପତି ଭାବେ କାର୍ଯ୍ୟ କରିବେ। ଯଦି କୌଣସି ଜିଲାରେ ଜଣକରୁ ଅଧିକ ଏଡିଏମ୍ ଥିବେ ତା'ହେଲେ ଜିଲାପାଳ କୌଣସି ଜଣେ ଏଡିଏମ୍‌ଙ୍କୁ ସଭାପତି ଭାବେ ଚୟନ କରି ଦାୟିତ୍ୱ ଦେବେ। ସେହିଭଳି ଜିଲା ସଦର ମହକୁମା ବାହାରେ ଥିବା କଲେଜଗୁଡ଼ିକରେ ଉପଜିଲାପାଳ ପରିଚାଳନା କମିଟିର ସଭାପତି ରହିବେ। ତେବେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ଗଠନ ହୋଇଥିବା କଲେଜଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏହି ବିଜ୍ଞପ୍ତିକୁ ତତ୍କ୍ଷଣାତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କଲେଜ ପରିଚାଳନା କମିଟିରେ ନେତା କିମ୍ବା ସ୍ଥାନୀୟ ବିଧାୟକ ରହିବେନି ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଥିଲେ। ଶିକ୍ଷାବିତ୍, ଅଭିଭାବକ ଏବଂ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଗଭର୍ନିଂ ବଡିରେ ସଦସ୍ୟ ଭାବେ ସ୍ଥାନ ଦିଆଯିବ। କମିଟିର ରୂପରେଖ ନେଇ ମନ୍ତ୍ରୀ କହିଥିଲେ, ସ୍ଥାନୀୟ ଅଞ୍ଚଳର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏହାର ସଭାପତି ହେବେ। ୨ରୁ ୩ଜଣ ଅଭିଭାବକଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ। ପୁରାତନ ଛାତ୍ରୀଛାତ୍ରଙ୍କୁ ବି କମିଟିରେ ସାମିଲ କରିବା ନେଇ ବିଚାର ଆଲୋଚନା ଜାରି ରହିଥିବା ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କମିଟିରୁ ବିଧାୟକଙ୍କୁ ବାଦ୍ ଦେବା ନିଷ୍ପତ୍ତି ନେଇ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, କଲେଜ ପରିଚାଳନା କମିଟିରେ ବିଧାୟକ ସଭାପତି ନ ରହି ସଦସ୍ୟ ଭାବେ ରୁହନ୍ତୁ। ଏଭଳି ହେଲେ କଲେଜ ଭିତ୍ତିଭୂମିର ବିକାଶ ହେବା ସହ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏ ବାବଦରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ☞ପୃଷ୍ଠା-୨

# ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପରଲୋକ

ଧାମନଗର, ୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଏବଂ ଶିଳ୍ପ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଗୁରୁବାର ରାତିରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ତାଙ୍କ ମରଶରୀରକୁ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତାମାନେ ତାଙ୍କୁ ଶେଷ ସମ୍ମାନ ପ୍ରଦାନ କରିଛନ୍ତି।

ସ୍ୱର୍ଗତ ରାଉତ ପ୍ରଥମେ ଧୂଷୁରୀ ମଧ୍ୟଇଂରାଜୀ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ୧୯୬୬ରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ଜଗନ୍ନାଥ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପ୍ରାୟ ୧୦ ବର୍ଷ ଧରି ଶିକ୍ଷକତା କରିବା ପରେ ସେ ରାଜନୀତିରେ ଯୋଗ ଦେଇଥିଲେ। ସେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କଠାରୁ ଦୁଇଥର ପରାଜୟ ହୋଇ ୧୯୮୦ରେ ବିପୁଳ ଭୋଟ୍ ବ୍ୟବଧାନରେ ପ୍ରଥମେ ବିଧାୟକ ହୋଇଥିଲେ। ପରେ ୧୯୮୫ ଓ ୧୯୯୫ରେ ବିଜୟୀ ହୋଇ କଂଗ୍ରେସ ସରକାରରେ ନଗର



ଜଗନ୍ନାଥ ରାଉତ

ଉନ୍ନୟନ, ସ୍ୱାସ୍ଥ୍ୟ ଓ ଶିଳ୍ପ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ନିଜ ନିର୍ବାଚନମଣ୍ଡଳୀରେ ସେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତା ନିର୍ମାଣ ସହ ସମସ୍ତ କାଠ ପୋଲକୁ ସେ ପକ୍କାପୋଲ କରାଇଥିଲେ। ଚାନ୍ଦବାଲି ଏବଂ ☞ପୃଷ୍ଠା-୨

# ଏପ୍ରିଲ ପହିଲାରୁ ଘଣ୍ଟାକରେ ମିଳିବ ଜମି ରେକର୍ଡ

■ ଫେବୃୟାରୀ ୧୦ରୁ ମୋ ସରକାରରେ ସାମିଲ ହେବ ରାଜସ୍ୱ ବିଭାଗ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଆବେଦନକାରୀଙ୍କୁ ଜମିଜମା ସଂକ୍ରାନ୍ତ କାଗଜ ପତ୍ର ଘଣ୍ଟାକରେ ମିଳିବ। ଆସନ୍ତା ଏପ୍ରିଲ ପହିଲାରୁ ଇ-ରେକର୍ଡ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହେବ। ଏ ନେଇ ସମସ୍ତ ଜିଲା ଓ ତହସିଲ ଅଧିକାରୀଙ୍କୁ ସମସ୍ତ ପ୍ରମାଣପତ୍ରକୁ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ଏ ନେଇ ଜିଲାପାଳ ଓ ତହସିଲଦାରଙ୍କ ସହ ଭିଡିଓ କନଫରେନ୍ସି ଜରିଆରେ ଆଲୋଚନା କରିଛନ୍ତି। ଫେବୃୟାରୀ ୧୦ ରୁ 'ମୋ ସରକାର'ରେ ରାଜସ୍ୱ ବିଭାଗ ସାମିଲ ହେବ। ଓଡ଼ିଶା ଜନସେବା ଅଧିକାର ଆଇନ ଅନୁଯାୟୀ ଲୋକମାନଙ୍କୁ ତ୍ୱରିତ ସରକାରୀ ସେବା ଯୋଗାଇ ଦେବାକୁ ଆସନ୍ତା ଫେବୃୟାରୀ ୫ ତାରିଖ ସୁଦ୍ଧା ପଡିରହିଥିବା ସମସ୍ତ ଫାଇଲ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଅଧିକାରୀମାନେ ଏ ନେଇ ନିଶ୍ଚିତ କରିବେ। ଯେଉଁ ତହସିଲର ଅଧିକ ଫାଇଲ ଥିବ ସେହି ତହସିଲ କର୍ମଚାରୀମାନଙ୍କ ଛୁଟିକୁ ବାତିଲ କରାଯିବ ବୋଲି ମହାପାତ୍ର କହିଛନ୍ତି। ଏହାଛଡ଼ା କଲେଜଗୁଡ଼ିକର ଜମି ରେକର୍ଡଗୁଡ଼ିକୁ ଏପ୍ରିଲ ପହିଲା ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଛି। ସେଣ୍ଟ୍ରାଲ ଆକ୍ରିଡେଶନ ପାଇଁ କଲେଜଗୁଡ଼ିକର ଜମି ରେକର୍ଡ ଗୁଡ଼ିକରେ ଯେପରି କୌଣସି ସମସ୍ୟା ନ ଥିବ ସେ ନେଇ କଲେଜ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଦରକାର ବୋଲି ସଚିବ କହିଛନ୍ତି।

Vencobb CHICKEN
24.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 75 | 126 | 136 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply
Issued in the Interest of Consumers



**ଆଜିର ମନ୍ତବ୍ୟ**

ଅତ୍ୟଧିକ ଟାକ୍ସ ହେଉଛି ଲୋକଙ୍କ ଉପରେ ସରକାରଙ୍କ ସାମାଜିକ ଅନ୍ୟାୟ।
– ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ପ୍ରଧାନ ବିଚାରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଅଂଶୁମାନ
ପରିବାରବର୍ଗ


ଆୟାନ୍ସ
ପରିବାରବର୍ଗ


ଦେବାଂଶ
ପରିବାରବର୍ଗ


ନାରାୟଣ
ପରିବାରବର୍ଗ


ସାନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଦେଶର ବିଦେଶର ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ସ୍ତରରେ ରହିବା ସହ ୪୬୨.୧୬ ବିଲିୟନ ଡଲାର ଛୁଇଁଛି। – **ରିଜର୍ଭ ବ୍ୟାଙ୍କ**

## ମୁମ୍ବାଇରେ ପହଞ୍ଚିଲା ...

ସେମାନଙ୍କୁ ଉକ୍ତ ୱାର୍ଡକୁ ପଠାଇବା ପାଇଁ କୁହାଯାଇଛି। ଘରୋଇ ଡାକ୍ତରମାନଙ୍କୁ ମଧ୍ୟ କରୋନା ଭୂତାଣୁ ଲକ୍ଷଣ ଥିବା ବ୍ୟକ୍ତିଙ୍କ ସୂଚନା ପାଇଲେ ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ହଂକଂରୁ ଆସିଥିବା ୨୬୨ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଛି। ତେବେ ସେଠାରେ କୌଣସି ଯାତ୍ରୀଙ୍କଠାରେ କରୋନା ଭାଇରସ୍ ଥିବା ଜଣାପଡିନାହିଁ। କରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ କେବଳ କସ୍ତୁରବା ହସ୍ପିଟାଲ ନୁହେଁ, ପୁଣେର ନାଇଡୁ ହସ୍ପିଟାଲ ଓ ଦିଲ୍ଲୀର ଏମ୍ସରେ ମଧ୍ୟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ଏହି ଭୂତାଣୁ ସଂକ୍ରମଣ ହେଲେ ସାଧାରଣ ଥଣ୍ଡା ହେବା ସହ କାଶ, ଛିଙ୍କ ଓ ତଣ୍ଟି ଦରଜ ହୋଇଥାଏ। ଏଥିସହିତ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥାଏ। ୟୁହାନ ସହରରେ ଥିବା ସାମୁଦ୍ରିକ ଖାଦ୍ୟ ଓ ପ୍ରାଣୀ ବଜାରରେ ପ୍ରଥମେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଅନ୍ୟ ଅଞ୍ଚଳକୁ ବ୍ୟାପିବା ଆରମ୍ଭ କରିଥିଲା। ଏହା ଆମେରିକା ପର୍ଯ୍ୟନ୍ତ ବ୍ୟାପିଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଚାଇନାରେ କରୋନା ସଂକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ୮୩୦ ଜଣ ଆକ୍ରାନ୍ତ ହୋଇଛନ୍ତି।

## ବୈଠକ ବର୍ଜନ କଲେ...

ଅଭିଯୋଗ କରିଥିଲେ । ସେମାନେ ଦେଉଥିବା ପ୍ରସ୍ତାବ ଉପରେ ବ୍ଲକ ପ୍ରଶାସନ କିମ୍ବା ବ୍ଲକ ଅଧକ୍ଷା ଗୁରୁତ୍ୱ ନ ଦେଇ ନିଜ ମନମୁତାବକ ବ୍ଲକର ସମସ୍ତ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପଞ୍ଚାୟତ ପ୍ରତିନିଧିମାନଙ୍କ ସହମତି ଲୋଡୁ ନ ଥିବା ଅଭିଯୋଗ କରି ବୈଠକ ବର୍ଜନ ଚାଲି ଯାଇଥିଲେ । ଗୋପାଳ ପୂଜାରୀ, ବିଭାସ ମଣ୍ଡଳ, ରାଜମୋହନ ହରିଜନ, କୀର୍ତ୍ତନ ମାଝିଙ୍କ ସହ ୨୫ ସମିତି ସଭ୍ୟ ବୈଠକ ବର୍ଜନ କରିଥିଲେ । ଆଗାମୀ ଦିନରେ ବ୍ଲକ ଅଧକ୍ଷା ଓ ବ୍ଲକ ପ୍ରଶାସନରକୁ ବିରୋଧ କରିବା ସହ ଦରକାର ପଡିଲେ ଆନ୍ଦୋଳନ କରିବା ପାଇଁ ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି । ପରେ ପ୍ରଶାସନ ବୈଠକକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ । ଗୋପାଳ ଏ ନେଇ ଉମରକୋଟ ବିଡିଓ ଦେବୀ ପ୍ରସାଦ ଟାଲିଙ୍କୁ ପଚାରିବାରୁ ସେ କହିଲେ ଯେ, ସମିତି ସଭ୍ୟମାନେ ବିଗତ ବର୍ଷ ଦେଇଥିବା ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଆପ୍ରୁଭାଲ ଆସି ନ ଥିବା ଯୋଗୁ ଅସୁବିଧା ରହିଛି। ଏହି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସମାଧାନ କରାଯିବ ବୋଲି କହିଥିଲେ।

## ପୂର୍ବତନ ମନ୍ତ୍ରୀ ଜଗନ୍ନାଥ...

ଆରଡ଼ି ଅଞ୍ଚଳରେ ଗମନାଗମନ ସୁବିଧା, ଶିକ୍ଷାର ପ୍ରସାର ପାଇଁ ଗୁରୁତ୍ୱ ଦେଇଥିଲେ। ଏହାସହିତ ଅସୁରାଳି-କାସିମପୁର, ଦୋବଲ-ଷେଣ୍ଡପୁର ଏବଂ ଦୋବଲ ସୋହଡ଼ା ରାସ୍ତା ନିର୍ମାଣ କରିଥିଲେ। ଧୂଷୁରୀ ସାଁଆଳପୁରଠାରେ ଆଇଜିଏମ୍ କଲେଜ ପ୍ରତିଷ୍ଠା କରିଥିଲେ। ସେ ମନ୍ତ୍ରୀ ଥିବାବେଳେ ଧାମନଗର ଜଳସେଚନ ବିଭାଗ କାର୍ଯ୍ୟାଳୟ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧୂଷୁରୀ ମେଡିକାଲକୁ ସ୍ଥାନାନ୍ତର ଓ ଉନ୍ନତୀକରଣ, ଖଡିମାହାରା, ବାଲିପଡ଼ାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧୂଷୁରୀରେ ଥାନା ଏବଂ ସବ୍‌ରେଜିଷ୍ଟ୍ରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବାଲେଶ୍ୱର, ଭଦ୍ରକ ଜିଲା କଂଗ୍ରେସ ସଭାପତି, ପିସିସି ସଦସ୍ୟ ଓ ଏଆଇସିସି ସଭ୍ୟ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବ୍ଲକ ଅଧକ୍ଷ ଅଶୋକ ନାୟକ, ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ବ୍ଲକ କଂଗ୍ରେସ ନେତା ପୂର୍ବତନ ଏମ୍‌ପି

## ପ୍ରଥମ ପୃଷ୍ଠାରୁ...

ମୁରଲୀଧର ଜେନା, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଧୀର ଖଟୁଆ, ପରମାନନ୍ଦ ସାମନ୍ତ, ସଂଗ୍ରାମ ନାୟକ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଡା. ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ପ୍ରଦୀପ୍ତ ଦାସ, ବିରେନ ଆରଣ, ବିଚିତ୍ର ଆରଣ, ରମେଶ ବେହେରା, ନାରାୟଣ ନାୟକ, ପୂର୍ବତନ ବ୍ଲକ ସଭାପତି ପ୍ରସନ୍ନ ଧଳ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଭାଙ୍ଗିଲା ଡିଗ୍ରୀ ...

କରାଯିବ ବୋଲି ମନ୍ତ୍ରୀ ସିଂ କହିଥିଲେ। କିନ୍ତୁ ଶୁକ୍ରବାର ସକାଳେ ମନ୍ତ୍ରୀ ସିଂଙ୍କ ଏହି ବୟାନ ଆସିବାର କିଛି ଘଣ୍ଟା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଗଭର୍ଣ୍ଣିଂ ବଡି ଭଙ୍ଗାଯିବାର ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେପଟେ କଂଗ୍ରେସ ଓ ଭାଜପା ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିବା ସହିତ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି।

## ଦୁର୍ଘଟଣାରେ ୨ ମୃତ

ଦିଗପହଣ୍ଡି, ୨୪।୧ (ଡି.ଏନ୍.ଏ.)

ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ. ରାଜ୍ୟ ରାଜପଥର କଂସାମାରି-ଧର୍ମପୁର ମଧ୍ୟବର୍ତ୍ତୀ ଶ୍ମଶାନ ସମ୍ମୁଖ ମୁଖ୍ୟ ରାସ୍ତାରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାପରେ ଆରୋହୀମାନେ ସେହି ରାସ୍ତାଦେଇ ଆସୁଥିବା ଏକ ମିନିବସ୍‌ରେ ପିଟି ହୋଇଥିଲେ। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଜପତି ଜିଲା ଚନ୍ଦ୍ରଗିରି ଗ୍ରାମ ପାତ୍ରସାହିର ଚନ୍ଦନ ଘଡେଇ ଓ ରାଉତ ସାହିର ହିମାଂଶୁ ପ୍ରଧାନ। ଆହତମାନେ ଗଞ୍ଜୁ ମଣ୍ଡଳ ଓ ଦିଲୀପ ଶବର।

## ୭ ଟ୍ରେଲର ଡ୍ରାଇଭରଙ୍କ ଲାଇସେନ୍ସ ବାତିଲ୍

**■ ୫ ଲକ୍ଷ ୫୫୦ ଟଙ୍କା ଜରିମାନା ଆଦାୟ**

ବାରିପଦା ଅଫିସ,୨୪।୧

ଅତ୍ୟଧିକ ମାଲ୍ ପରିବହନ କରୁଥିବା ୭ ଭାରିଯାନ (ଟ୍ରେଲର) ଡ୍ରାଇଭରଙ୍କ ଲାଇସେନ୍ସ ୩ ମାସ ପର୍ଯ୍ୟନ୍ତ ବାତିଲ କରାଯାଇଛି। ଏହି ଟ୍ରେଲରଗୁଡିକରୁ ୫ ଲକ୍ଷ ୫୫୦ ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଛି। ମୟୂରଭଞ୍ଜ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ବିଭାଗର ଏମଭିଆଇ ଶିଶିର କୁମାର ସାହୁ ଓ ଜୁନିୟର ଏମଭିଆଇ ଦେବଦାସ ପାଇକରାୟଙ୍କ ନେତୃତ୍ୱରେ ଏକ ଟିମ୍ ବାରିପଦାର ଦରଖୁଲି ନିକଟରେ ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଝାଡଖଣ୍ଡର ରାମଗଡ ଅଭିମୁଖେ ଯାଉଥିବା ୭ଟି ଟ୍ରେଲରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଟ୍ରେଲରଗୁଡିକରେ ଧାର୍ଯ୍ୟଠାରୁ ଅତ୍ୟଧିକ ମାଲ୍ ପରିବହନ ହେଉଥିବା ଜଣା ପଡିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମସ୍ଥ ରାଜଯୋଗ ହେତୁ କାର୍ଯ୍ୟସିଦ୍ଧି, ବନ୍ଧୁମାନଙ୍କ ନିକଟରୁ ସମ୍ମାନ, ଆର୍ଥିକ ଅଭିବୃଦ୍ଧି ହେତୁ ମନ ଖୁସୀ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଟେନ୍‌ସନ ଲାଗି ରହିବ। ଆପଣଙ୍କ ଉପରେ ବୋଝଭଳି ରହିଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇଯାଇପାରେ। କୃତ୍ତିକା ନକ୍ଷତ୍ର ସାମାଜିକ ଓ ବୈଷୟିକ କ୍ଷେତ୍ରରେ ଉପକୃତ ହେବେ।

**ବୃଷ**
ଶୁକ୍ର ପ୍ରଭାବରୁ ଆର୍ଥିକ ଉନ୍ନତି ହେବ, କିନ୍ତୁ ଅଷ୍ଟମସ୍ଥ ବୃହସ୍ପତି ଆପଣଙ୍କ ଯୋଜନାକୁ ଭଣ୍ଡୁର କରିଦେଇପାରନ୍ତି। ପରିସ୍ଥିତିବଶତଃ ପରିବାରରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ପରିବହନ, ବ୍ୟବସାୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ସନ୍ତୋଷଜନକ ହେବନାହିଁ।

**ମିଥୁନ**
ନୀଚାରୋହୀ ରାଶ୍ୟାଧିପ ବିଭିନ୍ନ ପ୍ରକାର ସମସ୍ୟା ବିଜଡ଼ିତ ରହି ମାନସିକ ଭାରସାମ୍ୟ ହରାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅଭାବରୁ ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ବଢ଼ାଇ ଦେବାର ସୂଚନା ରହିଛି। ଅବଶ୍ୟ ଆରଦ୍ରା ନକ୍ଷତ୍ର ସକାଶେ ମାଲିମକଦ୍ଦମା, ପାରିବାରିକ ଦ୍ୱନ୍ଦ୍ୱ, ଆଗାମୀ ପ୍ରମୋଶନ ଆଦି କ୍ଷେତ୍ରରେ ଟେନ୍‌ସନ କମିଯିବ।

**କର୍କଟ**
ଆଜି ଆପଣଙ୍କ ବ୍ୟବସାୟିକ ସ୍ଥିତି ଭଲ, କିନ୍ତୁ ଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭର ସମ୍ଭାବନା ବହୁତ କମ୍ ହୋଇପାରେ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି, କିନ୍ତୁ ଆପଣଙ୍କର କିଛି ଅସୁବିଧା ହେବନି। ପୁନର୍ବସୁର ବନ୍ଧୁମିଳନ, ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ**
ଆଜି ଆପଣ କିଛି ଦେଲେ ହିଁ କିଛି ପାଇବେ, ଯାହାକି ଦିନଚର୍ଯ୍ୟାରେ ଅନୁଭବରେ ଆସିପାରେ। ବୁଧଙ୍କ ଦୁର୍ବଳତା କାରଣରୁ ଅଭାବ ଓ କେତେକ ପାରିବାରିକ ଅସୁବିଧା ଦେଖାଦେବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**କନ୍ୟା**
ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ିଯିବ। ସରକାରୀ କ୍ଷେତ୍ରରୁ ଅର୍ଥ ସମ୍ପର୍କିତ ଲାଭର ଆଶା ନେଇ କଳ୍ପନାଜଳ୍ପନା କରିପାରନ୍ତି। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ତୁଳା**
ମନ ଚାହିଁଲେ ମଧ୍ୟ ଚନ୍ଦ୍ର ଗ୍ରହମାନଙ୍କ ମଧ୍ୟରେ ସମାଗମ ସ୍ଥିତିରେ ଥିବାରୁ କାମ ହାସଲରେ ବ୍ୟତିକ୍ରମ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାର ସୂଚନା ରହିଛି। ଆଜି ବିବାଦ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କଲେ ନିଜେ ହିଁ କ୍ଷତିରେ ପଡ଼ିବେ। ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର କ୍ଷେତ୍ର ଭଲ ରହିବ।

**ବିଛା**
ମଙ୍ଗଳଦୃଷ୍ଟ ଶନି କ୍ଷେତ୍ରସ୍ଥ ଶୁକ୍ର ଆପଣଙ୍କ ଚେଷ୍ଟାକୁ ଶିଥିଳ କରିପାରେ। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ହେଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଗବେଷଣା, ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ଧନୁ**
ପୂର୍ବର ପରିସ୍ଥିତି ବହୁଳାଂଶରେ ବଦଳି ଯାଇଥିବାରୁ ନିଜକୁ ଏକପ୍ରକାର ହାଲୁକା ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ମନଇଚ୍ଛା କାମ ଓ ଜିଦ୍ ନ କରି ଅନ୍ୟମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କଲେ ଭଲ ହେବ। ଆପଣଙ୍କ କଥାରେ ପଡ଼ୋଶିନୀ ବିରକ୍ତି ପ୍ରକାଶ କଲେ ମଧ୍ୟ କାମଟି କରିଦେବେ।

**ମକର**
ବିକ୍ଷିପ୍ତ ମନ ଓ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରର ସୁଯୋଗକୁ ହାତଛଡ଼ା କରିପାରେ। କାର୍ଯ୍ୟହାନି ସାଙ୍ଗକୁ ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିବାର ଆଶଙ୍କା ରହିଛି। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ଲାଗି ରହିବ। ବ୍ୟବସାୟ, ହୋଟେଲ ଶିଳ୍ପରେ ସଫଳତା ହାସଲ କରିବେ।

**କୁମ୍ଭ**
ହାତକୁ ନେଇଥିବା କାମଟି ନିଶ୍ଚିତ ହେବ, କିନ୍ତୁ ବହୁତ ଡେରି ଓ ଝାମେଲା ମଧ୍ୟରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାହାଯ୍ୟ କରିବାକୁ କିଏ ହେଲେ ମଧ୍ୟ ଆଗେଇ ଆସି ନ ପାରନ୍ତି। ଆଜି କଠିନ ପରିଶ୍ରମଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ**
କ୍ରମଶଃ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। ପରିବାରରେ ତର୍କବିତର୍କ କାରଣରୁ କିମ୍ବା କର୍ମକ୍ଷେତ୍ରରେ ସମସ୍ୟାଜନିତ ଟେନ୍‌ସନ ବଢ଼ିପାରେ। ସୃଷ୍ଟି କରିଥିବା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପ୍ରକାଶନ, ପ୍ରଶାସନ, ଯୋଗାଯୋଗ, କଚେରି ମାମଲାରେ ସଫଳତା ପାଇବେ।

ଆଜି ଜାନୁୟାରୀ ୨୫ ତାରିଖ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ। ମାଘ ଶୁକ୍ଳ ପ୍ରତିପଦା ଶନିବାର, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୦୮ମି. ଗତେ ଘ.୧।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୫୩ମି. ଗତେ ଘ.୯।୧୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୯।୧୩ମି. ଗତେ ଘ.୧୦।୩୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68549

ପୁରୀ ନିକଟସ୍ଥ **Gharabari, patta, boundarywall, electricity** ସୁବିଧାଥାଇ **sqft.920/-** ମିଳୁଅଛି। **7008067338.** D-68478

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68550

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

Patta land at Sisupalgarh near Lingaraj Temple, Contact Hindustan Jewellers- 9437033691. D-68330

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ **30'** ରାସ୍ତା **Electricity, boundary plot** ମିଳୁଅଛି। **6372852525.** D-68474

ଭୁବନେଶ୍ୱର କଟଣା ଗେଟ୍ ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

Plot measuring Ac 0.48 approx 80'x260' with 1500 sqft. building at a prime location in Narasinghpur Town in Cuttack district, near High School with a hill backside and a Govt. orchard another side. Contact : 9840856765. D-68969

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ କିଣିବା/ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040, 8144658008. D-16369

ଭୁବନେଶ୍ୱର **AIIMS** ନିକଟରେ **Govt. road**କୁ ଲାଗି **yellowzone, 30'road,** ଘରବାରି **boundary patta plot** ନିଅନ୍ତୁ। **8895757735, 8114973999.** D-68477

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

4/5 BHK Duplex with Gated Community at Balianta (Land-1400 & Construction- 2200 @ 60Lakhs/ 2600 @ 70Lakhs). Finance by Lic. Mplanets: 9938219397, 9861022055. D-16368

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68053

Gharabari residential plots Eastfacing Tankapaniroad Sai Mandir, sqft. 1600/-, possession immediately with boundarywalls. Booking 2BHK Simplex near B.J.E.M- (2), 16,80,000/-, 7735738102. D-16364

**2BHK Simplex, 26lakh & plot for sale 350,680/-, near Hanspal, Atala, 5Km from NH 3BHK Duplex, 35lakh near Trinathbazar, Phulnakhara. Contact No- 7064690826.** D-16352

**ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି plot/ Sum Hospital 100' ରାସ୍ତାକୁ ଲାଗି କିଣନ୍ତୁ। 9348767829.** D-68482




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

**GENERAL**
**PURCHASE**


Hindustan Jewellers, Bhubaneswar buy old gold at Highest Market rate at Bapuji Nagar, Contact: 9437033691. D-68331

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1BHK, 2BHK, 3BHK with Garage, Soubhagya Nagar, Unit-8, Bhubaneswar For family, office and bachelor. 9337435646, 7377471310. D-68968

New house for rent only family, ground & first floor and two shops at Vagwanpur, Dhenkanal. 9437864904. D-16367




Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage ladies & gents smart therapist, 9668814589. D-68763

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Newly open full body massage with gents and ladies 9090377418. D-59944

Sai herbal spa refresh your body with smart, expert therapist. 7608062524. D-68971

Male therapist full body massage with relax, BBSR. Contact: 8328868891. D-16373

Refresh your mind and soul with best therapy at Orchid Salon/Spa. 9937287222. D-68767




ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

**AFFIDAVIT**

I, Salauddin Khan S/o- Safiquddin Khan, R/o- Charinangal Nalipur (MD Nagar), PO- Charinangal, PS- Balichandrapur, Dist.- Jajpur, Pin- 754292, Odisha, India have corrected my name in the Passport from Salaluddin Khan to Salauddin Khan. D-16370




# ‘ଆଇକନିକ ସାଇଟ୍‌ରେ ସ୍ଥାନିତ ହେବ କୋଣାର୍କ’

**କୋଣାର୍କ,୨୪।୧(ଡି.ଏନ୍.ଏ.)**

କୋଣାର୍କକୁ ଦେଶର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ତଥା ଆଇକନିକ ସାଇଟ୍ ତାଲିକାରେ ଖୁବ୍‌ଶୀଘ୍ର ସାମିଲ କରାଯିବ। ଏହାର ଆନୁଷ୍ଠାନିକ ଘୋଷଣା ଏକ ବିଶେଷ ସମାବେଶରେ କରାଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ କହିଛନ୍ତି। କୋଣାର୍କର ମେରାଇନ ଡ୍ରାଇଭ ଇକୋ ରିଟ୍ରିଟଠାରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ୨୦୨୨ମସିହା ସୁଦ୍ଧା ଦେଶର ୧୫ଟି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରୟାସ ଆରମ୍ଭ କରିବା ସହ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ନେଇ ବ୍ୟବସ୍ଥା କରାଯିବ। ସେହିଭଳି ବର୍ଷକୁ ୧୫ରୁ ଅଧିକ ପର୍ଯ୍ୟଟନସ୍ଥଳୀ ବୁଲୁଥିବା ପର୍ଯ୍ୟଟକଙ୍କୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପୁରସ୍କୃତ କରିବା ସହ ସେମାନଙ୍କ ଭ୍ରମଣ ବାବଦ ଖର୍ଚ୍ଚ ବହନ କରିବ। ତେବେ ପର୍ଯ୍ୟଟକମାନେ ନିଜ ନିଜ ରାଜ୍ୟରେ ଏହି ୧୫ଟି ସ୍ଥାନ ବୁଲିବା ବାଧ୍ୟତାମୂଳକ ହେବ। ଭ୍ରମଣ ସମୟର ଫଟୋକୁ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଦାଖଲ କରିବା ପରେ ତାହାକୁ ବିଚାରକୁ ନିଆଯାଇ ସମ୍ପୂର୍ଣ୍ଣ ଭ୍ରମଣ ଖର୍ଚ୍ଚ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ କହିଥିଲେ।




ଜାତୀୟ ପର୍ଯ୍ୟଟନ ଉଦ୍‌ଯାପନ ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ଏବଂ ଅନ୍ୟ ଅତିଥିମାନେ।

## ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଉଦ୍‌ଯାପିତ

- ବର୍ଷକୁ ୧୫ ପର୍ଯ୍ୟଟନସ୍ଥଳୀ ବୁଲିଲେ ମିଳିବ ଭ୍ରମଣ ଖର୍ଚ୍ଚ

ଓଡ଼ିଶା ଓ ଗୁଜରାଟ ପର୍ଯ୍ୟଟନସ୍ଥଳୀର ପ୍ରଚାର, ପ୍ରସାର କରିବାକୁ ଆଗାମୀ ଦିନରେ ଚୁକ୍ତି ପାଇଁ ଏକ ସଦିଚ୍ଛା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ଦ୍ୱାରା ଦୁଇ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ, ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱତନ୍ତ୍ର ଟୁର ପ୍ୟାକେଜ, ଗୁଜରାଟ ଢାଞ୍ଚାରେ ଓଡ଼ିଶା ପର୍ଯ୍ୟଟନ ସ୍ଥଳୀମାନଙ୍କର ରୂପରେଖ ବଦଳାଇବା ପାଇଁ ଏହା ଏକ ମାଇଲ ଖଣ୍ଟ ସଦୃଶ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ରାଜସ୍ଥାନରେ ପ୍ୟାଲେସ ଅନ୍ ହ୍ୱିଲ୍ ପାଇଁ ପର୍ଯ୍ୟଟନ ଟ୍ରେନ ଚାଲୁଛି। ସେହିପରି ଓଡ଼ିଶା ତଥା ଦେଶର ଅନ୍ୟ ସ୍ଥାନରେ ଟ୍ରେନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିବା ଆବଶ୍ୟକ। ଏଭଳି ପଦକ୍ଷେପ ଦେଶ ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବିକାଶକୁ ବହୁଗୁଣିତ କରିବ ବୋଲି ପୂର୍ବାଞ୍ଚଳ ପର୍ଯ୍ୟଟନ କମିଟି ମୁଖ୍ୟ ସୌଭାଗ୍ୟ କୁମାର ମହାପାତ୍ର କହିଥିଲେ। ଏହି ସମାରୋହରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ କୁମାର ଦେବ, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ଭାସନ ଭାଇ ଅହିର, କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ରୂପିନ୍ଦର ବ୍ରରୂର, ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ଜେନା, ବରିଷ୍ଠ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। କୋଣାର୍କ ସୁରକ୍ଷା ସମିତିର ଆବାହକ ଭାଗୀରଥି ସ୍ୱାଇଁ ଓ ରଘୁନାଥ ମହାପାତ୍ର ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବିଜେବି କଲେଜରେ ନବୀକରଣ ପାଇଁ ଭିତ୍ତିପ୍ରସ୍ତର



ହଷ୍ଟେଲ ଓ କଲେଜ ମୁଖ୍ୟ ପ୍ରବେଶପଥର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ):** ବିଜେବି କଲେଜର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ନୂତନ କ୍ୟାଣ୍ଟିନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କଲେଜରେ ପ୍ରବେଶ କରିବା ସମୟରେ ଛାତ୍ରୀଛାତ୍ରମାନେ ତାଙ୍କୁ ମାନବଶୃଙ୍ଖଳ ଜରିଆରେ ସ୍ୱାଗତ କରିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ କ୍ୟାମ୍ପସରେ ଥିବା ମହାତ୍ମା ଗାନ୍ଧୀ ଓ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ କଲେଜରେ ୫୮୫ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୬୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ମୁଖ୍ୟ ପ୍ରବେଶ ପଥ ନବୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଡଙ୍ଗାରୁ ୧୯ ବିଦେଶୀ ପକ୍ଷୀ ଜବତ: ଶିକାରୀ ଚମ୍ପଟ

**କୃଷ୍ଣପ୍ରସାଦ,୨୪।୧(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିପିଆ ଗାଁ ଘାଟରେ ଥିବା ଏକ ଡଙ୍ଗାରୁ ୧୯ ବିଦେଶୀ ପକ୍ଷୀ ଶୁକ୍ରବାର ବନ ବିଭାଗ ଦ୍ୱାରା ଜବତ ହୋଇଛି। ପକ୍ଷୀ ମଧ୍ୟରେ ୧୨ଜୀବିତ ଥିବାବେଳେ ୭ ମୃତ ଥିବା ଜଣାପଡ଼ିଛି। ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁ ପାଟ୍ରୋଲିଂ ବେଳେ ଚିଲିକା କୂଳରେ ଏକ ଡଙ୍ଗା ମଧ୍ୟରେ ବିଦେଶୀ ପକ୍ଷୀ ଥିବା ଦେଖିବାକୁ ପାଇଥିଲେ। ତେବେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀ ଚମ୍ପଟ ମାରିଥିବା ଜଣାପଡିଛି। ବନ ବିଭାଗ ଡଙ୍ଗାକୁ ଜବତ କରିବା ସହ ମୃତ ପକ୍ଷୀଗୁଡ଼ିକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇଛି।

# ଅତ୍ୟଧିକ ଟିକସ ସାମାଜିକ ଅନ୍ୟାୟ: ସିଜେଆଇ

**ନୂଆଦିଲ୍ଲୀ, ୨୪।୧ (ଆଇଏଏନ୍‌ଏସ୍):** ଟିକସ ଠକେଇ ହେଉଛି ଭାରତୀୟ ନାଗରିକମାନଙ୍କ ପ୍ରତି ସାମାଜିକ ଅନ୍ୟାୟ। ସେହିପରି ସରକାରଙ୍କ ପକ୍ଷରୁ ଲୋକଙ୍କ ଉପରେ ସ୍ୱେଚ୍ଛାଚାରୀ ଭାବେ କିମ୍ବା ଅତ୍ୟଧିକ ଟାକ୍ସ ଲଗାଇବା ମଧ୍ୟ ସାମାଜିକ ଅନ୍ୟାୟ ଶ୍ରେଣୀରେ ଆସୁଛି ବୋଲି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ପ୍ରକାଶ କରିଛନ୍ତି।


ଇନ୍‌କମ୍ ଟାକ୍ସ ଅପିଲେଟ୍ ଟ୍ରିବ୍ୟୁନାଲର ୭୯ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଜେଆଇ ବୋବ୍‌ଡେ କହିଛନ୍ତି, ଦେଶ ପାଇଁ ସମ୍ପଦ ଜୁଟାଇବା କ୍ଷେତ୍ରରେ ଟାକ୍ସ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।



ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

କିନ୍ତୁ ଲୋକଙ୍କ ଉପରେ ମନମୁଖୀ ଓ ଅତ୍ୟଧିକ ଟିକସ ବୋଝ ଲଦିଦେବା ସେମାନଙ୍କ ପ୍ରତି ଏକ ସାମାଜିକ ଅନ୍ୟାୟ ଭାବେ ଦେଖାଯାଇପାରେ। ଉପଯୁକ୍ତ ଓ ତ୍ୱରିତ ବିବାଦର ସମାଧାନକୁ ଟିକସଦାତାଙ୍କ ପାଇଁ ଏକ ଟାକ୍ସ ଇନ୍‌ସେଣ୍ଟିଭ୍ ଭାବେ ପରିଗଣିତ କରାଯାଇଥାଏ ବୋଲି ସିଜେଆଇ ମତବ୍ୟକ୍ତ କରିଛନ୍ତି। ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ ଆସିବାକୁ ଥିବାବେଳେ ଏହା ପୂର୍ବରୁ ସିଜେଆଇଙ୍କ ଏହି ମତକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ବିଶେଷକରି ଦେଶରେ ମାନ୍ଦାବସ୍ଥା ଲାଗିରହିଥିବାବେଳେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏଭଳି ସମୟରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରୁଥିବାବେଳେ ସରକାରଙ୍କୁ ଅର୍ଥନୀତିର ପାଠ ପଢ଼ାଇଛନ୍ତି ସିଜେଆଇ।

## ଜିଲା ଟିଠି



### କନ୍ଧମାଳ

# ପେସାରୁ ଦୂର

ଶିକ୍ଷା ହେଉଛି ଦେଶର ମେରୁଦଣ୍ଡ। ଯେଉଁ ଦେଶରେ ଶିକ୍ଷା ବିକଶିତ, ସାରା ବିଶ୍ୱରେ ସେହି ଦେଶର ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ଦେଶ ସମୃଦ୍ଧ ହେବା ପାଇଁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଶିକ୍ଷାର ମୂଳଦୁଆ ଶିକ୍ଷକମାନେ ପକାଇଥାନ୍ତି। ଏବେ ଦେଖାଯାଉଛି ଶିକ୍ଷକମାନେ(ସମସ୍ତେ ନୁହନ୍ତି) ସେମାନଙ୍କ ପେସାରୁ ଦୂରେଇବାରେ ଲାଗିଛନ୍ତି। କନ୍ଧମାଳ ଜିଲାରେ ଦୁଇଟି ବିଭାଗରେ ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି। ଗୋଟିଏ ଜିଲା ଶିକ୍ଷା ବିଭାଗ ଏବଂ ଅନ୍ୟଟି ଜିଲା ମଙ୍ଗଳ ବିଭାଗ। ଏହି ଦୁଇଟି ବିଭାଗ କଥାକୁ ବିଚାରକୁ ନେଲେ ଗୋଟିଏ ଆରକୁ ବଳକା ପରି। ପ୍ରଥମେ ଶିକ୍ଷା ବିଭାଗ କଥାକୁ ବିଶ୍ଳେଷଣ କରିବା। ଚଳିତ ମାସରେ ଅନୁଷ୍ଠିତ ଜିଲା ଉନ୍ନୟନ ସମନ୍ୱୟ ଏବଂ ମନିଟରିଂ କମିଟି ବୈଠକ(ଦିଶା)ରେ ବିଧାୟକମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ସେମାନଙ୍କ କହିବା କଥା ଥିଲା, ଫୁଲବାଣୀ ବ୍ଲକର ମିଣିଆରେ ଥିବା ଏକ ସ୍କୁଲରେ ଗତ ଦୁଇ ବର୍ଷ ଧରି ଦୁଇଜଣ ଶିକ୍ଷକଙ୍କ ମଧ୍ୟରେ ମତାନ୍ତର ହେତୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେମାନଙ୍କ ବଦଳି ଦାବି ହୋଇ ଆସୁଥିଲେ ମଧ୍ୟ ତାହା କରାଯାଉ ନାହିଁ। କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ସ୍କୁଲରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଦୁଇ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଥିଲେ ମଧ୍ୟ ତାଙ୍କୁ ଅନ୍ୟତ୍ର ବଦଳି କରାଗଲାନାହିଁ। ସେହିପରି ଫୁଲବାଣୀ ଟାଉନ ଥାନାରେ ଜଣେ ଶିକ୍ଷୟିତ୍ରୀ ଓ ତାଙ୍କ ଶିକ୍ଷକ ସ୍ୱାମୀ ଜଣେ ଖବରଦାତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ଏବଂ ଫିରିଙ୍ଗିଆ ଥାନାରେ ସେହି ଶିକ୍ଷକଙ୍କ ଭାଇ, ଯିଏ ବି ଶିକ୍ଷକ ଅଛନ୍ତି ଅନ୍ୟ ଜଣେ ଖବରଦାତାଙ୍କୁ ଆକ୍ରମଣ କରିବାକୁ ନେଇ ମାମଲା ରୁଜୁ ହୋଇଛି। ବହୁ ଶିକ୍ଷକ ଅଛନ୍ତି ସେମାନେ ବିଦ୍ୟାଳୟ ନ ଯାଇ ଘରେ ବସି ଦରମା ନେଉଛନ୍ତି। ଯାହା ଶିକ୍ଷା ବିଭାଗ ଗୋଚରରେ ଚାଲିଛି। ଏବେ ଆସିବା ଜିଲା ମଙ୍ଗଳ ବିଭାଗକୁ। ଏହି ବିଭାଗକୁ ନେଇ କନ୍ଧମାଳ ଜିଲା ସାରା ଓଡ଼ିଶାରେ ଭିନ୍ନ ପରିଚୟ ପାଇଛି। କେଉଁ ବିଦ୍ୟାଳୟରେ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କଲେଣି ତ କେଉଁଠି ଛାତ୍ରୀ ଗର୍ଭବତୀ ହୋଇ ପିଲା ଜନ୍ମ କଲେଣି। କେତେକ ସେବାଶ୍ରମରେ ଚିକିତ୍ସା ଅବହେଳାରୁ ପିଲାଙ୍କ ମୃତ୍ୟୁହେବା ଘଟଣା ବିଗତ ଦିନରେ ଖବରର ଶିରୋନାମା ପାଲଟିଛି। ଏହାବାଦ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେତେଜଣଙ୍କ ନାମରେ ଖୋଦ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ଚାପି ଦିଆଯାଇଛି। ଏଭଳି ୩/୪ଟି ଘଟଣାକୁ ନେଇ ଏବେ ଜିଲାରେ ପ୍ରହେଳିକା ସୃଷ୍ଟି ହେବାରେ ଲାଗିଛି। ବିଧାୟକମାନେ ଏବେ ଏସବୁର ଖୋଳତାଡ ଆରମ୍ଭ କରୁଥିଲେ ବି ସେମାନଙ୍କ ପାଖରେ ଏକ ପ୍ରକାର ଅସହାୟତା ଦେଖିବାକୁ ମିଳୁଛି। ସେହିପରି ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବିଭାଗରେ ଶିକ୍ଷକମାନଙ୍କ ବଦଳି ହେଉନାହିଁ। କିଛି ଘଟଣାକୁ ନେଇ ଲୋକ ଦେଖାଣିଆ ଭାବେ ହାତଗଣତି କେତେଜଣଙ୍କ ବଦଳି ହୋଇଛି। ଅନ୍ୟମାନେ ଗାଦି ମାଡ଼ି ବସିଛନ୍ତି। ଏପରିକି କେତେଜଣଙ୍କ ନାମରେ ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ସେମାନଙ୍କୁ ଅନ୍ୟ ସ୍କୁଲକୁ ପଠାଯାଇନାହିଁ। ଘଟଣା ପଛର କାହାଣୀ ସମସ୍ତଙ୍କୁ ଜଣାଅଛି ବୋଲି ସବୁଠି ଆଲୋଚନା ହେଉଛି।

**– ରାକେଶ କୁମାର ରାଉତ**

# ଦଶପଲ୍ଲାରୁ ପୁରୀ ଅଭିମୁଖେ ଗଲା ରଥକାଠ

**ଦଶପଲ୍ଲା,୨୪।୧(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ଦଶପଲ୍ଲା ବନାଞ୍ଚଳରୁ ଶୁକ୍ରବାର ଦୁଇଟି ଟ୍ରକ୍‌ରେ ୫୩ ଖଣ୍ଡ କାଠ ପୁରୀ ଅଭିମୁଖେ ଯାତ୍ରା କରିଛି। କାଠଗୁଡ଼ିକ ମଧ୍ୟରେ ୨୦ ଫୁଟିଆ ଅସନ ୧୧ ଖଣ୍ଡ, ୧୨ ଫୁଟିଆ ଅସନ ୧୦ ଖଣ୍ଡ, ୨୦ ଫୁଟିଆ ଧଉରା ୮ ଖଣ୍ଡ, ୧୨ ଫୁଟିଆ ଧଉରା ୨୪ ଖଣ୍ଡ ଥିବା ଜଣାଯାଇଛି। ପୋଖରୀଗୋଚ୍ଛା ରିଜର୍ଭ ଫରେଷ୍ଟ କମ୍ପାଟମେଣ୍ଟ ୪ ଏବଂ ସାକେଣୀ ସେକସନର ପଙ୍କୁଆ ଅଞ୍ଚଳରୁ କାଠଗୁଡ଼ିକ ସଂଗ୍ରହ କରାଯାଇ ବେବିରି ଠାରେ ରଖାଯାଇଥିଲା। ସାକେଣୀ ବନପାଳ ମନୋଜ ପ୍ରଭାକର ସାହୁ, ପୋଖରୀଗୋଚ୍ଛା ବନପାଳ ରାକେଶ ସାହୁ, ଫରେଷ୍ଟ ଗାର୍ଡ ନାରାୟଣ ମହାରଣା ଓ ସଞ୍ଜୟ ବେହେରା ଏବଂ ଡେପୁଟି ରେଞ୍ଜର ନିଖିଳେଶ ମଲିକଙ୍କ ନେତୃତ୍ୱରେ କାଠଗୁଡ଼ିକ ସଂଗ୍ରହ କରାଯାଇଥିଲା। ବେବିରି ଗ୍ରାମଠାରେ ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ହୋମ କରାଯାଇ କାଠଖଣ୍ଡଗୁଡ଼ିକ ଗାଡ଼ିରେ ଲୋଡ୍ କରାଯାଇଥିଲା। ଏହାପରେ କାଠଗୁଡ଼ିକୁ ଦଶପଲ୍ଲା ମହାବୀର ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇ ପୁରୀ ଅଭିମୁଖେ ଯାତ୍ରା କରିଥିଲା।

ଚଳିତବର୍ଷ ରଥ ନିର୍ମାଣ ନିମନ୍ତେ ୬୭୨ ଖଣ୍ଡ କାଠ ଦଶପଲାରୁ ଯିବାର ଥିବା ବିଷୟ ବନ ବିଭାଗ ସୂତ୍ରରୁ ଜଣାଯାଇଛି। ଚଳିତ ମାସ ଜାନୁୟାରୀ ୮ ତାରିଖ ଗଣିଆ ବଡ଼ମୂଳଠାରେ ପୁରୀରୁ ଆଜ୍ଞାମାଳ ଆସିବା ପରେ ହୋମଯଜ୍ଞ ହୋଇଥିଲା। ଏହାପରେ ରଥ କାଠ କଟା ଆରମ୍ଭ ହୋଇଥିଲା।



ପୁରୀ ଅଭିମୁଖେ ଯାଉଛି ରଥକାଠ।

# କନଷ୍ଟେବଲଙ୍କ ସମେତ ୪ ଗିରଫ

**ଧର୍ମଶାଳା/ଯାଜପୁର ଟାଉନ, ୨୪।୧ (ଡିଏନ୍‌ଏ):** ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ବାଳିକାଙ୍କୁ ଗତ ୧୪ତାରିଖ ଅପହରଣ କରିନିଆଯିବା ପରେ ତାଙ୍କୁ ୪ଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଏହି ଘଟଣାକୁ ନେଇ ଗତ କିଛିଦିନ ଧରି ରାଜନୈତିକ ତାତି ଜୋର ଧରିଥିବାବେଳେ ଶୁକ୍ରବାର ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ସାମଲ ଓରଫ ପିଣ୍ଟୁଙ୍କ ଭିଣୋଇ ତଥା ଧର୍ମଶାଳା ଥାନା କନଷ୍ଟେବଲ ସନ୍ତୋଷ ବାରିକ, ସତ୍ୟନାରାୟଣଙ୍କ ମାଉସୀ ପୁଷ୍ପାଞ୍ଜଳି ବେହୁରା ଓ ୨ ସାଙ୍ଗ ଅବଦୁଲ ମୋଫିଜୁଲ ରେହମାନ ଏବଂ ମୋହନ ମହାନ୍ତି। ପୀଡ଼ିତାଙ୍କୁ ସନ୍ତୋଷ ଫୋନ କରି ଧମକ ଦେଇଥିବାରୁ ଓ ପୁଷ୍ପାଞ୍ଜଳି ତାଙ୍କୁ ନିଜ ଘରେ ଲୁଚାଇ ରଖିଥିବାରୁ ପୋଲିସ ଉଭୟଙ୍କୁ ଗିରଫ କରିଥିବା କହିଛି। ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ପିଣ୍ଟୁ ନାବାଳିକାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ନାବାଳିକାଙ୍କୁ ନିଶା ଦେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକାଙ୍କୁ ପ୍ରଥମେ କଟକ ଓ ପରେ ସୁକିନ୍ଦାରେ ରଖି ବଳାତ୍କାର କରିବା ପରେ ତାଙ୍କୁ ୧୮ ତାରିଖ ଅପରାହ୍ନରେ ବାରବାଟୀରେ ଆଣି ଛାଡ଼ି ଦେଇଥିଲେ। ପୀଡ଼ିତାଙ୍କ ବାପା ତାଙ୍କୁ ଉଦ୍ଧାରକରି ଧର୍ମଶାଳା ଥାନାକୁ ନେଇଥିଲେ। ପୋଲିସ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରାଇ ତାଙ୍କୁ ଯାଜପୁର ମେଡିକାଲକୁ ପଠାଇବା ସହିତ ଏକ ମାମଲା (ନଂ.୧୭/୨୦) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ଓ ତାଙ୍କ ଭାଇ ରୁଦ୍ର ନାରାୟଣ ସାମଲ ଓରଫ ମିଟୁ, ଭଉଣୀ କବିତା ସାହୁ, ବନିତା ପ୍ରଧାନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଦ୍ୟାବଧି ପୋଲିସ ୮ ଜଣଙ୍କୁ ଗିରଫ କରିଥିବାବେଳେ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଧର୍ମଶାଳା ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା

# ନନ୍ଦନକାନନକୁ ଆସିବ ଧଳା ଗଣ୍ଡା

**ବାରଙ୍ଗ, ୨୪।୧ (ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଖୁବଶୀଘ୍ର ଆସିବେ ନୂଆ ଅତିଥି। ସିଙ୍ଗାପୁରରୁ ଧଳା ଗଣ୍ଡା ଓ ଶ୍ରୀଲଙ୍କାରୁ ଆଫ୍ରିକୀୟ ସିଂହ ଅଣାଯିବା ପାଇଁ ଆଲୋଚନା ହୋଇଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଉପରେ ସହମତି ମିଳିଲେ ସିଂହ ଓ ଧଳା ଗଣ୍ଡା ନନ୍ଦନକାନନକୁ ଆସିବ। ଏହି ବିଷୟରେ ନନ୍ଦନକାନନ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍ କହିଛନ୍ତି। ଏଥର ନୂଆ ରୂପରେ ଝଲସିବ ଗଣ୍ଡା ଏନକ୍ଲୋଜର। ତେବେ ନନ୍ଦନକାନନ ପାଇଁ ନୂଆ ପ୍ରଜାତି ସାଜିଥିବା ଧଳା ଗଣ୍ଡା ଆସିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଆଶା କରାଯାଇଛି। ଉଲ୍ଲେଖଯୋଗ୍ୟ, ୧୯୭୬ ମସିହାରେ ନନ୍ଦନକାନନକୁ ଆସାମର ଗୁଆହାଟୀରୁ ନକ୍ଷୀନାମକ ମାଈ ଗଣ୍ଡା ନନ୍ଦନକାନନକୁ ଆସିଥିବାବେଳେ ତା’ର ସାଥୀ ନନ୍ଦକୁ ୨୧ ଡିସେମ୍ବର ୧୯୭୯ ମସିହାରେ ଅଣାଯାଇଥିଲା। ତେବେ ୨୦୦୭ରେ ନକ୍ଷୀ ମୃତ୍ୟୁ କରିଥିବାବେଳେ ନନ୍ଦ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଥିଲା।



ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର । କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ । -ଶ୍ରୀଅରବିନ୍ଦ



# ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଆର୍‌ପିଏଫ୍‌ର ନୂଆ ମହାନିର୍ଦ୍ଦେଶକ ଭାବେ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଏ.ପି. ମାହେଶ୍ୱରୀଙ୍କ ନିଯୁକ୍ତିରେ କେତେକ ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ମାହେଶ୍ୱରୀ ଆଇଟିବିପି (ଭାରତ-ତିବ୍ବତ ସୀମା ପୋଲିସ) ମହାନିର୍ଦ୍ଦେଶକ ଏସ.ଏସ୍. ଦେଶୱାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯିଏ ଗତମାସରେ ସିଆର୍‌ପିଏଫ୍‌ର ପୂର୍ବ ମହାନିର୍ଦ୍ଦେଶକ ରାଜୀବ ରାୟ ଭଟ୍ଟନାଗରଙ୍କ ସେବାନିବୃତ୍ତି ପରେ ସିଆର୍‌ପିଏଫ୍‌ର ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ମାହେଶ୍ୱରୀ ଏବେ ୩.୨୫ ଲକ୍ଷ କର୍ମଚାରୀ ଥିବା ଭାରତର ସବୁଠୁ ବଡ଼ ଅର୍ଦ୍ଧସାମରିକ ବଳର ମୁଖ୍ୟ ହୋଇଛନ୍ତି । ସେ ଆଗାମୀ ବର୍ଷ ଅବସର ନେବା ପର୍ଯ୍ୟନ୍ତ ଦେଶର ମାଓବାଦବିରୋଧୀ ତଥା ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦବିରୋଧୀ ଅଭିଯାନର ନେତୃତ୍ୱ ନେବେ । ସିଆର୍‌ପିଏଫ୍‌ରେ ଏହି ୟୁପି କ୍ୟାଡର ଅଧିକାରୀ ବିଭିନ୍ନ ପଦବୀରେ ୯ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିସାରିଥିବାବେଳେ ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ । ସେ ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋର ଡି.ଜି., ସୀମା ସୁରକ୍ଷା ବଳର ସ୍ୱତନ୍ତ୍ର ଡି.ଜି. (ଅପରେଶନ) ସହ ସିଆର୍‌ପିଏଫ୍‌ରେ ଆଇ.ଜି. (ଅପରେଶନ) ଏବଂ ଆଇ.ଜି. (ଶ୍ରୀନଗର ସେକ୍ଟର) ଭାବେ ସେବା କରିଛନ୍ତି । ଏହି ନିଯୁକ୍ତି ପୂର୍ବରୁ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ତେବେ ଜଣେ ସ୍ୱତନ୍ତ୍ର ସଚିବଙ୍କୁ ସିଆର୍‌ପିଏଫ୍‌ର ଡିଜି ଭାବେ ନିଯୁକ୍ତି ଦେବା ଅସ୍ୱାଭାବିକ ମନେହୁଏ । ମାହେଶ୍ୱରୀଙ୍କୁ ତାଙ୍କ ସେବା ଲାଗି ଏପରିଭାବେ ପୁରସ୍କୃତ କରାଯାଇଥାଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ମନେକରୁଛନ୍ତି ।

### ସିଆଇଡି ଲାଗି ବିବାଦ

ହରିୟାଣାର ଗୃହମନ୍ତ୍ରୀ ଅନିଲ ଭିଜ୍ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା ସିଆଇଡି ମୁଖ୍ୟ ଅନିଲ କୁମାର ରାଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରାଜ୍ୟ ଗୃହସଚିବଙ୍କୁ ଲିଖିତଭାବେ ଜଣାଇଛନ୍ତି । କେବଳ ଏତିକି ନୁହେଁ, ରାଓଙ୍କ ବଦଳରେ ସେହି ପଦବୀରେ ୧୯୮୪ ବ୍ୟାଚ୍‌ର ଆଉ ଜଣେ ଅଧିକାରୀ ଶ୍ରୀକାନ୍ତ ଯାଦବଙ୍କୁ ଅବସ୍ଥାପିତ କରିବାକୁ ମଧ୍ୟ ଦାବି କରିଛନ୍ତି । ଗୃହ ସଚିବ ଭିଜ୍‌ଙ୍କ ଦାବିକୁ ଗ୍ରହଣ କରିବେ ବୋଲି ମନେହେଉଛି । ରାଜ୍ୟ ସିଆଇଡିର କାର୍ଯ୍ୟଧାରାରେ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା ନୁହେଁ । ଏହି ବିଭାଗକୁ କିଏ ଚଳାଇବ ସେ ନେଇ ତାଙ୍କର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ବି ବିବାଦ ଉପୁଜିଥିଲା । ବିଭାଗର କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ଆବଶ୍ୟକ ପ୍ରସ୍ତାବ ଦେବାକୁ ସେ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଥିଲେ । ସିଆଇଡି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିବା ପରମ୍ପରା ରହିଆସିଛି, କିନ୍ତୁ ଭିଜ୍‌ଙ୍କ ମତ ଭିନ୍ନ । ଖଟ୍ଟର ସେହି ବିଭାଗ ଚଳାନ୍ତୁ ବୋଲି ସେ ଚାହାନ୍ତି ନାହିଁ । ଦୁର୍ଭାଗ୍ୟବଶତଃ ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ବିବାଦରେ ଏବେ ସିଆଇଡି ମୁଖ୍ୟ ରାଓ ବଳିପଡିପାରନ୍ତି । ଏହି ଲଢ଼େଇରେ କିଏ ଜିତିବ ସେଥିରେ କିଛି ଫରକ ପଡିବନି, କିନ୍ତୁ ରାଜ୍ୟ ସିଆଇଡିର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଛି ।

### ବିବାଦରୁ ବିଦା

ସମ୍ପ୍ରତି ମହାରାଷ୍ଟ୍ରରେ ବାବୁମାନଙ୍କର ଯେଉଁ ଅଦଳବଦଳ ହେଲା ସେଥିରେ ଗୋଟିଏ ଘଟଣାକୁ ଛାଡି ସେମିତି କିଛି ନୂଆକଥା ନ ଥିଲା । ମୁମ୍ବାଇ ମେଟ୍ରୋ ରେଲ କର୍ପୋରେଶନ (ଏମ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅଶ୍ୱିନୀ ଭିଦେଙ୍କୁ ରାଜ୍ୟ ସରକାର ବିଦା କରିଦେଲେ । ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଯେବେଠୁ ଆଦିତ୍ୟ ଠାକ୍‌ରେ ରାଜ୍ୟ ସଂସ୍କୃତି ଓ ପରିବେଶ ମନ୍ତ୍ରୀ ହେଲେଣି, ସେବେଠୁ ଏପରି ହୋଇପାରେ ବୋଲି ଜଣାପଡୁଥିଲା । ଗତବର୍ଷ ମେଟ୍ରୋ ପ୍ରୋଜେକ୍ଟ ଲାଗି ମୁମ୍ବାଇର ଆରେ କଲୋନୀରେ ଗଛ କାଟିବାକୁ ନିର୍ଦ୍ଦେଶ ଦେଇଥିବାରୁ ଭିଦେଙ୍କୁ ବଦଳି କରିବା ଲାଗି ସେ ସାଧାରଣରେ ଦାବି କରିଥିଲେ । ଏହା ପାଖାପାଖି ସେହି ସମୟର ଥିଲା ଯେତେବେଳେ ରାଜ୍ୟରେ ସରକାର ଗଢ଼ିବା ଅନିଶ୍ଚିତତା ଭିତରେ ଥିଲା ଏବଂ ମହା ବିକାଶ ଅଘାଡି ସରକାର ଗଠନ ହୋଇ ନ ଥିଲା । ୧୯୮୮ ବ୍ୟାଚ୍ ଆଇଏଏସ ଅଧିକାରୀ ଭିଦେ ମେଟ୍ରୋ ଶେଡ୍ ପ୍ରୋଜେକ୍ଟର ଜଣେ ଦୃଢ଼ ସମର୍ଥକ ଥିଲେ ଏବଂ ରାଜନୈତିକ ଦଳ ଓ ଗ୍ରୀନ କାର୍ଯ୍ୟକର୍ତ୍ତାମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ । ତାଙ୍କ ସ୍ଥାନରେଏବେ ମହାରାଷ୍ଟ୍ର ସଡ଼କ ପରିବହନ ନିଗମର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଥିବା ରଣଜିତ୍ ସିଂ ଦେଓଲଙ୍କୁ ଅବସ୍ଥାପିତ କରାଯାଇଛି । କୌତୂହଳର କଥା ହେଉଛି ସେ ପ୍ରମୁଖ ସଚିବ ଭାବେ ପଦୋନ୍ନତି ପାଇବାର କିଛିଦିନ ପରେ ଏହି ବଦଳି କରାଯାଇଛି ।

Email: dilipcherian@gmail.com

# ଆମ ସମ୍ବିଧାନର ମହତ୍ତ୍ୱ



ବିପିନ ବିହାରୀ ମିଶ୍ର

ଆମ ସମ୍ବିଧାନ ପ୍ରସ୍ତୁତ ହେଲା ୨୬ ନଭେମ୍ବର ୧୯୪୯ରେ ଏବଂ କାର୍ଯ୍ୟକାରୀ ହେଲା ୨୬ ଜାନୁୟାରୀ ୧୯୫୦ରେ । ସମ୍ବିଧାନରେ ଲେଖାଯାଇଛି ଯେ ସମସ୍ତ ନାଗରିକ ଏହାକୁ ପ୍ରସ୍ତୁତ କରି ନିଜକୁ ସମର୍ପି ଦେଲେ । ଆରମ୍ଭ ହେବା ସମୟରେ ୩୯୫ ଧାରା ଥିଲା, ବର୍ତ୍ତମାନ ଏହା ୪୪୮ରେ ପହଞ୍ଚିଲାଣି । କାରଣ ଅନେକ ଥର ସମ୍ବିଧାନର ସଂଶୋଧନ କରାହୋଇଛି । ୧୯୪୫ ମସିହାରେ ଇଂରେଜ ସରକାର ସମ୍ବିଧାନ ଗଠନ କରିବା ପାଇଁ ଏକ ସଭା କରିବା ଲାଗି ରାଜି ହେଲେ । ଦଶ ଲକ୍ଷ ଲୋକଙ୍କ ପାଇଁ ଜଣେ ସଦସ୍ୟ ରହିବେ ଓ କେତେକ ଗୋଷ୍ଠୀ ସଦସ୍ୟଙ୍କୁ ମଧ୍ୟ ବିଚାରକୁ ନିଆଯିବାର ଥିଲା । ୩୮୯ ସଦସ୍ୟ ରହିବାର ଥିଲା, କିନ୍ତୁ ୨୯୬ ସଦସ୍ୟ ରଖାଗଲା । କାରଣ ମୁସଲିମ ଲିଗ୍ ଏହାକୁ ବର୍ଜନ କଲା । ଆମ ଦେଶରେ ଏବେ ସମ୍ବିଧାନ ପ୍ରସ୍ତୁତ ହେଉ, ଯାହାଦ୍ୱାରା ଦେଶ ସ୍ୱାଧୀନ ହେଲେ ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମହାତ୍ମା ଗାନ୍ଧୀ ୧୯୨୨ ମସିହାରୁ ଦାବିକରି ଆସୁଥିଲେ । ୧୮୯୫ରେ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କ ପ୍ରରୋଚନାରେ ସ୍ୱରାଜ୍ୟ ବିଲ୍ କରାଯାଇଥିଲା । ମହାତ୍ମା ଗାନ୍ଧୀଙ୍କର ଦାବିକୁ ଇଂରେଜ ସରକାର ଗ୍ରହଣ ନ କରିବାରୁ କଂଗ୍ରେସ ଦଳ ମୋତିଲାଲ ନେହେରୁ କମିଟି ବସେଇଲା ଏବଂ ଉକ୍ତ କମିଟି ବେଶି ଜୋର ଦେଲା ମୌଳିକ ଓ ମାନବିକ ଅଧିକାର ଉପରେ । ଆମର ଯେଉଁ ମୌଳିକ ଅଧିକାର ସମ୍ବିଧାନରେ ଅଛି, ସେଥିରୁ ଦଶଟି ହେଉଛି ମୋତିଲାଲଙ୍କ ପ୍ରସ୍ତାବର ସାମାନ୍ୟ ପରିବର୍ତ୍ତନ କରାଯାଇ ଗୃହୀତ ହୋଇଥିବା ଧାରା । ଭାରତୀୟମାନେ ନିଜର ଏକ ସମ୍ବିଧାନ କରିବା ପାଇଁ ଅକ୍ଷମ ବୋଲି ଜଣେ ଇଂରେଜ ପ୍ରଶାସକଙ୍କର ତାଚ୍ଛଲ୍ୟ ଭୁଲ୍ ପ୍ରମାଣିତ ହେଲା ।

ଇତିମଧ୍ୟରେ ୧୯୩୫ ମସିହାରେ ଇଂରେଜ ସରକାର ଭାରତୀୟମାନଙ୍କୁ ପ୍ରଶାସନର କିଛି ଅଂଶ ଗ୍ରହଣ କରିବା ପାଇଁ ଏକ ନିୟମ ପ୍ରଣୟନ କଲେ, ଯାହା ୧୯୩୫ ମସିହା ଆଇନ ବୋଲି କୁହାଯାଏ । ସମ୍ବିଧାନ-ସଭା ଏହାଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଛି । ତା' ବ୍ୟତୀତ ଆମର ଶାସ୍ତ୍ର, ପରମ୍ପରା, ଅତୀତର ବହୁ ଆଇନ ବିଶେଷଜ୍ଞ ଯଥା- ମନୁ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟଙ୍କ ମତ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି । ଏହି ସଭାର କାର୍ଯ୍ୟ ଆରମ୍ଭ ହେଲା ୧୯୪୬ ମସିହାରେ । ଦୁଇବର୍ଷ ଏଗାର ମାସ ୧୮ ଦିନ ପର୍ଯ୍ୟନ୍ତ ଆଲୋଚନା ଚାଲିଲା ଓ ଆଲୋଚନା ସମୟରେ ୭୬୫୩ ସଂଶୋଧନ ପ୍ରସ୍ତାବ ଆସିଲା । ସେଥିମଧ୍ୟରୁ ୨୪୭୩ ପ୍ରସ୍ତାବ ଉପରେ ବିଶଦ ଆଲୋଚନା କରାଗଲା । ସମ୍ବିଧାନ ସଭାରେ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍, ଡକ୍ଟର କେ. ମୁନ୍‌ସୀ, ଡ. ଆମ୍ବେଡକର ଓ ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର ପ୍ରମୁଖ ବହୁ ସୁନାମଧନ୍ୟ ପ୍ରତିନିଧି ।

ଭାରତ ଏକ ବିଶାଳ ଦେଶ । ବହୁ ଭାଷା, ବହୁ ଗୋଷ୍ଠୀ, ଅନେକ ଜନଜାତିଙ୍କର ଥିଲା ଭିନ୍ନ ଭିନ୍ନ ଆଶା ଓ ଦାବି । ସେଥିପାଇଁ ଏଭଳି ସମ୍ବିଧାନ କରାଗଲା, ଯାହାକି ସମଗ୍ର ଦେଶବାସୀଙ୍କୁ ସନ୍ତୁଷ୍ଟ କରିବ ଓ ସମସ୍ତେ ଏହାକୁ ଆମ ସମ୍ବିଧାନ ବୋଲି କହିବେ । ବାସ୍ତବରେ ସମ୍ବିଧାନର ପ୍ରଥମ ଧାଡି ଉଇ ଦି ପିପୁଲ ଅଫ୍ ଇଣ୍ଡିଆ (ଆମେ ଭାରତୀୟ ନାଗରିକମାନେ) ଆରମ୍ଭ ହୋଇ ଶେଷ ହୋଇଛି ଗିଭ୍ ଆଓ୍ୱାରସେଲ୍ଭସ୍ ଦି କନ୍‌ଷ୍ଟିଚ୍ୟୁଶନ (ଆମେ ନିଜକୁ ସମ୍ବିଧାନ ଅର୍ପଣ କରୁଛୁ) । ୧୨% ନାଗରିକ ପ୍ରତିନିଧିଙ୍କ ଦ୍ୱାରା ହୋଇଥିଲେ ମଧ୍ୟ ଏହା ସମଗ୍ର ଦେଶର ନାଗରିକମାନଙ୍କର ଇଚ୍ଛାକୁ ପ୍ରତିଫଳନ କରୁଥିଲା । ତେଣୁ ନିଃସଙ୍କୋଚରେ କୁହାଯାଇପାରିବ ଯେ ଆମ ସମ୍ବିଧାନ ନାଗରିକଙ୍କର, ନାଗରିକଙ୍କ ପାଇଁ ଓ ନାଗରିକଙ୍କ ଦ୍ୱାରା । କେହି କେହି ଆକ୍ଷେପ କରିଛନ୍ତି ଏହା ଏଭଳି ଜଟିଳ, ଏତେ ବିଶାଳ ଯେ ସମ୍ବିଧାନ ଆଇନଜୀବୀଙ୍କ ଦ୍ୱାରା ଓ ଆଇନଜୀବୀଙ୍କ ପାଇଁ ଏକ ସ୍ୱର୍ଗ । ଯେଉଁମାନେ ଏଭଳି ଆକ୍ଷେପ କରିଛନ୍ତି ସେମାନେ ଅବଗତ ଥିବେ ଯେ ସେହି ତଥାକଥିତ ଆଇନଜୀବୀମାନେ ହେଲେ ପଣ୍ଡିତ ନେହେରୁ (ଯିଏ ଅଳ୍ପ କେତେଦିନ ବିଚାରାଳୟକୁ ଯାଇ କଳା କୋର୍ଟ ଓହ୍ଲାଇ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ), ତାଙ୍କ ପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ୟ ଏକ ବାରିଷ୍ଟର କଳାକୋର୍ଟ ଛାଡି ଆନ୍ଦୋଳନ କରିଥିଲେ । ଡ. ଆମ୍ବେଡକର ଉଚ୍ଚଶିକ୍ଷିତ ଓ ଆଇନଜ୍ଞ ହେଲେ ମଧ୍ୟ ସେ ଦଳିତମାନଙ୍କ ପାଇଁ କାର୍ଯ୍ୟ କରୁଥିଲେ ଓ ସମ୍ବିଧାନ କାର୍ଯ୍ୟକାରୀ କମିଟିର ସଭାପତି ହେଲେ । କେ. ମୁନ୍‌ସୀ ଓକିଲାତି ଛାଡି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଯେଉଁସବୁ ଆଇନଜୀବୀମାନେ ଯୋଗ ଦେଇଥିଲେ ସେମାନେ ଅତ୍ୟନ୍ତ ପ୍ରତିଷ୍ଠିତ, ବିଜ୍ଞ, ଜ୍ଞାନୀ ଓ ସାମାଜିକ କର୍ମୀ ଥିଲେ । ତେଣୁ ସମ୍ବିଧାନକୁ ଆଇନଜୀବୀଙ୍କ ଦ୍ୱାରା ପ୍ରଣୀତ ବୋଲି କୁହାଯିବ ନାହିଁ ବରଂ ଏହା ଜ୍ଞାନୀ ଓ ଦେଶ ସେବକଙ୍କ ଦ୍ୱାରା ପ୍ରସ୍ତୁତ ବୋଲି କୁହାଯିବ । ସେମାନେ ବିଶାଳ ସମ୍ବିଧାନ କଲେ ଦେଶବାସୀଙ୍କ ପାଇଁ । ବିଭିନ୍ନ ମତର ତର୍ଜମା କରି ସେମାନେ ଏକ ଗ୍ରହଣୀୟ ମତ ସୃଷ୍ଟି କଲେ ।

ସମ୍ବିଧାନ ଗଠନ ଆରମ୍ଭରେ ପଣ୍ଡିତ ନେହେରୁ ସମ୍ବିଧାନର ଲକ୍ଷ୍ୟ କ'ଣ ସେ ବିଷୟରେ ଏକ ଚିଠା ପ୍ରସ୍ତୁତ କଲେ ଯାହାକି ପରେ ସମ୍ବିଧାନର ମୁଖଶାଳା ହେଲା । କିନ୍ତୁ ସର୍ଦ୍ଦାର ପଟେଲଙ୍କ ଅବଦାନ ଅଧିକ ଅବିସ୍ମରଣୀୟ । ବିଭିନ୍ନ ପ୍ରସ୍ତାବ, ବାଦବିବାଦ, ସଂଶୋଧନ ପ୍ରସ୍ତାବ ଓ ତା'ର ପ୍ରତିବାଦକୁ ଧୈର୍ଯ୍ୟର ସହିତ ଶୁଣି ସର୍ଦ୍ଦାର ପଟେଲ୍ ସଭାରେ କିଛି କହନ୍ତି ନାହିଁ ଏବଂ ଦୁଇ ପକ୍ଷକୁ ପରଦା ପଛକୁ ଡାକି ଆଲୋଚନାକରି ସମାଧାନ କରିଦେଉଥିଲେ । ଏତେ ବିରାଟ ସମ୍ବିଧାନ ହେଲା, ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ଆଲୋଚନା ଚାଲିଲା, ଅଥଚ ସଭାଗୃହ ବର୍ଜନ, ସଭାପତି (ରାଜେନ୍ଦ୍ର ପ୍ରସାଦ)ଙ୍କ ଟେବୁଲକୁ ଚଢ଼ିଯିବା, କାଗଜ ଫୋପାଡିବା, ନାରାବାଜି କରିବା ଇତ୍ୟାଦି ଆଚରଣ ଛାଡନ୍ତୁ, କୌଣସି ପ୍ରସ୍ତାବ ଏବଂ ଧାରା ଉପରେ ଭୋଟ ଦାବି ହୋଇନାହିଁ । ଏହା ଆମ ସମ୍ବିଧାନର ଏକ ବିଶେଷତ୍ୱ ଏବଂ ଏହା ପ୍ରମାଣିତ କରେ ଯେ, ସେ ଯୁଗରେ ବହୁ ବିରାଟ ବ୍ୟକ୍ତିତ୍ୱ ଥିଲେ । ସେମାନେ ଦେଶର ପ୍ରତିନିଧି ଏବଂ ତାଙ୍କ ଆଚରଣରୁ ପ୍ରମାଣିତ ହୁଏ ଆମ ଦେଶର ସଂସ୍କୃତି କେଉଁ ସ୍ତରରେ ଥିଲା ଏବଂ ବର୍ତ୍ତମାନ କେଉଁ ସ୍ତରରେ ଅଛି ।

ସମ୍ବିଧାନର ଚିଠା ପ୍ରସ୍ତୁତିରେ କେତେକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିଲା । ଦେଶରେ ସଂସଦୀୟ ଶାସନ ହେବ କି ରାଷ୍ଟ୍ରପତି ଶାସନ ହେବ, ଏକତ୍ୱ ଶାସନ କିମ୍ବା ସଂଘ ଶାସନ, ରାଷ୍ଟ୍ରଭାଷା କ'ଣ ହେବ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କିପରି କ୍ଷମତା ବଣ୍ଟନ ହେବ, ଦଳିତ ଜାତିଙ୍କ ପାଇଁ କିପ୍ରକାର ଏବଂ କେତେ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସୁବିଧା ଦିଆଯିବ ଇତ୍ୟାଦି ଆଲୋଚନା ହେଲା । ପୁରୁଷୋତ୍ତମ ଦାସ ଟଣ୍ଡନ ଏବଂ ତାଙ୍କ ଗୋଷ୍ଠୀ ଦାବି କଲେ ଯେ, ହିନ୍ଦୀ ରାଷ୍ଟ୍ରଭାଷା ହେଉ, ଯାହାକୁ ଅନେକେ ବିରୋଧ କଲେ । ଜଣେ ସଦସ୍ୟ କହିଲେ ଯେ ଯେଉଁମାନେ ହିନ୍ଦୀ ନ ଜାଣିଛନ୍ତି ସେମାନେ ଦେଶ ଛାଡି ପଳେଇ ଯାଆନ୍ତୁ । ତାଙ୍କୁ ପଣ୍ଡିତ ନେହେରୁ ଏଇଟା ଝାନ୍‌ସୀର ଲୋକମାନଙ୍କ ସଭା ନୁହେଁ, ଏହା ହେଉଛି ଏକ ପବିତ୍ର ଅନୁଷ୍ଠାନର ସଭା କହି ବସେଇ ଦେଲେ । ଏ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ସମ୍ବିଧାନ ସଭା । ଯେତେବେଳେ ଚିଠା ପ୍ରସ୍ତୁତ ହେଲା ସେତେବେଳେ ଦୁଇଜଣଙ୍କର ଅବଦାନ ଆମେ ଭୁଲିବା ଉଚିତ ନୁହେଁ । ସମ୍ବିଧାନ ସଭାରେ ଏନ୍. ବେନ୍‌ଗୁଲ ରାଓଙ୍କୁ ଉପଦେଷ୍ଟା ଭାବେ ନିଆଯାଇଥିଲା ଏବଂ ତାଙ୍କର ସହାୟକ ଥିଲେ ଏସ୍.ଏନ୍. ମୁଖାର୍ଜୀ । ବେନ୍‌ଗୁଲ ରାଓ ଅତି ଉଚ୍ଚଶିକ୍ଷିତ ଆଇସିଏସ୍ ଅଫିସର ଓ ହାଇକୋର୍ଟର ଜଜ୍ ଥିଲେ । ସେ ଚିଠା ପ୍ରସ୍ତୁତ କରିବାରେ ଡ. ଆମ୍ବେଡକରଙ୍କୁ ବହୁତ ସାହାଯ୍ୟ କରିଛନ୍ତି ଏବଂ ସମ୍ବିଧାନର ଭାଷାକୁ ସରଳ କରିବାରେ ତାଙ୍କର ସହାୟକ ଏସ୍.ଏନ୍. ମୁଖାର୍ଜୀଙ୍କ ଇତିହାସ ମନେରଖିବା ଉଚିତ । ସେହିପରି ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର । ସେ ମାଡ୍ରାସରେ ୧୫ ବର୍ଷ ପର୍ଯ୍ୟନ୍ତ ଆଡଭୋକେଟ୍ ଜେନେରାଲ ଓ ଦେଶର ଜଣେ ତୁଙ୍ଗ ଆଇନଜ୍ଞ ବୋଲି ଗଣାଯାଉଥିଲେ । ଡ. ଆମ୍ବେଡକର ନିଜେ ସ୍ୱୀକାର କରିଛନ୍ତି ଯେ ଆଇନ ଜ୍ଞାନରେ ଆଲାଡି ତାଙ୍କଠାରୁ ବହୁତ ଆଗରେ । ସଭାରେ ଯେଉଁ ଆଲୋଚନା ହେଲା ତାହା ସମସ୍ତ ଲିଖିତ ହୋଇଛି । ୧୨ ଖଣ୍ଡ ଏବଂ ପ୍ରତ୍ୟେକ ହଜାରେ ପୃଷ୍ଠା ପାଖାପାଖି । ତାକୁ ପଠନ କଲେ ଜଣାଯିବ ଯେ ଆଲୋଚନା କେତେ ଉଚ୍ଚସ୍ତରର ଥିଲା । ଏଇ ଚିଠାକୁ ଧରି ସାର୍ ବେନ୍‌ଗୁଲ ରାଓ ଇଂଲଣ୍ଡ, ଆୟର୍ଲାଣ୍ଡ, ଆମେରିକା, କାନାଡାକୁ ଯାଇ ସେଠାର ଆଇନଜୀବୀ, ଜଜ୍ ପ୍ରମୁଖଙ୍କ ସହିତ ଆଲୋଚନା କରି ସଂଶୋଧନ ମଧ୍ୟ କଲେ । ଶେଷକୁ ସମ୍ବିଧାନ ପ୍ରସ୍ତୁତ ହେଲା ଏବଂ ୨୬ ଜାନୁୟାରୀରେ ଦେଶକୁ ମିଳିଲା ଏକ ଭେଟି, ଯାହାକି ଚିର ଜୀବନ୍ତ ହୋଇ ଆବଶ୍ୟକତା ଦୃଷ୍ଟିରୁ ସଂଶୋଧିତ ହେଉଛି, କିନ୍ତୁ ପରିବର୍ତ୍ତିତ ହେଉନାହିଁ । ଏହା ହିଁ ଆମ ସମ୍ବିଧାନର ମହତ୍ତ୍ୱ ।

ମୋ-୯୦୪୦୪୧୨୩୭୮

# ସେକାଳ ଚିଠି



ଡା. ବାସୁଦେବ ପ୍ରଧାନ

ଆଜି ବାକ୍ସ ଭିତରୁ ପୁରୁଣା ଚିଠିଟିଏ ପାଇ ଚିଠି ବିଷୟରେ ଦୁଇପଦ ଲେଖିବାକୁ ଇଚ୍ଛା ହେଲା । ଚିଠି ବହୁ ପୁରୁଣା କଥା ମନେ ପକେଇଦିଏ । ଯୁବସୁଲଭ ଗୁଣ ମନକୁ ରୋମାଞ୍ଚଭରା କରିଦେଲା । ପ୍ରେମର ବାହକ ଥିଲା ଚିଠି । ଉତ୍କଣ୍ଠା, ଆବେଗ, ବିରହ ମିଳନର ବାଷ୍ପାରେ ବାଷ୍ପାୟିତ ଚିଠିର ଦେହ । ଆଖିରେ ଆଖି ମିଶିବା ପରେ ଅଧିକ କିଛି କୁହାଯାଏ ଚିଠିରେ । ଭାରି ଭାରି ଶବ୍ଦରେ ଓଜନିଆ ହୋଇଉଠେ ଦେହ ତା'ର । କେତେବେଳେ ଦୁଇ ପଦରେ ସରୁଥିଲା ତ କେତେବେଳେ ବଢୁଥିଲା ତା'ର କଳେବର । ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟପତ୍ର, ଲଫାପା ମାଧ୍ୟମରେ ଲେଖା ହେଉଥିଲା ଚିଠି । ସମୟ ବାହାର କରି ମନକଥା ଲେଖାହେଉଥିଲା । ଚିଠି ଲେଖୁଥିବା ଲୋକ ଉତ୍ତର ପାଇବା ଆଶାରେ ଚାହିଁ ବସୁଥିଲା । ଉତ୍ତର ପ୍ରାପ୍ତିରେ ବିଳମ୍ବ ହେଲେ ମନରେ ଦୁଃଖ ଭରିଯାଉଥିଲା । ଆଉ ଉତ୍ତର ପାଇଲେ ଆନନ୍ଦର ସୀମା ରହୁ ନ ଥିଲା । ଚିଠି କେବଳ ଡାକବାଲା ନେଉ ନ ଥିଲା । ଚିଠିକୁ ମଧ୍ୟ ଜହ୍ନ, କେତେବେଳେ ମେଘ ହାତରେ ବି ପଠାଯାଉଥିଲା ମନର କଳ୍ପନାରେ । ସେଥିପାଇଁ ଅନେକ ଓଡ଼ିଶୀ, ଛାନ୍ଦ, ଢଗଢମାଳି ରଚନା କରାଯାଇଛି । ଯେମିତି ମେଘକୁ ଡାକବାଲା ସଜାଇ ବୋଲା ଯାଉଥିଲା- କହିବୁ ମେଘରେ କାନ୍ତଙ୍କୁ ଯାଇ... । ଆଉ କେବେ ନିଜସ୍ୱ କବିତାରେ ଜହ୍ନକୁ ଡାକବାଲା ସଜାଇ ଲେଖିଚି- ଜହ୍ନରେ ଜହ୍ନ ଯିବୁ ଗାଁକୁ ଦେଖିଆସିବୁ ମୋ ପ୍ରିୟାକୁ ।

ପିଲାବେଳ କଥା ମନେପଡେ । ସ୍କୁଲ ଯିବାକୁ ତର ତର । ସ୍କୁଲରୁ ଆସି ବସ୍ତାନି ଫିଙ୍ଗି ଖେଳିବାକୁ ଯିବାକୁ ତରତର । ସେତିକିବେଳେ ବିଦେଶରେ ରହୁଥିବା ସ୍ୱାମୀ, ପୁଅମାନଙ୍କର ସ୍ତ୍ରୀ ଓ ମା'ମାନେ ଚିଠିଟିଏ ଲେଖିବା ପାଇଁ ଅନୁରୋଧ କରୁଥିଲେ । ନ ଲେଖିଲେ ମନ ଦୁଃଖ କରୁଥିଲେ । ଚିଠି ଲେଖିଦେବା ପାଇଁ ପାଚିଲା କଦଳୀ, ପିଜୁଳି, ସିତାଫଳ କେତେ କ'ଣ ଲାଞ୍ଚ ମିଳୁଥିଲା । ପାଲା ଗାଇବା ପୂର୍ବରୁ ମଙ୍ଗଳାଚରଣ ଗାଇବା ପରି ଶ୍ରୀଶ୍ରୀଗ୍ରାମଦେବତୀଙ୍କ ଚରଣେ ଶରଣ, ବୃନ୍ଦାବନଚନ୍ଦ୍ରଙ୍କ ଚରଣେ ଶରଣ, ଶ୍ରୀଶ୍ରୀବାଲୁଙ୍କେଶ୍ୱରଙ୍କ ଚରଣେ ଶରଣ । ଏମିତି ଲେଖୁ ଲେଖୁ ଚିଠି ଅଧା ହୋଇଯାଏ । (ଜଣେ କବିଙ୍କ ଭାଷାରେ କଲିକତାରୁ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀ ପାଖକୁ ଚିଠି ଲେଖିଛନ୍ତି: ଶିରୀ ଶିରୀ ଗଙ୍ଗାକାଳୀ ଚରଣେ ଶରଣ, ଲଇକ୍ଷଣ ବୋଉ ଶୁଣ ଲେଖିବା କାରଣ... ।) ଆଉ ଅଧାରୁ ଦାଦାଙ୍କର ଆଶୀର୍ବାଦ, ଖୁଡୀଙ୍କର ଆଶୀର୍ବାଦ, ଜେଜେମା, ଜେଜେବାପାଙ୍କର ଆଶୀର୍ବାଦ, ଭାଇ ଭାଉଜଙ୍କର ଆଶୀର୍ବାଦ ଲେଖାରେ ବାକି ଅଧକରୁ ଅଧା ସରିଯାଏ । ଅବଶିଷ୍ଟ ଚାରଣା ଜାଗାରେ ମୂଳ ପ୍ରସଙ୍ଗ ରହୁଥିଲା । ଏଇ ଯେମିତି ଏବର୍ଷ ଫସଲ ଭଲ ହୋଇନି । ଧୋଇ ମରୁଡିରେ ସବୁତକ ଗଲା । ଝିଅ ପାଇଁ କଂସାବାସନ କିଣା, ସ୍ନୋପାଉଡର, କଜ୍ଜଳ, ସିନ୍ଦୂର, ପାଟରା ଜିନିଷର ବିବରଣୀ । ଶେଷରେ ଧାରକରଜର ତାଲିକା । ଟଙ୍କା ପଠେଇବାକୁ ଅନୁରୋଧ । ଶେଷ କେଇ ଧାଡିରେ ନିଜ ଦେହପାକୁ ଜଗିରଖିବାକୁ ପରାମର୍ଶ । ଏମିତି କେତେକଥା । ସବୁଠାରୁ ମନଛୁଆଁ ଧାଡିଟି ହେଲା ଇତି ତମର ସୀତା କି ଲକ୍ଷ୍ମୀର ବୋଉ । ନିଜର ନାଁ ଲେଖିବାକୁ ଲାଜ ଲାଗୁଥିଲା । ସେତେବେଳେ ଚିଠିକୁ ଇତି କଲାବେଳେ ସେମାନେ ତମର ଗୀତା, ମିତା, କବିତା ଲେଖିବାରେ ଅସୁବିଧା କେଉଁଠି ଜାଣିପାରୁ ନ ଥିଲି । ବେଳେ ବେଳେ ଭାଉଜମାନଙ୍କର ଭାଇଙ୍କ ପାଇଁ ଚିଠି ଇତି କଲାବେଳେ ଲେଖିଦିଏ ଇତି ତମର ପ୍ରେମପାଗଳିନୀ ଅଭାଗିନୀ ପ୍ରମିଳା କି ହେମ ବୋଲି । ଚିଠି ଲେଖା ସରିବା ପରେ ସେମାନଙ୍କୁ ଶୁଣେଇବାକୁ ପଡୁଥିଲା । କିଛି ରହିଗଲେ ସେମାନଙ୍କର ଅନୁରୋଧ ଆଉ କିଛି ଯୋଡିବାକୁ । ଆରଥରକୁ ଲେଖିବି କହି ଚିଠିଲେଖା ବନ୍ଦ କରୁଥିଲି । ଖାଲି ଲେଖିଦେଲେ ହବନି । ଚିଠି ଡାକବାକ୍ସରେ ପକେଇବା ଦାୟିତ୍ୱ ମଧ୍ୟ ଥିଲା ମୋର । ସତରେ ଚିଠି କଥା ମନେପଡିଲେ ମନେପଡେ ଆମ ଅତୀତ । ଡାକସେବା ପ୍ରଚଳନ ହେଲା ପରେ ଚିଠିର ଆଦାନ ପ୍ରଦାନ ସହଜ ହେଲା । ଚିଠି ସମ୍ପର୍କ ଯୋଡିବାର ମାଧ୍ୟମ । ପୋଷ୍ଟମ୍ୟାନ, ପୋଷ୍ଟବକ୍ସ, ଡାକଘର ଦିନେ ଅତି ଚଳଚଞ୍ଚଳ ଥିଲା । ପୋଷ୍ଟବକ୍ସଟିଏ ଦେଖିଲେ ମନରେ ଆନନ୍ଦ ଆସୁଥିଲା, ମନ ଉଲ୍ଲସିତ ହେଉଥିଲା । ଏସବୁ ପ୍ରତି ଏବେ ଅଣଦେଖା, ଅନାଦର । ଏବେ ଡାକଘର ଅଛି । ହେଲେ ସେବାର ତରିକା ବଦଳିଗଲାଣି । କେତେବେଳେ ଡାକଘର ସଞ୍ଚୟର ମାଧ୍ୟମ ହେଲାଣି ତ ଆଉ କେବେ ଆଗାମୀ ଦିନରେ କିଛି ନୂଆ କରିବାର ପ୍ରଚେଷ୍ଟା ଆରମ୍ଭ ହେଲାଣି । ଏବେ ମୋବାଇଲ ଫୋନ୍, ନେଟ୍ ସେବା ଯୋଗାଯୋଗ ଶ୍ରେଷ୍ଠ ମାଧ୍ୟମ ହେଲାଣି । ଶୀଘ୍ର ବାର୍ତ୍ତା ପହଞ୍ଚିଯାଉଛି । ଏଗୁଡିକ ଏବେ ଡାକଘର ପରି କାମ କରୁଛନ୍ତି । ହେଲେ ସେକାଳ ଚିଠିରେ ଥିବା ସେ ଆନ୍ତରିକତା ନାହିଁ । ତଥାପି ଚିଠି, ଡାକବାଲା ଓ ଡାକଘର ରହିଛି ଓ ରହିବ । ପୁରୁଣା ସ୍ମୃତି ବଖାଣୁଥିବ ।

ସରକାରୀ ଆୟୁର୍ବେଦ ହସ୍ପିଟାଲ,
ମାଉସୀମା' ଛକ, ଭୁବନେଶ୍ୱର,
ମୋ-୯୪୩୭୩୦୫୦୪୫

## ଏଇ ଭାରତରେ

ସେବାରେ ବୟସ ବାଧକ ସାଜେନି ଯାହା ପ୍ରମାଣ କରିଛନ୍ତି କେରଳର ଅବଦୁଲ ଖାଦର । ସେ ଏକ 'ଫୁଡ୍ ବ୍ୟାଙ୍କ' ଖୋଲି ପ୍ରତିଦିନ ଗରିବ ଓ ଅସହାୟମାନଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି । ପ୍ରତିଦିନ ତାଙ୍କ ଫୁଡ ବ୍ୟାଙ୍କ୍‌ରେ ଗୃହହୀନମାନେ ବେଶି ଖାଇଥାଆନ୍ତି । ତ୍ରିଶୁର ସହରର ଇରାଂଜିଲିକୁଡା ରୋଡ୍ ନିବାସୀ ଅବଦୁଲ ଖାଦର ଓମାନରେ ୩୮ ବର୍ଷ ରହିବା ପରେ କେରଳକୁ ଫେରି ଏହି ସେବା ଆରମ୍ଭ କରିଛନ୍ତି । ୧୯୭୯ରେ ଯେତେବେଳେ କାଦରଙ୍କୁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ କରିବା କଷ୍ଟ ଥିଲା ସେତେବେଳେ ସେ ରୋଜଗାର ଅନ୍ୱେଷଣରେ ଓମାନ ଚାଲିଯାଇଥିଲେ । ଭୋକିଲା ପେଟର ଜ୍ୱାଳା ସେ ଅନୁଭବ କରିଥିଲେ ଓ ତାଙ୍କ ପିତାଙ୍କ ଭାବନା 'ଗରିବଙ୍କୁ ଖାଦ୍ୟ ଦେବା ମହତ୍ ସେବା'କୁ ସ୍ମରଣ କରି ସେ ଏହି ଫୁଡ୍ ବ୍ୟାଙ୍କ ଆରମ୍ଭ କରିଛନ୍ତି । ଗତବର୍ଷ ୨ ଅକ୍ଟୋବରରେ ସେ ଆରମ୍ଭ କଲେ 'ଫୁଡ୍ ବ୍ୟାଙ୍କ୍' । ଖାଦରଙ୍କ ବୟସ ଏବେ ୬୬ । ସେ ତାଙ୍କ ଘର ବାରଣ୍ଡାରେ ବନ୍ଦ କାଉଣ୍ଟର୍‌ରେ ଖାଦ୍ୟ ରଖି ଲୋକଙ୍କୁ ଦେଉଛନ୍ତି । ପିଇବା ପାଣି ମଧ୍ୟ ଯୋଗାଇ ଦେଉଛନ୍ତି । ଘର ଲୋକଙ୍କ ସହାୟତାରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ତାଙ୍କ ସ୍ତ୍ରୀ ସୁନୀତା । ଯାହା ସେମାନେ ଘରେ ଖାଆନ୍ତି ତାହା ଗରିବମାନଙ୍କୁ ଦେଇଥାନ୍ତି । ଫୁଡ୍ ବ୍ୟାଙ୍କ୍‌ରେ କେହି ଯେମିତି ଖାଦ୍ୟ ନଷ୍ଟ ନ କରନ୍ତି ତାହା ଦେଖିବା ଲାଗି ସେ କ୍ୟାମେରା ଲଗାଇଛନ୍ତି ।

## ଚିରନ୍ତନୀ

ସାନ୍ତାଳ ଝିଅ ଛଳନାବିହୀନ
ବଦନ ଶୋଭା
ବିକାର-ବିହୀନ ହାସ୍ୟ ତାହାର
ବିମଳ ଗତି
ସାଥୀମେଳେ ହାତ ହଲାଇ ଚଳଇ
ସହଜ ଗତି
ମଧୁମାଳତୀର ମଞ୍ଜରୀ ଘେନି
ଶୋହୁଛି ଗଭା !
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୫

- ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲା ଏକ ୪ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।
- ଆମେରିକା ପକ୍ଷରୁ ଜାପାନର ଭୂମିକମ୍ପ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ୫୯,୫୦୦ କମ୍ବଳ କୋବେ ସହରକୁ ପଠାଯାଇଛି ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | | 1 | | | | C | | | | 5 | B | | |
| 9 | | | | | | | 1 | E | | | B | | | 7 |
| 1 | A | 6 | B | 5 | | 7 | | | | 9 | | 2 | | |
| | | | | 9 | | | | 4 | | C | | E | 0 | |
| | | | | | D | | | | | | A | C | | |
| 7 | | | 8 | | | | | 3 | | | | | | 5 |
| | 0 | | | | | 2 | | | | B | D | | | |
| | | | | | | 9 | | A | 4 | | | | | D |
| | 2 | 4 | 5 | | | | E | 8 | 3 | | | | C | |
| | | D | 9 | | | 4 | 7 | | 6 | | C | 3 | 8 | |
| | B | | 3 | | | | | 0 | | 5 | | | | |
| | | | | 1 | | | 3 | | A | | 9 | | | 2 |
| | | 2 | 7 | | A | 5 | | | | | E | | 6 | 0 |
| A | C | | | | | | 2 | 6 | | 3 | 4 | 1 | | 9 |
| E | | 0 | | | 6 | | A | | B | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 4 | C | B | 2 | 9 | 1 | A | 5 | 6 | E | 0 | 8 | 7 |
| A | C | E | 5 | 6 | D | 0 | 2 | 4 | 8 | 7 | 1 | B | 3 | 9 |
| 6 | 8 | 7 | 4 | 1 | 0 | E | B | 3 | C | 2 | 9 | D | 5 | A |
| 0 | 5 | 9 | 3 | E | A | 7 | 8 | C | B | 4 | D | 1 | 6 | 2 |
| 2 | 1 | B | 8 | 7 | 9 | D | 5 | 6 | A | 0 | 3 | E | C | 4 |
| 9 | A | D | 7 | 4 | 6 | B | 0 | 5 | E | C | 2 | 8 | 1 | 3 |
| 7 | B | 3 | 9 | D | E | C | 4 | 8 | 0 | 1 | 5 | A | 2 | 6 |
| C | 2 | 0 | 1 | 8 | B | A | 3 | E | 6 | 9 | 4 | 5 | 7 | D |
| E | 6 | 5 | A | 0 | 3 | 2 | 9 | 1 | D | 8 | 7 | C | 4 | B |
| 1 | 4 | 8 | 2 | C | 5 | 6 | D | 7 | 3 | A | B | 9 | 0 | E |
| D | 9 | C | B | 2 | 4 | 8 | 7 | 0 | 1 | E | 6 | 3 | A | 5 |
| 8 | 7 | 1 | E | 5 | C | 3 | 6 | D | 4 | B | A | 2 | 9 | 0 |
| B | 3 | 6 | 0 | 9 | 8 | 5 | A | 2 | 7 | D | C | 4 | E | 1 |
| 5 | E | 2 | 6 | A | 1 | 4 | C | B | 9 | 3 | 0 | 7 | D | 8 |
| 4 | 0 | A | D | 3 | 7 | 1 | E | 9 | 2 | 5 | 8 | 6 | B | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଚିରୁ ଶିକ୍ଷା

ମହାଶୟ,

ଧରିତ୍ରୀ (୧୪/୧)ର ସଂପାଦକୀୟ 'କୋଚିରୁ ଶିକ୍ଷା' ବେଶ୍ ମର୍ମସ୍ପର୍ଶୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ବିସ୍ଫୋରଣ କରି ଏବେ ମାଟିରେ ମିଶାଇ ଦିଆଯାଇଛି । ମାରାଡୁ ମ୍ୟୁନିସିପାଲିଟିରେ ଥିବା ଏହିସବୁ ଉଚ୍ଚ ଅଟ୍ଟାଳିକା ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମର ଉଲ୍ଲଘଂନ କରିଥିବାରୁ ସେଗୁଡ଼ିକୁ ଭୂମିସାତ୍ କରାଯାଇଛି । ଏବେ ଆସନ୍ତୁ ଏ ପ୍ରସଙ୍ଗରେ ଆମ ରାଜ୍ୟକୁ । ସହର ତ ଆପାର୍ଟମେଣ୍ଟରେ ଭର୍ତ୍ତି । ସହରତଳି ଗାଁର ଠିକ୍ ଗାଁ ମୁଣ୍ଡରେ ଏହା ଗଢ଼ିଉଠୁଥିବାରୁ ସମୁଦାୟ ଗାଁ ଖୋଲା ପବନ ପାଇବାରୁ ବଞ୍ଚିତ । ଲୋକେ ଦକ୍ଷିଣା, ଉତ୍ତରା ପବନ ପାଇବା ସ୍ୱପ୍ନ । ପୁଣି ପରିମଳ ସମସ୍ୟା । ଆପାର୍ଟମେଣ୍ଟ ଯୋଗୁ ଆବର୍ଜନା, ଅପରିଷ୍କାର ଓ ପୂତିଗନ୍ଧମୟ ବାତାବରଣ ସୃଷ୍ଟି ହେଉଛି । ସରଳ, ନିରୀହ ଲୋକେ ପ୍ରତିବାଦ କରିପାରୁ ନାହାନ୍ତି । ଏ ଦିଗରେ ସବିଶେଷ ଅନୁସନ୍ଧାନ ପୂର୍ବକ ବିଡିଏ, ବିଏମ୍‌ସି ଓ ଗୃହ ନିର୍ମାଣ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ ଏପରି ନିର୍ମାଣ ଲାଗି ଅନୁମତି ନ ଦେବାକୁ ଦାବି ହେଉଛି ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଅବସର ପରେ

ସରକାରୀ ଚାକିରିରେ ବୟସ ୬୦ ବର୍ଷ ହୋଇଗଲେ ଅବସର ନେବାକୁ ପଡେ । ଆଜିକାଲି ସେ ନିୟମ ବଦଳିଗଲାଣି । ଯେଉଁ ଦଳ ସରକାରରେ ରହିଛନ୍ତି ତାଙ୍କର ଶୁଭ ଦୃଷ୍ଟିରେ ରହିଲେ ତାଙ୍କ ବୋଲ ମାନି ଅନ୍ୟାୟକୁ ନ୍ୟାୟ କହି କାମ କଲେ ତାଙ୍କର ଚାକିରି କାଳ ଆଉ କିଛିବର୍ଷ ପାଇଁ ସମ୍ପ୍ରସାରିତ ହୋଇଯାଏ କିମ୍ବା ଅବସର ପରଦିନ ତାଙ୍କୁ ଅନ୍ୟ ଏକ ସମ୍ମାନନୀୟ ଏବଂ ଉଚ୍ଚ ପଦବୀରେ ଅବସ୍ଥାପିତ କରାଯାଏ । କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଏହାକୁ ଏକ ପରମ୍ପରାରେ ପରିଣତ କରିଦେଲେଣି । ଫଳତଃ ଶିକ୍ଷିତ ବେକାରମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଯୋଗ୍ୟ ଲୋକମାନେ ପଦୋନ୍ନତି ପାଉନାହାନ୍ତି । ଅଥଚ ତୋଷାମୋଦକାରୀମାନେ ଲୋକଙ୍କ ଆଖିରେ ଦୁର୍ନୀତିଗ୍ରସ୍ତ ହେଲେ ବି ସରକାରଙ୍କର ଗେହ୍ଲା ପୁଅ ଲିଷ୍ଟରେ ନାଁ ରହିଯାଉଛି । ଚାକିରି ପରେ ଲୋକେ ଘୃଣାରେ ତାଙ୍କ ମୁହଁକୁ ବି ଅନାନ୍ତି ନାହିଁ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ



### ପାହାଡ ଚଢ଼ି ସଚେତନତା ବାର୍ତ୍ତା ଦେଲେ ବାସିନ୍ଦା

**ଜୟପୁର, ୨୪।୧ (ଡି.ଏନ.ଏ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଗତ ଗୁରୁବାର ଜୟପୁର ସହରର କିଛି ସଚେତନ ବାସିନ୍ଦା ସ୍ଥାନୀୟ କଣ୍ଡାମାଲୀ ପାହାଡ ଚଢ଼ି ଆଧୁନିକ ଯୁବକମାନଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି । ଆଧୁନିକ ଯୁବକମାନେ ଟିଭି, ମୋବାଇଲ ଏବଂ ଅନ୍ୟାନ୍ୟ ଇଣ୍ଡୋର କ୍ରୀଡାରେ ବ୍ୟସ୍ତ ରହୁଛନ୍ତି । ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ନିଶାଦ୍ରବ୍ୟ ସେବନ ମଧ୍ୟ ବୃଦ୍ଧି ପାଉଛି । ତେଣୁ ବିଭିନ୍ନ ପାହାଡ ଚଢ଼ିବା, ସାଇକେଲ ଚାଳଣା ପ୍ରଭୃତି କ୍ରୀଡା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଯୁବପିଢ଼ିଙ୍କ ଆଦର୍ଶ ନେତାଜୀଙ୍କ ଜୟନ୍ତୀ ଅବସରରେ ଏହିପରି କାର୍ଯ୍ୟକ୍ରମ କରାଯାଇଥିବା ନେଇ ଡଙ୍ଗରିଆ ଯୁବକଙ୍କ ପକ୍ଷରୁ ଆବାହକ ରାଜେଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

### ରକ୍ତଦାନ ଶିବିର



**ଜୟପୁର, ୨୪।୧ (ନି.ପ୍ର):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ରଙ୍ଗମାଟି ଅନୁଷ୍ଠାନ ତରଫରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସମ୍ପାଦକ ତୁଳସୀ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶକ୍ତି ପ୍ରସାଦ ବେହେରା , ଶୁଭଶ୍ରୀ ବେହେରାଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ । ରକ୍ତଭଣ୍ଡାର ଅଧିକାରୀ ସୂର୍ଯ୍ୟଶେଖର ମିଶ୍ର, ମିହିର କର୍କରା ସହଯୋଗ କରିଥିଲେ ।

### ଖଜୁରୀବନ୍ଧ ଜବରଦଖଲ ଅଭିଯୋଗ

**ଜୟପୁର, ୨୪।୧ (ଡି.ଏନ.ଏ):** ଜୟପୁର ସହରର ୱାର୍ଡ ନମ୍ବର ୨୦ର ଖଜୁରୀ ବନ୍ଧ ପୋଖରୀ ହିଡ଼ ଭାଙ୍ଗି ଜବରଦଖଲ କରାଯାଉଥିବା ନେଇ ସାହିବାସିନ୍ଦା ଶୁକ୍ରବାର ପୌର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ପରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାର୍ଯ୍ୟକୁ ବନ୍ଦ କରିଥିଲେ । ଏଥିନେଇ ସମ୍ପୃକ୍ତ ଜବରଦଖଲକାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବା ନିମନ୍ତେ ସାହିବାସିନ୍ଦା ଦାବି କରିଛନ୍ତି। ସ୍ଥାନୀୟ ଖଜୁରୀବନ୍ଧର ହିଡ ଭାଙ୍ଗି କୌଣସି ଜବରଦଖଲକାରୀ ପ୍ରୋକେଲନ ମେଶିନ ସାହାଯ୍ୟରେ ସଫା କରୁଥିଲେ। ସାହି ବାସିନ୍ଦା ପୌର କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଲିଖିତ ଅଭିଯୋଗ କରିଥିଲେ । ଏଥିନେଇ ପୌର ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ପୁଣି କାର୍ଯ୍ୟ ବନ୍ଦ କଲେ ଆଇନଜୀବୀ

**ଜୟପୁର, ୨୪।୧ (ନି.ପ୍ର)**

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଅବିଭକ୍ତ କୋରାପୁଟ ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ପୁଣି ୫ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ୨୪ ରୁ ୩୧ ତାରିଖ ଯାଏଁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ଏହି ଦିନ ଭିତରେ ୩ ଦିନ ଛୁଟି ରହି ଥିବାରୁ କାର୍ଯ୍ୟ ଦିବସ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛି । ପୂର୍ବରୁ ଆଇନଜୀବୀମାନେ ଦୀର୍ଘ ୧୧ ମାସ ଧରି କୋର୍ଟ ବର୍ଜନ କରିଥିଲେ । ଏହି ଆନ୍ଦୋଳନକୁ ଆଇନ ଅମାନ୍ୟ କରିଥିବା ନେଇ ମାମଲା ରୁଜୁ କରି ସଂଘ ସଭାପତି ଓ ସମ୍ପାଦକଙ୍କୁ ହାଇକୋର୍ଟ ନୋଟିସ କରିଥିଲେ । ଏହି ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ପରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ବନ୍ଦ କରିଥିଲେ । ଗତ ମାସରେ ଜିଲା ଡମ ସଂଗଠନ ର ଲିଖିତ ଅନୁରୋଧ କ୍ରମେ ୫ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା । ଚଳିତ ମାସ ପରଜା ସମାଜର ଅନୁରୋଧ କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଏମିତିକି ତହସିଲ. ରେଜିଷ୍ଟ୍ରାର ଅଫିସ ମଧ୍ୟ ବନ୍ଦ ରହିଛି ।

ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁକୂଳ ତାହା ହେଉଛି ଜୟପୁର ସହର ବୋଲି ସଂଘ କହିଛି । କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି ଦୂରରେ ରହିଛି । ଏଠାକୁ ଟ୍ରେନ ତ ଦୂରର କଥା ସିଧା ସଳଖ ଗୋଟିଏ ବସରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରୀହ ଜନସାଧାରଣ ଭୋଗି ଆସୁଛନ୍ତି । ରାଜ୍ୟ ସରକାର ଏହି ପଛୁଆ, ମାଓବାଦୀ ପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି କମିଟି ଦାବି କରିଛି ।



ଛାତ୍ରୀଛାତ୍ର ପରେଡ଼ ଅଭ୍ୟାସ କରୁଛନ୍ତି ।

## ନାଲ୍‌କୋରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ଦାମନଯୋଡ଼ି, ୨୪।୧ (ଡ଼ି.ଏନ.ଏ)**

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ସେକ୍ଟର-୩ ନେତାଜୀ ଷ୍ଟାଡିୟମ୍‌ରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରବିଶଙ୍କର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଶୁକ୍ରବାର ସିଆଇଏସ୍ ଧରମବୀର ଭାରତୀ, ନାଲ୍‌କୋର ଆସିଷ୍ଟାଣ୍ଟ ମ୍ୟାନେଜର ଅରୁଣ କୁମାର ମହାନ୍ତି, ଡ଼େପୁଟି ମ୍ୟାନେଜର କୈଳାସ ସେନାପତି, ଜୁନିୟର ଅଫିସର ଗାନ୍ଧୀ ସାହୁ, ପ୍ରମୁଖ ଉପସ୍ଥିତ ରହି ଅଗ୍ରଗତିର ଅନୁଧ୍ୟାନ କରିଥିଲେ । ଚଳିତବର୍ଷ ଜିଆଇଏସ୍ଏଫ୍, ଇଏସ୍ଏସ୍ ସୁରକ୍ଷା ବଳ, ଟାଉନ୍‌ଶିପ୍‌ର ସରସ୍ୱତୀ ବିଦ୍ୟାମନ୍ଦିର ଓ ଦିଲ୍ଲୀ ପବ୍ଲିକ୍‌ସ୍କୁଲର ମୋଟ ୧୨ଟି ଦଳ ପରେଡରେ ଅଂଶଗ୍ରହଣ କରିବେ । ସିଆଇଏସ୍ଏଫ୍ ପକ୍ଷରୁ ଡଗ୍‌ସୋ ପ୍ରଦର୍ଶନରେ ଦୁଇ ପ୍ରଶିକ୍ଷିତ କୁକୁର ହେମା ଓ ଫର୍‌ହା ସେମାନଙ୍କ ପ୍ରଦର୍ଶନ କରିବେ । ସେହିପରି ଅତ୍ୟାଧୁନିକ ଅଗ୍ନିନିର୍ବାପନ ପ୍ରଦର୍ଶନ ହେବ । ପରେଡର କୃତୀ ଛାତ୍ରୀଛାତ୍ରଙ୍କ ସହ ସିଆଇଏସ୍ଏଫ୍‌ର ୬ ଜଣ, ଇଏସ୍ଏସ୍‌ର ୩ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ । ସେହିପରି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମଧ୍ୟ କେତେ ଜଣଙ୍କୁ ସମ୍ମାନିତ କରାଯିବ। ସିଆଇଏସ୍ଏଫ୍‌ର ଇନ୍ସପେକ୍ଟର ରମଣଜୀ ଝା, ସି.ପି. ସିହନ, ସବ୍‌ଇନ୍ସପେକ୍ଟର ରାହୁଳ ଯାଦବ ପ୍ରମୁଖ ପରେଡ ଓ ଡଗ୍‌ଶୋ' ଆଦି ପରିଚାଳନା କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀମାନେ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କ ନେତୃତ୍ୱରେ ଜାତୀୟ ସଙ୍ଗୀତ ଗାନ କରିଥିଲେ ।

## ୧୧ ଖ୍ରୀଷ୍ଟୀୟ ପରିବାର ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ



କାର୍ଯ୍ୟକ୍ରମରେ ଅତିଥିମାନେ ।

**ବୋରିଗୁମ୍ମା, ୨୪।୧ (ଡ଼ି.ଏନ.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ପଞ୍ଚାୟତର ଡଙ୍ଗରଦେଈ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ବ୍ଲକର ୧୧ ଟି ଖ୍ରୀଷ୍ଟିୟାନ ପରିବାର ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏନେଇ ଡଙ୍ଗରଦେଈ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ଧର୍ମ ରକ୍ଷା ଯଜ୍ଞ କରିଥିଲେ । ମନ୍ଦିର ପରିସରରେ ହୋମ ଯଜ୍ଞ କରାଯାଇ ସରକାରୀ ରୂପେ ଆଫିଡେଭିଟ କରାଯାଇଥିଲା । ସମସ୍ତ ୧୧ ଖ୍ରୀଷ୍ଟିୟାନ ପରିବାରର ମୋଟ ୩୫ ଜଣ ସ୍ୱଇଚ୍ଛାରେ ନିଜ ମୂଳ ଧର୍ମ ହିନ୍ଦୁ ଧର୍ମକୁ ଫେରିଥିବା ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଯୁଗଳ କିଶୋର ପ୍ରକାଶ କରିଛନ୍ତି। ଏହି ପ୍ରତ୍ୟାବର୍ତ୍ତନ ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଭାପତି ସର୍ବେଶ୍ୱର ତ୍ରିପାଠୀ, ଜିଲା ସମ୍ପାଦକ ଲିଲୁ ବିଶ୍ୱାଳ, ଦୁର୍ଯୋଧନ ମାଳୀ, ମଙ୍ଗୁଲୁ ସଗରିଆ, ସନ୍ତୋଷ ମଣ୍ଡଳ ,ଜି. ମୁରଲୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ନଳକୂପ ଯୋଗାଉଛି ୨ ସାହିକୁ ପାଣି

**ଦଶମନ୍ତପୁର, ୨୪।୧ (ଡ଼ି.ଏନ.ଏ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନରେ ରହିଛି କୋଲାଟିଗୁଡ଼ା ଗ୍ରାମ । ଏହି ଗାଁ ଲୋକେ ଗ୍ରୀଷ୍ମଋତୁ ପୂର୍ବରୁ ମଧ୍ୟ ପାଣି ଟୋପାଏ ପାଇଁ ଡ଼ହଳ ବିକଳ ହେଉଛନ୍ତି । ଏଠାରେ ଗୋଟିଏ ନଳକୂପ ଉପରେ ୨ ସାହିର ଲୋକେ ନିର୍ଭର କରୁଛନ୍ତି । ଏ ନେଇ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଏହି ଗ୍ରାମରେ ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟର ମୋଟ ୭୫ ପରିବାର ବସବାସ କରୁଛନ୍ତି। ଏହି ଗାଁରେ ରହିଛି ୩ଟି ସାହି । ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସାହି ନିମନ୍ତେ ଗୋଟିଏ ଲେଖାଏଁ ନଳକୂପ ଖନନ କରାଯାଇଛି। ହେଲେ ଗୋଟିଏ ନଳକୂପ ରେ "ସୋଲାର୍ ଲାଇଟ" ଦ୍ୱାରା ତଳସାହି କୁ କେବଳ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଭୀଷଣ ଖରା ହେଲେ ତଳସାହି ବାସିନ୍ଦା ଙ୍କୁ ଜଳ ଯୋଗାଇବା କାଠିକାର ପାଠ ବୋଲି ସାହି ବାସିନ୍ଦା ପ୍ରକାଶ କରିଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ନଳକୂପ ଉପରେ ପ୍ରାୟ ୪୦ ପରିବାର ଲୋକେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଭୋରରୁ ପାଣି ଟିକିଏ ପାଇଁ ମହିଳାମାନେ ନଳକୂପ ପାଖରେ ବହୁ ସମୟ ଅପେକ୍ଷା କରି ୧୦ ମାଠିଆ ପାଣି ନେଇଥାନ୍ତି।



ନଳକୂପ ନିକଟରେ ମହିଳାଙ୍କ ଭିଡ଼ ।

ପରେ ଆଉ ନଳକୂପରୁ ପାଣି ବାହାରୁ ନ ଥିବା ଜଣାଯାଇଛି । ତେଣୁ ଲୋକେ ତଳସାହିର ନଳକୂପ ଉପରେ ନିର୍ଭର କରୁଥିବା ଗ୍ରାମର ମଞ୍ଜୁଳା ଖରା, ଶଶି ମୁଦୁଲି, ଫୁଲମତି ମୁଦୁଲି, ସୂର୍ଯ୍ୟମଣି ମୁଦୁଲି, ଗୋରିମଣୀ ମୁଦୁଲି, ଚମ୍ପା ମୁଦୁଲି ପ୍ରକାଶ କରିଛନ୍ତି। ତଳସାହି ବାସିନ୍ଦା ପାଣି ନ ଦେଲେ ଆମେ ବାଧ୍ୟ ହୋଇ ଗାଁ ନିକଟସ୍ଥ ବେଡ଼ାନାଳ ଉପରେ ନିର୍ଭର କରିଥାଉ । ଏନେଇ ଆମେ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ଆରଡ଼ବ୍ଲୁଏସ୍ଏସ୍ କାର୍ଯ୍ୟାଳୟରେ ଗୁହାରି କଲେ ମଧ୍ୟ କେହି ଆମ କଥା ଶୁଣୁ ନ ଥିବା ୨ ସାହି ବାସିନ୍ଦା ପ୍ରକାଶ କରିଛନ୍ତି। ଆଉ ଗୋଟିଏ ନୂତନ ନଳକୂପ ଖନନ କରା ନ ଗଲେ ଆଗାମୀ ଦିନରେ ଆରଡ଼ବ୍ଲୁଏସ୍ଏସ୍ କାର୍ଯ୍ୟାଳୟରେ ତାଲା ପକାଇବା ସହ ବ୍ଲକ କାର୍ଯ୍ୟାଳୟ ରେ ହାଣ୍ଡି, ମାଠିଆ ଧରି ଧାରଣା ଦେବୁ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି । ଏ ନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ନାୟକଙ୍କୁ ପଚାରିବାରୁ, ୧୬ ଗୋଟି ପଞ୍ଚାୟତ ପାଇଁ ପ୍ରଶାସନ ପକ୍ଷରୁ ଗୋଟିଏ ମାତ୍ର ଗାଡ଼ି ଦିଆଯାଇଛି। ତେଣୁ ପ୍ରତ୍ୟେକ ସ୍ଥାନରେ ପାଣି ସମସ୍ୟା ଉପୁଜୁଛି ବୋଲି ପ୍ରକାଶ କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟରରୁ କାଠ ଜବତ

**ବୈପାରୀଗୁଡା, ୨୪।୧ (ଡି.ଏନ୍.ଏ)**

ବୈପାରୀଗୁଡା ବନ ବିଭାଗ ପକ୍ଷରୁ କୋରାପୁଟ ଜିଲା ସୀମାନ୍ତ ମନ୍ତ୍ରୀଆମ୍ବଠାରେ ଏକ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରରୁ ଚୋରା କାଠ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ପୋଡାପଦର ଗ୍ରାମର ମାଧବ କୁରୁକୁଟି ଏବଂ ବୁରୁଡିପୁଟ ଗ୍ରାମର ଶଙ୍କର ପୂଜାରୀ । ଜବତ କାଠ ମଧ୍ୟରେ ୨୪ ଖଣ୍ଡ ପିଆଶାଳ ପଟା ଓ ୪୦ ଖଣ୍ଡ ଶାଳ ସାଇଜ୍ କାଠ ରହିଥିବା ବନାଞ୍ଚଳ ସହକାରୀ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । ରମେଶ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଫରେଷ୍ଟର ବିକାଶ ଚନ୍ଦ୍ର ରାଉତ, ବନରକ୍ଷୀ ଦଣ୍ଡପାଣି ସୁବୁଦ୍ଧି , ପି . ଶ୍ରୀନିବାସ ରାଓ ଏବଂ ମନୋଜ ମହାପାତ୍ର ଚଢାଉରେ ସାମିଲ ହୋଇଥିଲେ ।





ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧିମାନେ ।

## ବୈପାରୀଗୁଡା ପଞ୍ଚାୟତ ସମିତି ବୈଠକ

**ବୈପାରୀଗୁଡା, ୨୪।୧ (ଡି.ଏନ୍.ଏ)**

ବୈପାରୀଗୁଡ଼ା ପଞ୍ଚାୟତ ସମିତି ମିଟିଂ ହଲ୍‌ରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ଥାନୀୟ କୋରାପୁଟ ବିଧାୟକ ରଘୁନାଥ ପଡାଲ, ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି,ଉପାଧ୍ୟକ୍ଷ ତ୍ରିଲୋଚନ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ, ଜିଲାପରିଷଦ ସଦସ୍ୟା ହୀରାମଣି ପୂଜାରୀ, କୋରାପୁଟ ଏମ୍‌ପି ପ୍ରତିନିଧି ପି.ରମେଶ ପାତ୍ର, କୋଟପାଡ ବିଧାୟିକା ପ୍ରତିନିଧି ବିଜୟ ସାମନ୍ତରାୟଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତର ଲୋକପ୍ରତିନିଧି ଏବଂ ସମସ୍ତ ସମ୍ପ୍ରସାରଣ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସହରାଞ୍ଚଳ ବିଦ୍ୟୁତ ସଂଯୋଗୀକରଣରେ ଘରୋଇ ଜମି ପ୍ରତିବନ୍ଧକ ହେବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉକ୍ତ ସମସ୍ୟାର ପ୍ରତିକାର ପାଇଁ ଅନ୍ୟ ରୁଟ୍‌ରେ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ବ୍ଲକରେ ପାଇଖାନା ନିର୍ମାଣରେ ଅନିୟମତତା, ବ୍ଲକ ସଦର ମହକୁମାରେ ହିତାଧିକାରୀମାନଙ୍କୁ ପାଇଖାନା ନ ମିଳିବା ନେଇ କୋରାପୁଟ ଏମ୍‌ପି ପ୍ରତିନିଧି ଅଭିଯୋଗ କରିଥିଲେ । ଦିଗାପୁର ଦେଇ ଜୟପୁର-ବୈପାରୀଗୁଡା ସଂଯୋଗ କରୁଥିବା ଆର୍.ଡି ରାସ୍ତାରେ ନିର୍ମାଣ କାମ ଚାଲୁଛି । ଦୁର୍ଗାମନ୍ଦିରଠାରୁ ସ୍ଥାନୀୟ ଛକ ପର୍ଯ୍ୟନ୍ତ ୧୬୦ ମିଟର ଲମ୍ବ ରାସ୍ତାକୁ ଏଥିରୁ ବାଦ୍ ଦିଆଯାଇଛି । ବଳକା ରାସ୍ତାକୁ ଏଥିରେ ସାମିଲ୍ କରିବାକୁ ସ୍ଥାନୀୟ ସରପଞ୍ଚ ଭାଗୀରଥି ମୁର୍ଜିଆ ଦାବି କରିଛନ୍ତି । ସେହିପରି ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଆବାସ ଯୋଜନାରେ ବିଲ୍ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପ୍ରତିନିଧିମାନେ ଦାବି କରିଥିଲେ ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ରାୟଗଡ଼ା

ନୋଟିସ୍

ଏତଦ୍ୱାରା ଆପଣ ଶ୍ରୀ ଧରଣୀଧର ପାତ୍ର, ପିତା: ଶ୍ରୀ ବିଭୂତି ଭୂଷଣ ପାତ୍ର, ଗ୍ରାମ: ଟିଆସିଁପୋଷି, ପୋଷ୍ଟ: ବାଙ୍କିଆ, ଜିଲ୍ଲା: କେନ୍ଦୁଝର, ପିନ୍: ୭୫୮୦୪୪ଙ୍କୁ ଜଣାଇ ଦିଆଯାଉଛି ଯେ ଆପଣ ତା.୦୨.୦୭.୨୦୧୮ରିଖ ଠାରୁ କାର୍ଯ୍ୟରେ ଅନଧିକାରରେ ଅନୁପସ୍ଥିତ ଅଛନ୍ତି । ତା.୨୨.୧୦.୨୦୧୯ରିଖରେ ଚିଠି ନମ୍ବର ୪୨/୧୨୨, ତା.୨୨.୧୦.୨୦୧୯ରେ ଏକ ଚିଠି ଆପଣଙ୍କ କଥିତ ନୋଟିସ୍‌ର ୩୦ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାପାଇଁ କୁହାଯାଇଥିଲା । କିନ୍ତୁ ଆପଣ ତା.୨୪.୦୧.୨୦୨୦ ରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେଲେ ନାହିଁ କିମ୍ବା ଆପଣଙ୍କ ଅନୁପସ୍ଥିତିର କୌଣସି ଉତ୍ତର/ଆବେଦନ/ସ୍ପଷ୍ଟୀକରଣ ଦେଲେ ନାହିଁ ।

ବର୍ତ୍ତମାନ ଯେହେତୁ ଆପଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାରେ ବିଫଳ ହେଲେ, ତେଣୁ ଆପଣ ଏହି ନୋଟିସ୍ ପ୍ରକାଶ ପାଇବା ଠାରୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି ବୋଲି ବିଚାର କରାଗଲା ।

ଆଞ୍ଚଳିକ ପ୍ରବନ୍ଧକ



LEGAL NOTICE

To,
All the concern,
Sir/Madam,
You had given your vehicle at M/s **UTKAL AUTOMOBILES PVT. LTD.** for repair, and the detail of your Repair Order is as mentioned below:

| S.N. | Registered Owners Name | Model | Vehicle Regd.No. | R.O. Date |
|---|---|---|---|---|
| Vehicles at Hyundai workshop, Pahal: | | HYUNDAI | | |
| 1 | Merry Anjana Mishra | I20 | OR-02BA 1005 | 22.04.2013 |
| 2 | Mr. Sidharth Rout | I20 | OR-02BL 7968 | 12.01.2012 |
| 3 | Mr. Soubhagya Kumar Samal | Accent | OR-02AJ 5544 | 21.03.2013 |
| 4 | Mr. Bapi Jena | Eon | OD-02J 4047 | 02.01.2015 |
| 5 | Mr. Siba Prasad Behera | I20 | OR-02BU 1686 | 05.01.2016 |
| 6 | Mr. Srikant Sasmal | I10 | OR-02BK 1432 | 09.07.2016 |
| 7 | Mr. Prakash Chandra Mohapatra | ACCENT | OR05R8181 | 15.05.2012 |
| 8 | Mr. Dayanidhi Rout | SANTRO | OR05J5049 | 20.07.2013 |
| 9 | Mr. Sunil Kumar Jena | ACCENT | OR05U0100 | 20.10.2014 |
| 10 | Mr. Ananta Akal | ACCENT | OR02AH0001 | 20.06.2013 |
| 11 | Renu Garg | I10 | OR05AV8424 | 30.05.2016 |
| 12 | Mr. Krushna Chandra Rath | XCENT | OD02AT0607 | 09.04.2019 |
| 13 | Sanjukta Dei | XCENT | OD13F8151 | 25.05.2019 |
| 14 | Mr. Chakradhar Malick | EON | OD02K8015 | 21.05.2016 |
| 15 | Mr. Amiya Kumar Patra | SANTRO | OR238811 | 21.07.2017 |
| 16 | M/s Eglobetec India (P) Ltd | SANTRO | OR02AD4404 | 29.03.2018 |
| 17 | Col Sasanka Shekhar Swain | SANTRO | DL8CF8511 | 21.09.2018 |
| 18 | Mr. Gourav Mohanty | ACCENT | CG05A4005 | 11.12.2015 |
| 19 | Mr. Narayan Pradhan | VERNA | OD02B0005 | 28.05.2019 |
| 20 | Mr. Prahalad Patra | VERNA | OR17E5151 | 24.05.2017 |
| 21 | Mr. Tridibesh Pattnaik | Grand I10 | OD02X7414 | 05.04.2018 |
| 22 | Mr. Anant Kumar | SANTRO | BR1AJ1845 | 30.04.2016 |
| 23 | Mr. Mohannan | ACCENT | KL20H2498 | 18.06.2018 |
| 24 | Mr. Mahendra Behera | SANTRO | OR05M9090 | 04.12.2016 |
| 25 | Mr. B. Mahendra Patro | VERNA | OD07Z5611 | 26.06.2019 |
| 26 | Shyma Devi Poddar | EON | 630359 | |
| 27 | Mr. Santosh Kumar Jena | XCENT | OD33C0143 | 22.09.2019 |

Even though you have been notified by our legal advisor to take back your vehicle by settling the dues of the company but till today you have not turned up. So the company is constrained to publish that we are not going to be held responsible in any manner if anything happens to your above mentioned vehicle.

UTKAL From: **UTKAL AUTOMOBILES PVT. LTD.** (an authorized dealer of Hyundai vehicles)
Plot No. 517, NH-16, Pahal, Nakhra, Bhubaneswar – 752101



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No.: C/71, Sector-7, CDA, Cuttack - 753014
R.P. No. 252/2009/CTC
(Arising out of OA No. 149 of 2009)
**NOTICE UNDER SECTION 28 (4A) OF THE RECOVERY OF DEBTS DUE TO BANKS & FINANCIAL INSTITUTIONS ACT, 1993**
Next Date: 20.03.2020

**State Bank of India, Stressed Assets Resolution Centre, Rasulgarh, Bhubaneswar, Orissa ...Certificate Holder Bank**
Vs.
**M/s. J.S. Glass & Ply Centre & another ...Certificate Debtors**

To,
1. **M/s. J.S. Glass & Ply Centre,** Plot No.: 3564, Palasuni, Rasulgarh, Bhubaneswar - 10, Dist.: Khurda, (Proprietor: Mr. Deepak Kumar Mishra)
2. **Mr. Prasanta Kumar Patra,** Plot No.: 28, Budheswari Colony, Laxmi Sagar, Bhubaneswar, Dist.: Khurda

WHEREAS you have failed to pay the decretal dues along with interest & Cost, which is amounting to **Rs. 19,45,683.00 (Rupees Nineteen Lac Forty Five Thousand Six Hundred Eighty Three Only)** along with interest **@10.25% p.a.** with annum rests from **05.02.2010** till realization of the entire dues payable by you in respect of the demand notice issued by the undersigned as per certificate dt. **19.11.2009** arising out of **O.A. No. 149 of 2009** issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks and Financial Institutions Act, 1993.

Now under the provision of section 28 (4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **20.03.2020.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **17th day of January, 2020.**

**Sd/- (R.P. Patnaik)**
**Recovery Officer**



**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 258/2019**
**Bank of Baroda, Cuttack Main Branch, Cuttack ...Applicant**
Versus
**M/S Anukul Bhandar & Others ...Defendant(s)**

To
**Def. 3. Sri Kashinath Sahoo**, S/o: Late Fakir Ch. Sahoo, At: Kazipatna, Uttamapur, City/Dist: Cuttack-753012.
**Def. 6. Sri Bata Krushna Rout**, Chhatrabazar, At: Chhatrabazar, P.O: Arunodaya Market, City/Dist: Cuttack-753012.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 258/2019** in the court of the Debts of Recovery Tribunal, Cuttack for recovery of **Rs.1,88,06,913.25** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **29/02/2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **22nd day of January 2020**.

Sd/- M. K. Patnaik
**REGISTRAR**



बैंक ऑफ़ इंडिया Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
[ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା / ବନ୍ଧକଦାତା /ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା /ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚକେଇଶିଆଣୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଚକେଇଶିଆଣୀ ଶାଖା / ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସଞ୍ଜୁକ୍ତା ବେହେରା, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ୨) ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ପିତା: ସୋମନାଥ ବେହେରା, ଉଭୟଙ୍କ ବାସସ୍ଥାନ-**ଠିକଣା-୧:** ପ୍ଲଟ୍ ନଂ. ଏଲ୍‌ବି-୨୦୪, ଲକ୍ଷ୍ମୀସାଗର, ବୁଦ୍ଧେଶ୍ୱରୀ, ପିନ୍-୭୫୧୦୦୬, **ଠିକଣା-୨:** ପ୍ଲଟ୍ ନଂ. ୪୩୪, ଅଦାଳିଆ, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୪୦୦୧ / **ଆକାଉଣ୍ଟ ନଂ.: ୫୧୩୩୭୫୧୧୦୦୦୦୦୩୨** | ଟ.୨୦,୦୦,୦୦୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୬.୦୯.୨୦୧୯ / ୨୧.୦୧.୨୦୨୦ | **ଶ୍ରୀମତୀ ସଞ୍ଜୁକ୍ତା ବେହେରାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଦାଳିଆ, ଥାନା: କଟକ ସଦର, ଏସ୍ଆରଓ: କଟକ, ତହସିଲ୍: କଟକ, ଜିଲ୍ଲା: କଟକ, ଖାତା ନଂ.: ୩୫୯, ପ୍ଲଟ୍ ନଂ.: ୪୩୪, କ୍ଷେତ୍ର: ଏକର ୦.୫୫୦ ଡିସିମିଲ୍‌ରୁ ୧୨୦୦ ବର୍ଗଫୁଟ, ସବ୍ ପ୍ଲଟ୍ ନଂ. ୩, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ସବ୍ ପ୍ଲଟ୍ ନଂ. ୦୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୦୨, ଉତ୍ତର: ପ୍ଲଟ୍ ନଂ. ୪୩୩, ଦକ୍ଷିଣ: ଆଭ୍ୟନ୍ତରୀଣ ୨୦ ଫୁଟ ରାସ୍ତା । |

ସ୍ଥାନ: ଭୁବନେଶ୍ୱର,
ତାରିଖ: ୨୪.୦୧.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ଜାନୁୟାରୀ ୨୫ /୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ — ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**ଇତିହାସ**

୧. **ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [୧× ୫=୫
(କ) ମହାତ୍ମା ଗାନ୍ଧି ଗୁଜରାଟର କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?
(ଖ) ସୁନାବେଡ଼ାଠାରେ ପ୍ରତିଷ୍ଠିତ ମିଗ୍ ବିମାନ ଇଞ୍ଜିନ୍ ତିଆରି କାରଖାନା କେଉଁ ଦେଶର ସହାୟତାରେ ନିର୍ମିତ ହୋଇଛି ?
(ଗ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର କେତୋଟି ମୁଖ୍ୟ ବିଭାଗ ଥିଲା ?
(ଘ) ୧୯୬୯ ମସିହାରେ କେତୋଟି ବ୍ୟାଙ୍କ୍‌ର ଜାତୀୟକରଣ କରାଗଲା ?
(ଙ) ତାମିଲନାଡୁ ରାଜ୍ୟର ପୂର୍ବତନ ନାମ କ'ଣ ?

୨. **ଗୋଟିଏ ବାକ୍ୟରେ ଉତ୍ତର ଦିଅ।** [୧× ୫=୫
(କ) କେଉଁଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ରୁଷିଆ ଓ ଭାରତ ମଧ୍ୟରେ ୧୯୯୮ରେ ଚୁକ୍ତି ସମ୍ପାଦିତ ହୋଇଥିଲା ?
(ଖ) ଓଡ଼ିଶା ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟରେ କାହାର ଦୈର୍ଘ୍ୟ ସର୍ବାଧିକ।
(ଗ) ଜେ.କେ. କାଗଜକଳ ଓଡ଼ିଶାର କେଉଁଠାରେ ପ୍ରତିଷ୍ଠିତ ହୋଇଛି ?
(ଘ) କେବେ ଓଡ଼ିଶାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହେଲା ?
(ଙ) ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?

୩. **ଶୂନ୍ୟସ୍ଥାନ ପୂରଣ କର।** [୧× ୫=୫
(କ) ବିଧାନସଭା ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନ ଖର୍ଚ୍ଚ ________ ଟଙ୍କା ଅଟେ।
(ଖ) ପାକିସ୍ଥାନ ୧୯୯୮ ମସିହାରେ ________ ପର୍ବତରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା।
(ଗ) ବୈଶାଖୀ ________ ସମ୍ପ୍ରଦାୟର ପର୍ବ ଅଟେ।
(ଘ) ଭଦ୍ରକଠାରେ ________ ଘରୋଇ ନ୍ୟାୟାଳୟ ପ୍ରତିଷ୍ଠା କରିଥିଲେ।
(ଙ) ୧୯୩୨ ମସିହାରେ ________ ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଥିଲା।

୪. **ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ।** [୧× ୫=୫
(କ) 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାର ସମ୍ପାଦକ ଥିଲେ ମହାତ୍ମା ଗାନ୍ଧି।
(ଖ) ପ୍ୟାରୀମୋହନ ଆଚାର୍ଯ୍ୟ ସମ୍ବାଦ ବାହିକାର ସମ୍ପାଦକ ଥିଲେ।
(ଗ) ଭି.ପି. ମେନନ୍ ଭାରତର ବିସ୍ମାର୍କ ଭାବେ ପରିଚିତ।
(ଘ) ୧୯୭୨ ମସିହାରେ ମହାକାଶ ଆୟୋଗ ଗଠିତ ହେଲା।
(ଙ) ସିମଳା ଚୁକ୍ତି ଭାରତ ଓ ଚୀନ୍ ମଧ୍ୟରେ ସମ୍ପାଦିତ ହୋଇଥିଲା।

୫. **'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର।** [୧× ୫=୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଫଳଋଷ କେନ୍ଦ୍ର | ସାକ୍ଷୀଗୋପାଳ |
| ପ୍ରାକୃତିକ ବିପର୍ଯ୍ୟୟ | ସ୍ୱୟଂସହାୟକ ଗୋଷ୍ଠୀ |
| ନାରିକେଳ ଗବେଷଣାକେନ୍ଦ୍ର | ପଟାଙ୍ଗୀ |
| ମିଶନ ଶକ୍ତି | ଟେଷ୍ଟରିଲିଫ |
| ନିର୍ବାଚନ ଇସ୍ତାହାର | ରାଜନୈତିକ ଦଳ |

**ଭୂଗୋଳ ଓ ଅର୍ଥନୀତି**

୬. **ଶୂନ୍ୟସ୍ଥାନ ପୂରଣ କର।** [୧× ୫=୫
(କ) ଭାରତର ସମୁଦାୟ ଭୂମିର ଶତକଡ଼ା ପ୍ରାୟ ________ ଭାଗ ଅଞ୍ଚଳ ଅରଣ୍ୟ ଭୂମିର ଅନ୍ତର୍ଗତ।
(୨୨.୫, ୨୨.୬, ୨୨.୭, ୨୨,୮)
(ଖ) ଖାଦ୍ୟସ୍ତର ଅନୁସାରେ ପ୍ରାଣୀମାନଙ୍କୁ________ ଭାଗରେ ବିଭକ୍ତ କରାଯାଉଛି।
(ଦୁଇ, ତିନି, ଚାରି, ପାଞ୍ଚ)
(ଗ) ରାଜସ୍ଥାନରେ ସଂଗୃହୀତ ବୃଷ୍ଟିଜଳକୁ________ କୁହାଯାଏ।
(ଗୁଲ୍, ଖାଡ଼ିନ୍, ପଲାରପାନି, ଜୋହାଦ୍)
(ଘ) ବିଶ୍ୱ ବାଣିଜ୍ୟ ସଂଗଠନ ________ ମସିହାରେ ସୃଷ୍ଟି ହୋଇଥିଲା।
(୧୯୯୩, ୧୯୯୪, ୧୯୯୫, ୧୯୯୬)
(ଙ) ଗ୍ରାମାଞ୍ଚଳରେ ଜଣେ ଲୋକ ପାଇଁ ସର୍ବନିମ୍ନ ________ କ୍ୟାଲୋରୀ ଖାଦ୍ୟସାର ଆବଶ୍ୟକ ହୋଇଥାଏ।
(୨୦୦୦, ୨୧୦୦, ୨୨୦୦, ୨୪୦୦)

୭. **ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର।** [୧× ୫=୫
(କ) ଭାଙ୍ଗର
(ଖ) ଖଣିଜ ପିଣ୍ଡ
(ଗ) ପୋଡୁ
(ଘ) ଘରୋଇକରଣ ନୀତି
(ଙ) ରାଜସ୍ୱ ସଂକ୍ରାନ୍ତ ପ୍ରତିକାର

୮. **ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର।** [୧× ୫=୫
(କ) <u>ତୈଳବୀଜ ଫସଲ</u> ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ।
(ଖ) ବୋକାରୋ ଲୌହ-ଇସ୍ପାତ କାରଖାନା <u>ଛତିଶଗଡ଼ ରାଜ୍ୟରେ</u> ଅବସ୍ଥିତ।
(ଗ) ୧୯୪୮ ରୁ ୧୯୯୦ ମସିହା ମଧ୍ୟରେ ଭାରତରେ <u>ବୈଜ୍ଞାନିକ କ୍ଷେତ୍ରରେ</u> ବିଫଳତା ଦେଖାଦେଇଥିଲା।
(ଘ) <u>କର୍ମଚାରୀ ଗୋଷ୍ଠୀର</u> ଖାଉଟିମାନଙ୍କୁ ନେଇ ଖାଉଟି ଦରସୂଚକ ଦ୍ରବ୍ୟଗୁଡ଼ିକର ଗଣନା କରାଯାଇଥାଏ।
(ଙ) ଶିଳ୍ପୋନ୍ନତ ଦେଶରେ ଋତୁକାଳୀନ ବେକାରୀ ଅଧିକ ଦେଖାଯାଏ।

୯. **ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର।** [୧× ୫=୫
(କ) ଉପଯୁକ୍ତ ପ୍ରତିରୋଧକ ପଦକ୍ଷେପର ଅଭାବରୁ ଯେଉଁ ଜାତି ପୃଥିବୀରୁ ବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବିଲୁପ୍ତ ହେବାର ସମ୍ଭାବନା ଥିଲେ
(ଖ) ସ୍ୱତନ୍ତ୍ରଭାବେ ବିବେଚନା କରାଯାଉଥିବା ଏକ ବିଶିଷ୍ଟ ସମ୍ବଳ।
(ଗ) ଭାରତର ଇଲେକ୍‌ଟ୍ରୋନିକ୍ସ ରାଜଧାନୀ ।
(ଘ) ଭାରତର ସର୍ବୋଚ୍ଚ ବ୍ୟାଙ୍କ୍।
(ଙ) ଦେଶପାଇଁ ମଙ୍ଗଳମୟ ଦରବୃଦ୍ଧି

୧୦.(କ) **ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକ ଦର୍ଶାଅ।** [୧× ୩=୩
୧. କୋର୍ବା ତାପଜ ବିଦ୍ୟୁତ୍ କେନ୍ଦ୍ର
୨. ଟ୍ରମ୍ବେ
୩. ସାରିସ୍କା ରାଷ୍ଟ୍ରୀୟ ଉଦ୍ୟାନ
(ଖ) **ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର:** [୧× ୨=୨
୧. ବାନ୍ଦୀପୁର : କର୍ଣ୍ଣାଟକ :: ପାଲାମୁ :________।
୨. ସହରାଞ୍ଚଳ : ପ୍ରାବିଧିକ ବେକାରୀ :: ଗ୍ରାମାଞ୍ଚଳ : ________

### PART – II (SUBJECTIVE)

**ଇତିହାସ**

11.(କ) ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ କ'ଣ ଥିଲା ? [4
କିମ୍ବା, ଅଟ୍‌ଲି ସବ୍‌କମିଟି କିପରି ଗଠିତ ହୋଇଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂକ୍ରାନ୍ତରେ ଏହା କ'ଣ ସୁପାରିସ୍ କରିଥିଲା ?
(ଖ) ଭାରତ ସ୍ୱାଧୀନତା ଆଇନର ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ? [4
କିମ୍ବା, ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ଥିଲା ?

12. **ସଂକ୍ଷେପର ଉତ୍ତର ଦିଅ।** [3
(କ) ଜୁନାଗଡ଼ ଦେଶୀୟ ରାଜ୍ୟ କିପରି ଭାରତ ସହ ମିଶ୍ରଣ ହୋଇଥିଲା ?
କିମ୍ବା, ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଭିତ୍ତିଭୂମି ବିକାଶ କରାଯାଇ ପାରିଲା ନାହିଁ କାହିଁକି ?
(ଖ) ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଟି.ଇ.ରେଭେନ୍‌ସା ଓଡ଼ିଶାର ଉନ୍ନତି ପାଇଁ କ'ଣ କରିଥିଲେ ? [3
କିମ୍ବା, ପୁଦୁଚେରୀ କିପରି ବିଧିବଦ୍ଧ ଭାବରେ ଭାରତରେ ମିଶିଲା ?
(ଗ) ନିର୍ବାଚନ ମଣ୍ଡଳୀ ସୀମା କିଏ ନିର୍ଦ୍ଧାରଣ କରନ୍ତି ଓ କିପରି ? [3
କିମ୍ବା, କେବେ ଭାରତ ସରକାର କାଲାଦାନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିଲେ ଓ କ'ଣ ଘୋଷଣା କରିଥିଲେ ?

13. **ସଂକ୍ଷେପର ଉତ୍ତର ଦିଅ।** [2
(କ) ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତି କ'ଣ ?
କିମ୍ବା, ପରୋକ୍ଷ ନିର୍ବାଚନର ଦୁଇଟି ସୁଫଳ ଲେଖ।
(ଖ) ଜାତୀୟ ଆଲୁମିନିୟମ୍ କମ୍ପାନୀର ପ୍ରକଳ୍ପଗୁଡ଼ିକ କେଉଁଠାରେ ଅବସ୍ଥିତ ? [2
କିମ୍ବା, କେଉଁ ବ୍ୟବସ୍ଥାରୁ ଓଡ଼ିଶାରେ ଗୋତିପ୍ରଥା ସୃଷ୍ଟି ହେଲା ଏବଂ ଏହା କେବେଠାରୁ ଉଚ୍ଛେଦ ହେଲା ?
(ଗ) ଭାରତ କେବେ ଓ କେଉଁଠାରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ? [2
କିମ୍ବା, 'ଉତ୍କଳ ଦୀପିକା' କେଉଁଠାରୁ ପ୍ରକାଶ ପାଉଥିଲା ଏବଂ ଏହାର ସମ୍ପାଦକଙ୍କ ନାମ କ'ଣ ଥିଲା ?
(ଘ) 'ଶହୀଦ୍' ଓ 'ସ୍ୱରାଜ' କ'ଣ ? ଏହାର ନାମକରଣ କିଏ କରିଥିଲେ ? [2
କିମ୍ବା, ବିନୋବା ଭାବେ କେବେ ଓ କେଉଁଠି ତାଙ୍କର ସତ୍ୟାଗ୍ରହ ଆରମ୍ଭ କରିଥିଲେ ?

**ଭୂଗୋଳ**

14.(କ) ଶିଳ୍ପ ସ୍ଥାପନର ପ୍ରକ୍ରିୟା ଏବଂ କାରକମାନ ଆଲୋଚନା କର। [4
କିମ୍ବା, ଭାରତର ବହୁମୁଖୀ ନଦୀ ଉପତ୍ୟକା ଯୋଜନାଗୁଡ଼ିକ କିପରି ଜଳ ସମ୍ବଳର ସୁପରିଚାଳନାରେ ସହାୟକ ହୋଇଛି ଆଲୋଚନା କର।
(ଖ) ଭାରତରେ ମରୁସ୍ଥଳୀ ମୃତ୍ତିକାର ବଣ୍ଟନ ଓ ବିଶେଷତା ଆଲୋଚନା କର। [4
କିମ୍ବା, ମୃତ୍ତିକା ସଂରକ୍ଷଣର ଆବଶ୍ୟକତା ତଥା ବିଭିନ୍ନ ଉପାୟ ଆଲୋଚନା କର।

15. **ସଂକ୍ଷେପରେ ଉତ୍ତର ଲେଖ।** [3
(କ) ସଂରକ୍ଷିତ ଅରଣ୍ୟ କାହାକୁ କୁହାଯାଏ ?
କିମ୍ବା, ଋତୁକାଳୀନ ସ୍ଥାନାନ୍ତରଣ କାର୍ଯ୍ୟ କ'ଣ ?
(ଖ) **ସଂକ୍ଷିପ୍ତ ଟିପ୍ପଣୀ ଲେଖ।** [3
ମୁକ୍ତ ଅରଣ୍ୟ :
କିମ୍ବା, ଖଣିଜ ପିଣ୍ଡ ବା ଖଣିଜ ପଥର
(ଗ) **ପାର୍ଥକ୍ୟ ଦର୍ଶାଅ।** [2
**ଆନ୍ଥ୍ରାସାଇଟ୍ ଓ ଲିଗ୍‌ନାଇଟ୍:**
କିମ୍ବା, **ମାଧପୁର ଓ ରାଓ୍ୱତଭଟ୍ଟା।**
(ଗ) **ସଂକ୍ଷିପ୍ତ ଟିପ୍ପଣୀ ଲେଖ।** [2
ଜୀନୀୟ ବିବର୍ତ୍ତନ:
କିମ୍ବା, ବେସରକାରୀ ଶିଳ୍ପ

16. **ସଂକ୍ଷେପରେ ଉତ୍ତର ଲେଖ।**
(କ) ଜଗତୀକରଣକୁ କାହିଁକି ଏକ ବଜାର ଭିତ୍ତିକ ଅର୍ଥନୀତି କୁହାଯାଏ। [3
କିମ୍ବା, ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ଲୋକମାନଙ୍କର ଜୀବନ ଧାରଣର ମାନ କାହିଁକି ଅତି ନିମ୍ନ ଧରଣର ?
(ଖ) **କାରଣ ଦର୍ଶାଅ।** [2
ଭାରତରେ ସଘନ କୃଷି ବିଶେଷ ଭାବରେ ଅନୁସୃତ ହୁଏ।
କିମ୍ବା, ଖଣି ଖନନକୁ ଘାତକ ଶିଳ୍ପ କୁହାଯାଏ।
(ଗ) **ପାର୍ଥକ୍ୟ ଦର୍ଶାଅ।** [2
ଅପମିଶ୍ରିତ ଦ୍ରବ୍ୟ ଓ ନକଲି ଦ୍ରବ୍ୟ।
କିମ୍ବା, ଖାଉଟି ସଂଗଠନ ଓ ଜିଲ୍ଲା ବିଚାର ମଞ୍ଚ।

### ANSWER : PART – I (OBJECTIVE)

**ଇତିହାସ**

୧. (କ) ପୋରବନ୍ଦର (ଖ) ସୋଭିଏତ ରୁଷିଆ (ଗ) ଦୁଇଟି (ଘ) ଚଉଦଟି (ଙ) ମାଡ୍ରାସ୍
୨. (କ) ତାମିଲନାଡୁର କୁଦନ୍‌କୁଲାମ୍‌ଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ରୁଷିଆ ଓ ଭାରତ ମଧ୍ୟରେ ୧୯୯୮ରେ ଚୁକ୍ତି ସମ୍ପାଦିତ ହୋଇଥିଲା। (ଖ) ଓଡ଼ିଶା ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟରେ ଜାତୀୟ ରାଜପଥ-୫ର ଦୈର୍ଘ୍ୟ ସର୍ବାଧିକ (ଗ) ଜେ.କେ. କାଗଜ କଳ ଓଡ଼ିଶାର ରାୟଗଡ଼ାଠାରେ ପ୍ରତଷ୍ଠିତ ହୋଇଛି। (ଘ) ୧୯୪୮ ମସିହାରେ ଓଡ଼ିଶାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହେଲା। (ଙ) ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ ଲର୍ଡ୍ ଲୁଇ ମାଉଣ୍ଟବ୍ୟାଟେନ୍।
୩. (କ) ୧୦ ଲକ୍ଷ (ଖ) ଚଘାଇ (ଗ) ହିନ୍ଦୁ (ଘ) ବାଞ୍ଛାନିଧି ମହାନ୍ତି (ଙ) ତାଳଚେର
୪. (କ) ☑ (ଖ) ☒ (ଗ) ☒ (ଘ) ☑ (ଙ) ☒
୫.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଫଳଋଷ କେନ୍ଦ୍ର | ପଟାଙ୍ଗୀ |
| ପ୍ରାକୃତିକ ବିପର୍ଯ୍ୟୟ | ଟେଷ୍ଟରିଲିଫ |
| ନାରିକେଳ ଗବେଷଣାକେନ୍ଦ୍ର | ସାକ୍ଷୀଗୋପାଳ |
| ମିଶନ ଶକ୍ତି | ସ୍ୱୟଂସହାୟକ ଗୋଷ୍ଠୀ |
| ନିର୍ବାଚନ ଇସ୍ତାହାର | ରାଜନୈତିକ ଦଳ |

**ଭୂଗୋଳ ଓ ଅର୍ଥନୀତି**

୬. (କ) ୨୨.୫ (ଖ) ଚାରି (ଗ) ପଲାରପାନି (ଘ) ୧୯୯୫ (ଙ) ୨୪୦୦
୭. (କ) ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ପୁରାତନ ପଟୁ ମୃତ୍ତିକାକୁ ଭାଙ୍ଗର କୁହାଯାଏ। (ଖ) ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ କୁହାଯାଏ। (ଗ) ସ୍ଥାନାନ୍ତରିତ କୃଷିକୁ ଓଡ଼ିଶାରେ ପୋଡୁ କୁହାଯାଏ। (ଘ) ଯେଉଁ ନୀତିଦ୍ୱାରା ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯାଇ ସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିବା ପାଇଁ ଉତ୍ସାହିତ କରାଯାଇଥାଏ ତାହାକୁ ଘରୋଇକରଣ ନୀତି କୁହାଯାଏ। (ଙ) ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାପାଇଁ ଉଚ୍ଚ ଆୟବର୍ଗ ବ୍ୟକ୍ତିବିଶେଷ ଓ ବିଭିନ୍ନ ଦ୍ରବ୍ୟ ଉପରେ ଟିକସ ବସାଗଲେ ତାହାକୁ ରାଜସ୍ୱ ସଂକ୍ରାନ୍ତ ପ୍ରତିକାର କୁହାଯାଏ।
୮. (କ) ଡାଲିଜାତୀୟ ଫସଲ ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ। (ଖ) ବୋକାରୋ ଲୌହ-ଇସ୍ପାତ କାରଖାନା ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ। (ଗ) ୧୯୪୮ ରୁ ୧୯୯୦ ମସିହା ମଧ୍ୟରେ ଭାରତରେ ଘରୋଇ ଉଦ୍ୟୋଗ କ୍ଷେତ୍ରରେ ବିଫଳତା ଦେଖାଦେଇଥିଲା। (ଘ) ଶ୍ରମିକ ଗୋଷ୍ଠୀର ଖାଉଟିମାନଙ୍କୁ ନେଇ ଖାଉଟି ଦରସୂଚକ ଦ୍ରବ୍ୟଗୁଡ଼ିକର ଗଣନା କରାଯାଇଥାଏ। (ଙ) କୃଷିପ୍ରଧାନ ଦେଶରେ ଋତୁକାଳୀନ ବେକାରୀ ଅଧିକ ଦେଖାଯାଏ।
୯. (କ) ସଂକଟାପନ୍ନ ଜାତି (ଖ) ମାନବ ସମ୍ବଳ (ଗ) ବେଙ୍ଗାଲୁରୁ (ଘ) ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଙ) ସ୍ୱଳ୍ପ ଦରବୃଦ୍ଧି
୧୦. (କ)




(ଖ) ୧. ଝାଡ଼ଖଣ୍ଡ ୨. ପ୍ରଚ୍ଛନ୍ନ ବେକାରୀ

### ANSWER : PART – II (SUBJECTIVE)

**ଇତିହାସ**

11. (i) ୧୯୧୯ ଭାରତ ଶାସନ ଆଇନ ଅନୁଯାୟୀ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ଓ ସରକାରୀ ଉତ୍ସବ ବର୍ଜନ।
(ii) ସମସ୍ତ ପ୍ରକାର ସରକାରୀ ଉପାଧି ଫେରସ୍ତ ଓ ସରକାରୀ ପଦବୀରୁ ଇସ୍ତଫା।
(iii) ଆଇନଜୀବୀଙ୍କ ଦ୍ୱାରା ବିଚାରାଳୟ ବର୍ଜନ ଓ ଛାତ୍ରମାନଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବର୍ଜନ।
(iv) ବିଦେଶୀ ଦ୍ରବ୍ୟ ଓ ବିଦେଶୀ ଲୁଗା ବର୍ଜନ।
(v) ଖଦୀ ଓ ଗ୍ରାମୋଦ୍ୟୋଗର ପ୍ରସାର।
(vi) ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏକତା ସୃଷ୍ଟି।
(vii) ଅସ୍ପୃଶ୍ୟତା ନିରାକରଣ।
(viii) ଜାତୀୟ ଶିକ୍ଷାନୁଷ୍ଠାନ ସ୍ଥାପନ।
କିମ୍ବା,
(i) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ମତାମତ ଦେବାପାଇଁ ସାଇମନ୍ କମିଶନର ଅନ୍ୟତମ ସଦସ୍ୟ ସି.ଆର୍. ଅଟଲିଙ୍କ ଅଧକ୍ଷତାରେ ଏକ ସବ୍‌କମିଟି ଗଠନ ହେଲା।
(ii) ଏହାର ଅନ୍ୟ ସଦସ୍ୟମାନେ ଥିଲେ କେନ୍ଦ୍ରୀୟ ବିଧାୟକ ସଭାର ସଦସ୍ୟ ଡକ୍ଟର ସୁରଓ୍ୱାର୍ଦ୍ଦୀ ଏବଂ ବିହାର-ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ସଦସ୍ୟ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଲକ୍ଷ୍ମୀଧର ମହାନ୍ତି।
(iii) କମିଟିର ସୁପାରିସ୍ ଥିଲା- "ଓଡ଼ିଆମାନଙ୍କର ଦାବି ଯୁକ୍ତିଯୁକ୍ତ ଏବଂ ସ୍ୱତନ୍ତ୍ର ସାର୍ବଜନୀନ ମତ।"
(iv) ଏହି ସବ୍‌କମିଟି ଓଡ଼ିଶା ଡିଭିଜନ୍, ଅନୁଗୁଳ, ବଙ୍ଗର ମେଦିନୀପୁର, ମାନ୍ଦ୍ରାଜ ପ୍ରେସିଡେନ୍‌ସୀର ଗଞ୍ଜାମ ଅଞ୍ଚଳ ଓ କେନ୍ଦ୍ରୀୟ ପ୍ରଦେଶର ଖଡ଼ିଆଳ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ୍ କରିଥିଲା।
(ଖ) (i) ଭାରତ ଓ ପାକିସ୍ଥାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠନ ହୋଇ ୧୯୪୭ ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ହେବ। ଦେଶୀୟ ରାଜାମାନଙ୍କୁ ଇଚ୍ଛା ଅନୁସାରେ ଭାରତ କିମ୍ବା ପାକିସ୍ଥାନ ସହିତ ଯୋଗ ଦେବାକୁ ସ୍ୱାଧୀନତା ଦିଆଗଲା।
(ii) ୧୯୪୭ ଅଗଷ୍ଟ ୧୫ ରୁ ଦେଶୀୟ ରାଜାମାନଙ୍କ ଇଂଲଣ୍ଡ ସହିତ ସମସ୍ତ ଚୁକ୍ତିର ବିଲୋପ ଘଟିଲା।
(iii) ପ୍ରତ୍ୟେକ ଦେଶକୁ ନିଜର ସମ୍ବିଧାନ ପ୍ରଣୟନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ସମ୍ବିଧାନ ପ୍ରଣୟନ ସଭାକୁ ବିଧାୟକ ସଭାର କ୍ଷମତା ଦିଆଗଲା।
(iv) ଉଭୟ ଦେଶ ୧୯୩୫ ଭାରତ ଶାସନ ଅନୁଯାୟୀ ଶାସନ କଲେ ଏବଂ ଇଂଲଣ୍ଡର ଭାରତ ସଚିବ ପଦ ଉଚ୍ଛେଦ ହେଲା।
କିମ୍ବା,
(i) ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟଦାବି ଥିଲା ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ବନ୍ଦ କରିବା।
(ii) ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣମାଧ୍ୟମର ସ୍ୱାଧୀନତା ଅଧିକାର, ସଂଘଗଠନ ଅଧିକାର ପ୍ରଭୃତି ମୌଳିକ ନାଗରିକ ଅଧିକାର ପ୍ରଦାନ କରିବା।
(iii) ଚାଷଜମି ଉପରେ ଚାଷୀର ଅଧିକାର ସଂପର୍କୀତ ନିୟମ ପ୍ରଚଳନ କରିବା।
(iv) ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିକୁ ଜଙ୍ଗଲଦ୍ରବ୍ୟ ଉପଯୋଗ ଅଧିକାର ପ୍ରଦାନ କରିବା ଏବଂ ଏକଚାଟିଆ ବାଣିଜ୍ୟ କାରବାର ବନ୍ଦ କରିବା।

12.(କ)(i) ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ୍ ନବାବ ପାକିସ୍ଥାନ ସହିତ ଯୋଗଦେବାକୁ ଇଚ୍ଛା ପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କରିଥିଲେ।
(ii) ଭାରତ ସରକାର ଏଠାରେ ଗଣଭୋଟ ଅନୁଷ୍ଠିତ କରାଇଥିଲା।
(iii) ଗଣଭୋଟରେ ପରାସ୍ତ ହେବାପରେ ନବାବ ପାକିସ୍ଥାନକୁ ପଳାୟନ କରିଥିଲେ ଏବଂ ଜୁନାଗଡ଼ ଭାରତ ସହିତ ମିଶିଯାଇଥିଲା।
କିମ୍ବା,
(i) ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶା ପରାଧୀନ ଭାରତର ଏକ ପ୍ରଦେଶ ଥିଲା।
(ii) ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ରାଜନୀତିକ ଅସ୍ଥିରତା ଯୋଗୁଁ ବିକାଶ କାର୍ଯ୍ୟ ଏକପ୍ରକାର ବନ୍ଦ ରହିଥିଲା।
(iii) ୧୯୩୯ ଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ଯୋଗୁଁ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ପାଇଁ ବିଶେଷ କିଛି କରାଯାଇପାରି ନଥିଲା।
(ଖ)(i) ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ଉନ୍ନତିପାଇଁ ଇଂରେଜ ମାନେ ଅନେକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ।
(ii) କମିଶନର ଟି.ଇ. ରେଭେନ୍‌ସା ଓଡ଼ିଶାର ଉନ୍ନତିପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ।
(iii) ସେ ଆଳି ଓ ବାଙ୍କୀଠାରେ ନୂତନ ବନ୍ଧମାନ ନିର୍ମାଣ ତଥା ପୁରାତନ ବନ୍ଧର ମରାମତି କରାଇଥିଲେ।
କିମ୍ବା,
(i) ୧୯୫୪ ଅକ୍ଟୋବରମାସରେ ପୁଦୁଚେରୀରେ ଜନମତ ନିଆଗଲା।
(ii) ସେହିବର୍ଷ ନଭେମ୍ବର ୧ରେ ପୁଦୁଚେରୀର ବାସ୍ତବ କ୍ଷମତା ଭାରତ ସରକାରଙ୍କ ହାତକୁ ଆସିଲା।
(iii) ଏହି ମିଶ୍ରଣକୁ ୧୯୬୨ ମସିହା ମେ ମାସରେ ଫରାସୀ ଜାତୀୟ ସଭା ଅନୁମୋଦନ କଲା।
(ଗ)(i) ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଆୟୋଗ ଦ୍ୱାରା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଥାଏ।
(ii) ଜନସଂଖ୍ୟା ବୃଦ୍ଧିକୁ ଆଧାର କରି ସୀମା ପୁନଃନିର୍ଦ୍ଧାରିତ ହୋଇଥାଏ।
(iii) ଜନସଂଖ୍ୟା ଅନୁସାରେ ରାଜ୍ୟମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଧାନ ସଭା ଓ ଲୋକସଭା ଆସନ ସ୍ଥିର କରାଯାଇଥାଏ।
କିମ୍ବା,
(i) ୨୦୦୮ ମସିହା ଜାନୁୟାରୀ ମାସ ୭ ତାରିଖରେ କାଲାଦନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ଭାରତ ସରକାର ଘୋଷଣା କରିଥିଲେ।
(ii) ଏହି ବନ୍ଦର ମିଆଁମାରକୁ ଭାରତର ଏକ ଉପହାର ବୋଲି କହିଥିଲେ।
(iii) ଏହି ବନ୍ଦରକୁ ଭାରତ ବ୍ୟବହାର କରିପାରିବ ବୋଲି ବ୍ୟବସ୍ଥା ଥିଲା।

13.(କ) (i) ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତି ହେଉଛି ଏକ ବୈଧାନିକ ବା ଆଇନ ଅନୁମୋଦିତ ଦସ୍ତାବିଜ।
(ii) ଏହି ଦସ୍ତାବିଜ ବା ଦଲିଲରେ ସ୍ୱାକ୍ଷରକାରୀ ଦ୍ୱୟ ଥିଲେ ଭାରତ ସରକାର ଓ ଦେଶୀୟ ରାଜା।
କିମ୍ବା,
(i) ପରୋକ୍ଷ ନିର୍ବାଚନରେ ଲୋକମାନେ ପରୋକ୍ଷ ଭାବରେ ନିଜର ପ୍ରତିନିଧିଙ୍କୁ ବାଛିଥାନ୍ତି।
(ii) ପରୋକ୍ଷ ନିର୍ବାଚନରେ କମ୍ ଖର୍ଚ୍ଚ ହୋଇଥାଏ ଏବଂ ଦଳୀୟ ରାଜନୀତିର ପ୍ରଭାବ କମ୍ ଥାଏ।
(ଖ) (i) ଜାତୀୟ ଆଲୁମିନିୟମ୍ କମ୍ପାନୀର ଗୋଟିଏ ପ୍ରକଳ୍ପ କୋରାପୁଟ ଜିଲ୍ଲାର ଦାମନଯୋଡ଼ିଠାରେ ଅବସ୍ଥିତ।
(ii) ଏହାର ଅନ୍ୟ ଗୋଟିଏ ପ୍ରକଳ୍ପ ଅନୁଗୁଳ ଜିଲ୍ଲାର ଅନୁଗୁଳଠାରେ ଅବସ୍ଥିତ।
କିମ୍ବା,
(i) ଗ୍ରାମ୍ୟ ମହାଜନୀ ପ୍ରଥା ବ୍ୟବସ୍ଥାରୁ ଓଡ଼ିଶାରେ ଗୋତିପ୍ରଥା ସୃଷ୍ଟି ହେଲା।
(ii) ଏହି ପ୍ରଥା ୧୮୪୮ ମସିହା ଜୁନ୍ ମାସରୁ ଉଚ୍ଛେଦ ହେଲା।
(ଗ) (i) ଭାରତ ୧୯୭୪ ମସିହା ମେ ମାସ ୧୮ ତାରିଖରେ ତା'ର ପରମାଣୁ ବୋମା ବିସ୍ଫୋରଣ କରିଥିଲା।
(ii) ଏହା ସେ ରାଜସ୍ଥାନର ପୋଖରାନ୍‌ଠାରେ କରିଥିଲା।
କିମ୍ବା,
(i) 'ଉତ୍କଳ ଦୀପିକା' କଟକରୁ ପ୍ରକାଶ ପାଉଥିଲା।
(ii) ଏହାର ସମ୍ପାଦକଙ୍କ ନାମ ଥିଲା ଗୌରୀଶଙ୍କର ରାୟ।
(ଘ) (i) 'ଶହୀଦ୍' ଓ 'ସ୍ୱରାଜ' ଯଥାକ୍ରମେ ଆଣ୍ଡାମାନ ଓ ନିକୋବର ଦ୍ୱୀପ ଦ୍ୱୟର ନାମ ରଖାଯାଇଥିଲା।
(ii) ସୁଭାଷ ଚନ୍ଦ୍ର ବୋଷ୍ ଏହାର ନାମକରଣ କରିଥିଲେ।
କିମ୍ବା,
(i) ବିନୋବା ଭାବେ ୧୯୪୦ ମସିହା ଅକ୍ଟୋବର ୧୭ ତାରିଖ ଦିନ ତାଙ୍କର ସତ୍ୟାଗ୍ରହ ଆରମ୍ଭ କରିଥିଲେ।
(ii) ପାନାଉରଠାରେ ସେ ଏହା ଆରମ୍ଭ କରିଥିଲେ।

**ଭୂଗୋଳ**

14.(କ) (i) ଶିଳ୍ପ ସ୍ଥାପନ ନିମନ୍ତେ ସ୍ଥାନ ନିରୂପଣ ଏକ ଜଟିଳ ପ୍ରକ୍ରିୟା।
(ii) ଏହା ସ୍ଥାପନ ପାଇଁ ଦୁଇଗୋଟି କାରକ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି; ଯଥା : ପ୍ରାକୃତିକ କାରକ ଓ ସାଂସ୍କୃତିକ କାରକ।
(iii) ପ୍ରାକୃତିକ କାରକ ମଧ୍ୟରେ କଞ୍ଚାମାଲ, ଜମି, ଶକ୍ତି ଏବଂ ଜଳବାୟୁ ଅନ୍ତର୍ଭୁକ୍ତ ଥିବାବେଳେ ସାଂସ୍କୃତିକ କାରକ ମଧ୍ୟରେ ଶ୍ରମିକ, ବଜାର, ପରିବହନ, ପୁଞ୍ଜି, ମୂଳଧନ, ବ୍ୟାଙ୍କ୍ ଓ ସରକାରୀ ନୀତି ଅନ୍ତର୍ଭୁକ୍ତ।
(iv) ଏହିସବୁ ଉପାଦାନ ମିଳୁଥିବା ସ୍ଥାନରେ ବା ନିକଟରେ ସ୍ଥାନ ନିରୂପଣ କରାଯାଏ। ସହରାଞ୍ଚଳରେ ଶ୍ରମିକ, ବଜାର, ପରିବହନ, ପୁଞ୍ଜି, ବ୍ୟାଙ୍କ୍ ଆଦି ସହଜରେ ଉପଲବ୍ଧ ହେଉଥିବାରୁ ସେଠାରେ ଶିଳ୍ପାୟନ ସହଜସାଧ୍ୟ ହୋଇଥାଏ।
କିମ୍ବା,
(i) ନଦୀ ଶଯ୍ୟାରେ ବନ୍ଧ ନିର୍ମାଣ କରି ସଂରକ୍ଷିତ ଜଳକୁ ଜଳସେଚନ ପାଇଁ ବ୍ୟବହାର କରାଯାଏ।
(ii) ସଞ୍ଚିତ ଜଳରୁ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇ ଉଭୟ ଘରୋଇ ଓ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଏ।
(iii) ଅଧିକ ବର୍ଷା ସମୟରେ ନଦୀ ଜଳକୁ ବାନ୍ଧିରଖି ଅଳ୍ପ ଅଳ୍ପ ନିଷ୍କାସିତ କରି ବନ୍ୟା ନିୟନ୍ତ୍ରଣ କରାଯାଏ।
(iv) ଆବଦ୍ଧ ଜଳରାଶିରେ ନୌକା ବିହାର, ମନୋରଞ୍ଜନ, ଅନ୍ତଃସ୍ଥଳୀୟ ଜଳ ପରିବହନ ଓ ମତ୍ସ୍ୟ ପ୍ରଜନନ ଆଦି କରାଯାଏ।
(ଖ) (i) ମରୁସ୍ଥଳୀ ମୃତ୍ତିକା ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଦେଖାଯାଏ। ଉତ୍ତର-ପଶ୍ଚିମାଞ୍ଚଳରେ ଥିବା ଥର୍ ମରୁଭୂମି, ସୌରାଷ୍ଟ୍ର ଓ କଚ୍ଛ, ହରିୟାଣା ଓ ପଞ୍ଜାବରେ ଏହି ମୃତ୍ତିକା ଦେଖାଯାଏ। ଭାରତର ସମୁଦାୟ ଆୟତନର ୧୫% ଭାଗରେ ଏହି ମୃତ୍ତିକା ଦେଖାଯାଏ।
(ii) ଏହି ମୃତ୍ତିକାରେ ଅଧିକ ପରିମାଣର ବାଲି, ଲବଣ ଓ ଫସ୍‌ଫରସ୍ କିନ୍ତୁ କମ୍ ପରିମାଣର ଜୈବାଂଶ, ଯବକ୍ଷାରଜାନ ଓ ଚୂନ ଅଂଶ ଥାଏ।
(iii) ଏହାର ଜଳଧାରଣ ଶକ୍ତି କମ୍।
(iv) ଆରାବଳୀ ପର୍ବତ ପାର୍ଶ୍ୱର ମରୁସ୍ଥଳୀ ମୃତ୍ତିକାକୁ ରେଗୋଲିଥ୍ ଓ ଜଏସାଲମେର ଅଞ୍ଚଳର ମୃତ୍ତିକାକୁ ଲିଥୋଜୋଲିକ୍ ମୃତ୍ତିକା କୁହାଯାଏ।
କିମ୍ବା,
(i) ମୃତ୍ତିକା ସମ୍ବଳ କ୍ଷୟଶୀଳ ହେଲେ ମଧ୍ୟ ନବୀକରଣଯୋଗ୍ୟ, ମାତ୍ର ପୃଷ୍ଠ ମୃତ୍ତିକା ସମ୍ପୂର୍ଣ୍ଣ କ୍ଷୟ ହୋଇଗଲେ ନୂତନ ମୃତ୍ତିକା ସୃଷ୍ଟି ପାଇଁ ଦୀର୍ଘ ସମୟ ଲାଗୁଥିବାରୁ ଏହାର ସଂରକ୍ଷଣ ନିତ୍ୟାନ୍ତ ଆବଶ୍ୟକ।
(ii) ପୁନଃବନୀକରଣ, ଢାଲୁରେ ରୈଖିକ କର୍ଷଣ, କ୍ଷୟରୋଧକାରୀ ଉଦ୍ଭିଦ ରୋପଣ, ପଶୁଚାରଣ ନିୟନ୍ତ୍ରଣ, ପ୍ରତିରୋଧକ ବଳୟ ସୃଷ୍ଟି ଓ ପୋଡୁ ଚାଷକୁ ପ୍ରୋତ୍ସାହିତ ନ କରିବା ସ୍ଥାନୀୟ ଓ ବ୍ୟକ୍ତିଗତ ସ୍ତରରେ କ୍ଷୁଦ୍ର ପଦକ୍ଷେପ ଅଟେ।
(iii) ସରକାରୀ ସ୍ତରରେ ବୃହତ୍ ପଦକ୍ଷେପ ମଧ୍ୟ ନିଆଯାଇପାରେ।
(iv) ସେଗୁଡ଼ିକ ହେଉଛି ପୁନଃବନୀକରଣ ଦ୍ୱାରା ନୂତନ ଅରଣ୍ୟ ସୃଷ୍ଟି ଓ ପଶୁଚାରଣ ନିୟନ୍ତ୍ରଣ କରିବା, ବୁନ୍ଦା ଜଳସେଚନ ଦ୍ୱାରା ମୃତ୍ତିକା କ୍ଷୟ ରୋକିବା। ନଦୀବନ୍ଧ ସୃଷ୍ଟିକରି ଓ ନଦୀ ସଂଯୋଗ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ ଓ ତଦ୍ୱାରା ମୃତ୍ତିକା କ୍ଷୟ ରୋକିବା।

15. (କ)(i) ସଂରକ୍ଷିତ ଅରଣ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ରହିଥାଏ।
(ii) ଏହି ଅରଣ୍ୟରୁ କାଷ୍ଠ ସଂଗ୍ରହ ତଥା ପଶୁଚାରଣ ପାଇଁ ସାଧାରଣ ଜନତାଙ୍କୁ ଅନୁମତି ମିଳି ନ ଥାଏ।
(iii) ଏ ପ୍ରକାର ଅରଣ୍ୟର ଆୟତନ ସମୁଦାୟ ଅରଣ୍ୟ ଆୟତନର ପ୍ରାୟ ୫୩ ଶତାଂଶ ହୋଇଥାଏ।
କିମ୍ବା,
(i) ହିମରେଖାର ନିମ୍ନାଂଶରେ ଶୁଷ୍କ କଣ୍ଟାଜାତୀୟ ଗୁଳ୍ମ ଉଦ୍ଭିଦ ଦେଖାଯାଏ। ଏଗୁଡ଼ିକ ଆଲପୀୟ ଅରଣ୍ୟର ଉତ୍ତର ଢାଲୁ ଅଂଶରେ ରହିଥାଏ।
(ii) ଏହି ଅଞ୍ଚଳରେ ଆଲ୍‌ପୀୟ ଚାରଣ ଭୂମି ମଧ୍ୟରେ ସରଳବର୍ଗୀୟ ବୃକ୍ଷ ଓ ହିମାଚ୍ଛାଦିତ ଭୂମି ଦେଖାଯାଏ।
(iii) ପୀରପଞ୍ଜାଲ ପର୍ବତଶ୍ରେଣୀରେ ଏହା ବିଶେଷଭାବେ ଦେଖାଯାଏ। ଏଠାରେ ଗୁଜ୍ଜରମାନେ ଋତୁକାଳୀନ ସ୍ଥାନାନ୍ତର କାର୍ଯ୍ୟ ମାଧ୍ୟମରେ ପଶୁଚାରଣ କରିଥାନ୍ତି।
(ଖ)(i) ଅବର୍ଗୀକୃତ ଅରଣ୍ୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଏହାକୁ ମୁକ୍ତ ଅରଣ୍ୟ କୁହାଯାଏ।
(ii) ଏହା କାଠ ସଂଗ୍ରହ ଓ ପଶୁଚାରଣ ପାଇଁ ବିଶେଷ ଭାବେ ବ୍ୟବହୃତ ହୋଇଥାଏ।
(iii) ଏହାର ଆୟତନ ସମୁଦାୟ ଅରଣ୍ୟର ଆୟତନର ପ୍ରାୟ ୧୮ ଶତାଂଶ।
କିମ୍ବା,
(i) ଖଣିଜ ପଦାର୍ଥ ସାଧାରଣତଃ ଖଣିଜ ପିଣ୍ଡରୁ ମିଳିଥାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ସଂକ୍ଷେପରେ

### ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବବାଟିକା ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ସହ ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ, ବ୍ରହ୍ମପୁର ଚିକିଟି ଥାନାଞ୍ଚଳର ପିଣ୍ଟୁ ବିନ୍ଧାଣୀ ଓରଫ ରିଙ୍କୁ। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ରିଙ୍କୁକୁ ଧରିବାକୁ ଜାଲ ବିଛାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ରିଙ୍କୁ ଜୟଦେବବାଟିକା ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ନଂ. ୬୪/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି କରାଯାଉ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ନିଯୁକ୍ତି ବିଜ୍ଞପ୍ତି ପ୍ରତ୍ୟେକ ବର୍ଷ ବାହାର କରି ମେଧାବୀ ପ୍ରାର୍ଥୀଙ୍କୁ ଭବିଷ୍ୟତ ଗଢ଼ିବାକୁ ସୁଯୋଗ ଦିଆଯାଉ। ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଏବଂ ଅନ୍ୟାନ୍ୟ ବୋର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ଚାକିରିରେ ଖାଲିଥିବା ପଦବୀଗୁଡ଼ିକ ନିୟମାନୁସାରେ ପ୍ରତ୍ୟେକ ବର୍ଷ ପୂରଣ ହେବାକଥା। ମାତ୍ର ତାହା ଉଚିତ ସମୟରେ ହେଉ ନାହିଁ। ଦୁଇଟି ବିଜ୍ଞପ୍ତି ମଧ୍ୟରେ ଥିବା ଅବଧି ପ୍ରାୟ ପାଞ୍ଚବର୍ଷରୁ ଅଧିକ ରହୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡୁଛି। ତେଣୁ ନିଯୁକ୍ତି ବିଜ୍ଞପ୍ତି ପ୍ରତି ବର୍ଷ ବାହାର କରାଗଲେ ପରୀକ୍ଷାର୍ଥୀଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ନିରନ୍ତରତା ବଜାୟ ରହିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କ ବୟସ ସୀମାକୁ ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଉ। ଯେଉଁଭଳି ସରକାରୀ କର୍ମଚାରୀଙ୍କ ଅବସରକାଳୀନ ବୟସସୀମା ବୃଦ୍ଧି ହେଉଛି ବା ଅବସର ପରେ ମଧ୍ୟ ପୁନଃନିଯୁକ୍ତି ଦିଆଯାଉଛି। ସେହିଭଳି ନିଯୁକ୍ତି କ୍ଷେତ୍ରରେ କାହିଁକି ବୟସସୀମା ବୃଦ୍ଧି ହୋଇ ପାରିବ ନାହିଁ। ଅନ୍ୟ ରାଜ୍ୟ ଯଥା- ଗୋଆରେ ୪୫ ବର୍ଷ, ତେଲେଙ୍ଗାନାରେ ୪୪, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ହରିୟାଣାରେ ୪୨ ବର୍ଷ ବୟସସୀମା ଧାର୍ଯ୍ୟ କରାଯାଇଛି। ସେହିପରି ପଶ୍ଚିମବଙ୍ଗ, ତ୍ରିପୁରା, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟଗୁଡ଼ିକରେ ୪୦ ବର୍ଷ ପର୍ଯ୍ୟନ୍ତ ବୟସ ସୀମା ବଢ଼ାଯାଇଛି। ଓଡ଼ିଶାରେ ନିକଟରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ ବର୍ଷରୁ ୪୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଣୁ ନିଯୁକ୍ତି ଭିତ୍ତିକ ବୟସ ସୀମା ବୃଦ୍ଧି କରିବା ସହ ପ୍ରତି ବର୍ଷ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବାକୁ ଡିସେମ୍ବର ୨୩ରେ ସୁମନ୍ତ ଶତପଥୀ, ସୁରେନ୍ଦ୍ର କୁମାର ଜେନା, ଅଶୋକ ରାଣା ଓ ଅନ୍ୟ କେତେକ ଆଶାୟୀ ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ଦେଇଥିଲେ। ଏନେଇ ଖୁବ୍‌ଶୀଘ୍ର ବିଚାର କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀମାନେ କହୁଥିବାବେଳେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନଙ୍କ ବୟସ ଗଡ଼ିଯାଉଥିବାରୁ, ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି।

# ଦୁର୍ଘଟଣାରୁ ବର୍ତ୍ତିଗଲା ରାଜ୍ୟରାଣୀ ଏକ୍ସପ୍ରେସ୍

**ଅନୁଗୋଳ ଅଫିସ୍, ୨୪।୧**

- ଟ୍ରାକ୍‌ରେ ରଖାଯାଇଥିଲା ଲୁହା ଖମ୍ବ
- ଅନ୍ୟ ଏକ ଇଞ୍ଜିନ ଚାଳକ ଦେଲେ ସୂଚନା
- ଅନୁଗୋଳ ଷ୍ଟେଶନରେ ରୋକାଗଲା ଏକ୍ସପ୍ରେସ୍
- ଘଟଣାସ୍ଥଳରୁ ୨ ଯୁବକ ଗିରଫ

ଅନୁଗୋଳ ରେଳ ଷ୍ଟେଶନରୁ ତାଳଚେର ରୋଡ୍‌କୁ ଲମ୍ବିଥିବା ଟ୍ରାକ୍‌ରେ ଏକ ଲୁହା ଖମ୍ବ ରଖାଯାଇ ଟ୍ରେନ୍ ଦୁର୍ଘଟଣା ପାଇଁ ଗୁରୁବାର ବିଳମ୍ବିତ ରାତିରେ ଷଡ଼ଯନ୍ତ୍ର କରାଯାଇଥିଲେ ହେଁ ସେଥିରୁ ବର୍ତ୍ତିଯାଇଛି ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍ (ନଂ. ୧୮୧୧୭)। ଉକ୍ତ ଟ୍ରାକ୍‌ରେ ଖମ୍ବ ରଖାଯାଇଥିବା ସମ୍ପର୍କରେ ଏକ ଇଞ୍ଜିନ ଚାଳକଙ୍କଠାରୁ ଖବର ମିଳିବା ପରେ ରେଳବାଇ କର୍ତ୍ତୃପକ୍ଷ ଅନୁଗୋଳ ଷ୍ଟେଶନରେ ହିଁ ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ଅଟକାଇ ଦେଇଥିଲେ। ପରେ ରେଳବାଇ ଓ ଆର୍‌ପିଏଫ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୌଡ଼ି ପଳାଉଥିବା ଦୁଇ ଯୁବକ ଅନୁଗୋଳ ଥାନା ରାଣୀଗୋଡ଼ା ସାନନ୍ତସାହିର ରଞ୍ଜନ ମୁଣ୍ଡା(୨୦) ଓ ଅଜୟ ମୁଣ୍ଡା(୧୯)ଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ରେଳବାଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅନୁଗୋଳ ପୋଲିସ ପକ୍ଷରୁ ମଧ୍ୟ ଏକ ମାମଲା ନଂ. ୮୭/୨୦ ରୁଜୁ କରାଯାଇଛି। ଅଧିକ ତଦନ୍ତ ପାଇଁ ରେଳବାଇ ପୋଲିସ ଅନୁଗୋଳ ପୋଲିସକୁ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ମୋନୁ କୁମାର ଶର୍ମା ସୂଚନା ଦେଇଛନ୍ତି।

ଆର୍‌ପିଏଫ୍ ସୂତ୍ରରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ଅନୁଗୋଳ ଇଲେକ୍ଟ୍ରିକ ଲୋକ ସେଡ୍‌ରୁ ତାଳଚେର ଅଭିମୁଖେ ଯାଉଥିବା ଏକ ଲାଇଟ୍ ଇଞ୍ଜିନ ଟ୍ରାକ୍‌ରେ ରଖାଯାଇଥିବା ଉକ୍ତ ଲୁହା ଖମ୍ବକୁ ଧକ୍କା ଦେଇଥିଲା। ଇଞ୍ଜିନଟି ଧୀରଗତିରେ ଯାଉଥିବାରୁ ଖମ୍ବଟି ଟ୍ରାକ୍‌ରୁ ତଳକୁ ଖସି ପଡ଼ିଥିଲା। ଘଟଣା ସମ୍ପର୍କରେ ଲାଇଟ୍ ଇଞ୍ଜିନ୍‌ର ଚାଳକ ତାଳଚେରଠାରେ ରିପୋର୍ଟ କରିବା ପରେ ତୁରନ୍ତ ଏ ନେଇ ଅନୁଗୋଳ ଷ୍ଟେଶନକୁ ବାର୍ତ୍ତା ପ୍ରେରଣ କରାଯାଇଥିଲା। ଫଳରେ ରାଉରକେଲାରୁ ଗୁଣୁପୁରୁ ଯାଉଥିବା ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ରେଳବାଇ କର୍ତ୍ତୃପକ୍ଷ ଅନୁଗୋଳ ଷ୍ଟେଶନରେ ଅଟକାଇ ଦେଇଥିଲେ। ପରେ ଅନୁଗୋଳର ଚିଫ୍ ଲୋକ ସର୍କଲ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ଅନୁଗୋଳ ପିଡବ୍ଲ୍ୟୁଆଇ କନିଷ୍ଠ ଯନ୍ତ୍ରୀ (ରେଲ୍) ସଞ୍ଜୟ କୁମାର ସାହୁ, ଡିଭିଜନାଲ୍ ଟ୍ରଫିକ ଇନ୍ସପେକ୍ଟର ଚିଦାନନ୍ଦ ଦାଶ ଓ ଅନ୍ୟ ଅଧିକାରୀ, ଆର୍‌ପିଏଫ୍ ଇନ୍ସପେକ୍ଟର ଶର୍ମା ଏବଂ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ସେହି ସମୟରେ ସେଠାରେ ଥିବା ଦୁଇ ଅଭିଯୁକ୍ତ ରଞ୍ଜନ ଓ ଅଜୟ ଦୌଡ଼ିବାକୁ ଲାଗିଥିଲେ। ରେଳବାଇ ପୋଲିସ ଉଭୟଙ୍କୁ କାବୁ କରିବା ସହ ଧାରଣା ପାର୍ଶ୍ୱରେ ୭ ଫୁଟ ଲମ୍ବର ଲୁହା ଖମ୍ବ ପଡ଼ିଥିବା ଦେଖିବାକୁ ପାଇଥିଲେ। ମଦ୍ୟପାନ ପରେ ଅଭିଯୁକ୍ତ ଦ୍ୱୟ ଏପରି କରିଥିବା ରେଳବାଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏହି ଘଟଣା ପରେ ଭୋର ପ୍ରାୟ ୫ଟା ବେଳେ ରାଜ୍ୟରାଣୀ ଏକ୍ସପ୍ରେସ୍ ଗୁଣୁପୁରୁ ଅଭିମୁଖେ ଗସ୍ତ କରିଥିବା ରେଳବାଇ ପୋଲିସ ପ୍ରକାଶ କରିଛି।

# 'ଶୀଘ୍ର ଶେଷ କର ରେଳ ପ୍ରକଳ୍ପ'

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷକରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରାମର୍ଶ ଦେଇଛନ୍ତି। ଗତ ୨୨ ତାରିଖରେ ଅନୁଷ୍ଠିତ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସହିତ ଓଡ଼ିଶା ସରକାରଙ୍କୁ ସମନ୍ୱୟ ରକ୍ଷା କରିବାକୁ କହିଛନ୍ତି। ଅନେକ କାରଣ ଯୋଗୁ ୨୮୯ କି.ମି. ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ବିଳମ୍ବ ହେବାରେ ଲାଗିଛି। ଏଥିମଧ୍ୟରୁ ଖୋର୍ଦ୍ଧା-ନୟାଗଡ଼ ୬୬ କି.ମି. ଦୈର୍ଘ୍ୟର କାର୍ଯ୍ୟ ସମାପ୍ତ ହୋଇସାରିଛି। ଅନ୍ୟପକ୍ଷରେ ପେଟ୍ରୋଲିୟମ ପରିବହନ ପାଇଁ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟରେ ବିଛାଯାଉଥିବା ପାରାଦୀପ-ହାଇଦ୍ରାବାଦ ପାଇପଲାଇନ କାର୍ଯ୍ୟର ସମୀକ୍ଷା କରିଛନ୍ତି।

୧୨୧୨କି.ମି. ଦୈର୍ଘ୍ୟର ଏହି ପାଇପ ଲାଇନ କାର୍ଯ୍ୟ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକଙ୍କ ବିରୋଧ, ଅଧିକ ପରିମାଣରେ କ୍ଷତିପୂରଣ ପ୍ୟାକେଜ ଦାବି ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଚାଲିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ପ୍ରଗତି ମାଧ୍ୟମରେ ୩୨ତମ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ରାଜ୍ୟଗଡ଼ିକ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସଂକ୍ରାନ୍ତରେ ଆସିଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ପୂର୍ବ ୩୧ଟି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ୧୨ଲକ୍ଷ ୩୦ହଜାର କୋଟି ଟଙ୍କା ମୂଲ୍ୟର ମୋଟ ୨୬୯ଟିପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହାସହ ୪୭ଟି ସରକାରୀ ଯୋଜନାର ଅଭିଯୋଗ ଫଇସଲା ସମ୍ପର୍କୀୟ ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ଜଣାପଡିଛି।

# ରାଜ୍ୟରେ ଖୋଲିବ ୪୫୦ ନୂଆ ଆରଆଇ ସର୍କଲ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ସାରା ରାଜ୍ୟରେ ରାଜସ୍ୱ ନିରୀକ୍ଷକ (ଆର.ଆଇ) କାର୍ଯ୍ୟାଳୟ ଗୁଡିକର ପୁନର୍ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ସରକାର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡିଛି। ତେଣୁ ସରକାର ରାଜ୍ୟରେ ଆଉ ପ୍ରାୟ ୪୫୦ ନୂଆ ଆର.ଆଇ କାର୍ଯ୍ୟାଳୟ ଗଠନ ନେଇ ଚିନ୍ତା କରୁଛନ୍ତି। ଗତ ଡିସେମ୍ବର ୭ରେ ସେ ସମୟରେ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଏନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡିଛି।

ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ବର୍ତ୍ତମାନ ୨୨୭୯ ଆର.ଆଇ ସର୍କଲ ରହିଛି। ଗତ ୧୦ ବର୍ଷରେ ୨୨୦ ଆର.ଆଇ ସର୍କଲ ଗଠନ ହୋଇଛି। ତେଣୁ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ପ୍ରତି ୩ ଗ୍ରାମ ପଞ୍ଚାୟତରେ ଗୋଟିଏ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ଅନୁରୂପଭାବେ ସହରାଞ୍ଚଳରେ ପ୍ରତି ୩ଟି ୱାର୍ଡରେ ଗୋଟିଏ ଆର.ଆଇ ସର୍କଲ ଗଠନ ପାଇଁ ପ୍ରସ୍ତାବ ରହିଛି। ଏହି ସହରାଞ୍ଚଳଗୁଡିକ ହେଉଛି- କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, ସମ୍ବଲପୁର ଏବଂ ବାଲେଶ୍ୱର। ଯଦି ଆବଶ୍ୟକ ହୁଏ, ତେବେ ଲଘୁ ଖଣିଜ ଅଞ୍ଚଳରେ ଅତିରିକ୍ତ ଆର.ଆଇ ସର୍କଲ ଖୋଲାଯିବ। ତେଣୁ ତହସିଲୱାରୀ ରୂପରେଖ ପ୍ରସ୍ତୁତ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତୋଟି ଆର.ଆଇ ସର୍କଲ ହେବ, ତାହାର ଏକ ପ୍ରାଥମିକ ପରିସଂଖ୍ୟାନ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ପରିସଂଖ୍ୟାନ ଅନୁଯାୟୀ, ଅନୁଗୋଳ ଜିଲାରେ ୨୦, ବାଲେଶ୍ୱର ୪୫, ବରଗଡ ୨୦, ଭଦ୍ରକ ୩, ବଲାଙ୍ଗୀର ୧୯, ବୌଦ୍ଧ ୩, କଟକ ୪୩, ଦେବଗଡ ୪, ଢେଙ୍କାନାଳ ୨୧ ଏବଂ ଗଜପତିରେ ୧୩ ଆର.ଆଇ ସର୍କଲ ପାଇଁ ପ୍ରସ୍ତାବ ରହିଛି। ସେହିପରି ଗଞ୍ଜାମରେ ୨୦, ଜଗତ୍‌ସିଂହପୁର ୧, ଯାଜପୁର ୩୨, ଝାରସୁଗୁଡାରେ ୫, କଳାହାଣ୍ଡି ୨୫, କନ୍ଧମାଳ ୭, କେନ୍ଦ୍ରାପଡା ୧୩, କେନ୍ଦୁଝର ୨୨, ଖୋର୍ଦ୍ଧା ୨୬ ଏବଂ କୋରାପୁଟରେ ୧୧ଟି ଆର.ଆଇ ସର୍କଲ ଖୋଲାଯିବା ପାଇଁ ବିଚାର କରାଯାଉଛି। ଅନୁରୂପଭାବେ ମାଲକାନଗିରିରେ ୫, ମୟୂରଭଞ୍ଜରେ ୯, ନବରଙ୍ଗପୁର ୧୨, ନୟାଗଡ ୧୭, ନୂଆପଡା୧୨, ପୁରୀ ୧୪, ରାୟଗଡା ୨, ସମ୍ବଲପୁର ୧୦, ସୁବର୍ଣ୍ଣପୁର ୨ ଏବଂ ସୁନ୍ଦରଗଡ଼ରେ ୧୪ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ବର୍ତ୍ତମାନ ରାଜ୍ୟର ଅନେକ ବୃହତ ସର୍କଲ ଅବସ୍ଥାନ କରୁଛି। ନୂତନ ସର୍କଲ ଗଠନ ପରେ ଏହାର ପରିସୀମା ହ୍ରାସ ପାଇବ। ଫଳରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଚାପ ବହୁପରିମାଣରେ କମିଯିବ। ଏହା ଦ୍ୱାରା ଜନସାଧାରଣ ସହଜରେ ଜମିଜମା ସମ୍ପର୍କିତ ସେବା ପାଇପାରିବେ।

# ହାଇକୋର୍ଟରେ ଜବାବ ଦାଖଲ କଲେ ବରୀ ବିଧାୟିକା

**କଟକ ଅଫିସ,୨୪।୧:** ବିଧାନସଭା ନିର୍ବାଚନୀ ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଶୁକ୍ରବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ବିଧାୟିକାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ନିର୍ବାଚନୀ ସତ୍ୟପାଠରେ ବିଧାୟିକା ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ମଲ୍ଲିକ ପିଟିଶନରେ ଉଲ୍ଲେଖ କରିଥିଲେ। ଫେବୃୟାରୀ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ବିଧାୟକଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୨୪।୧:** ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ରମେଶ ଜେନାଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି

**ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲା**

ବିଚାରପତି ଜଷ୍ଟିସ ବି.ପି. ରାଉତରାୟ ଏହି ଆଦେଶ ଦେବା ସହିତ ଫେବୃୟାରୀ ୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ବିଧାୟକ ଜେନାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ନନ୍ଦିନୀ ଦେବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନନ୍ଦିନୀ ପିଟିଶନରେ ଦର୍ଶାଇଥିଲେ, କୌଣସି ପ୍ରାର୍ଥୀଙ୍କ ବିରୋଧରେ ଯଦି ମାମଲା ଥାଏ ତେବେ ସମ୍ପୃକ୍ତ ପ୍ରାର୍ଥୀ ଗଣମାଧ୍ୟମ ଜରିଆରେ ଏହାର ବିଜ୍ଞାପନ ପ୍ରକାଶ କରିବା କଥା। କିନ୍ତୁ ବିଧାୟକଙ୍କ ବିରୋଧରେ ଥିବା ମାମଲା ସମ୍ପର୍କରେ ସେ କୌଣସି ବିଜ୍ଞାପନ ଦେଇନାହାନ୍ତି। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବାକୁ ନନ୍ଦିନୀ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ରାଜୀବ କୁମାର ମହନ୍ତ, ନିରଞ୍ଜନ ହୋତା ମାମଲା ପରିଚାଳନା କରୁଥିଲେ।

# କୋଣାର୍କ ମନ୍ଦିର କଥା ବୁଝିବ କେନ୍ଦ୍ର

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

- ଏଏସ୍‌ଆଇ ସହ ଆଲୋଚନା କରାଯିବ: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ
- କେନ୍ଦ୍ର ସରକାର ଆଣିବେ ନୂତନ ପର୍ଯ୍ୟଟନ ନୀତି

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ଟିକିନିଖି ଖବର ରଖିବେ କେନ୍ଦ୍ର ସରକାର। ମନ୍ଦିର ସଂରକ୍ଷଣଠାରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ, ସବୁକିଛି କେନ୍ଦ୍ରର ତତ୍ତ୍ୱାବଧାନରେ ହେବ। ଏ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ଆଲୋଚନା କରିବେ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି।

କୋଣାର୍କ ଇକୋ ରିଟ୍ରିଟ୍‌ରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପଟେଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଥିଲେ। ସେ ଆହୁରି କହିଛନ୍ତି, ବର୍ତ୍ତମାନ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ସେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ଏଏସ୍‌ଆଇ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଖଞ୍ଜି ଦେଉଥିବା ବାରମ୍ବାର ଅଭିଯୋଗ ହୋଇଛି। ସେହିଭଳି ମନ୍ଦିରରୁ ବର୍ଷାଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ୍ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନୁହେଁ ବୋଲି କୁହାଯାଇଛି। ସୂର୍ଯ୍ୟମନ୍ଦିରରେ ଲାଗିରହିଥିବା ଏହି ସମସ୍ୟାର ସମୀକ୍ଷା କରିବାର ସମୟ ଆସିଛି। ଏଥିସହ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନୂତନ ପର୍ଯ୍ୟଟନ ନୀତି ଆଣିବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଗସ୍ତ ଅବସରରେ ପୁରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିବେ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶାରେ ଏକାଧିକ ଅନାଲୋଚିତ ଓ ଅଜଣା ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ବିଶେଷକରି ସୁଦୀର୍ଘ ବେଳାଭୂମି, ବିସ୍ତୃତ ଜଙ୍ଗଲ, ପାହାଡ଼, ଝରଣା ଭଳି ଏକାଧିକ ଉପାଦାନ ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ବଳକୁ ବର୍ଣ୍ଣନା କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

# ବନ୍ଧୁକ ଦେଖାଇ ଲୁଟିନେଲେ ୨୩.୬୮ ଲକ୍ଷ

**ଖୋର୍ଦ୍ଧା ଅଫିସ,୨୪।୧**



ଲୁଟ୍‌ର ଶିକାର ହୋଇଥିବା ବାପୁଜୀ ମହାରଣାଙ୍କୁ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ପଚରାଉଚରା କରୁଛନ୍ତି।

- ଡିପୋଜିଟ୍ କରିବାକୁ ନିଆଯାଉଥିଲା ଏଲଆଇସି ଟଙ୍କା
- ବାରମ୍ବାର ବୟାନ ବଦଳାଉଛନ୍ତି ଅଭିଯୋଗକାରୀ

ଖୋର୍ଦ୍ଧା ଆଦର୍ଶ ଥାନା ମଙ୍ଗଳାନଗରର ସାଇ ମନ୍ଦିର ନିକଟରୁ ଏଲଆଇସିର ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଲୁଟ୍ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା ରଏଟର ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ବାପୁଜୀ ମହାରଣା ଖୋର୍ଦ୍ଧାର ଏକ ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିଲେ। ବାଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ଅନ୍ୟପକ୍ଷେ ପୂର୍ବାହ୍ନ ସାଢ଼େ ୧୧ଟାରେ ଲୁଟ୍ ହୋଇଥିବାବେଳେ ଅଭିଯୋଗକାରୀ ବାପୁଜୀ ଅପରାହ୍ନ ୩ଟାରେ ଥାନାରେ ଅଭିଯୋଗ କରିଥିଲେ। ଫଳରେ ଲୁଟ୍ ଘଟଣା ସନ୍ଦେହ ଘେରକୁ ଆଣିଛି। ଅଭିଯୋଗକାରୀ ପ୍ରଥମେ କହିଥିଲେ, ୩ ବାଇକ୍‌ରେ ୫ଜଣ, ପରେ ୨ ବାଇକ୍‌ରେ ୪ଜଣ ଓ ଗୋଟିଏ ବାଇକ୍‌ରେ ୨ଜଣ ହେଲମେଟ ପିନ୍ଧି ଆସି ଲୁଟ୍ କରିଛନ୍ତି। ତେବେ ସରଜମିନ୍ ତଦନ୍ତ ଓ ବାପୁଜୀଙ୍କ ବୟାନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ପୋଲିସ ଅଭିଯୋଗର ସତ୍ୟତା ଉପରେ ସନ୍ଦେହ କରୁଛି। ପୁଣି ଏତେ ଟଙ୍କା ଡିପୋଜିଟ୍ କରିବାକୁ ବିନା ସୁରକ୍ଷାରେ ଜଣେ ବ୍ୟକ୍ତି ଏକୁଟିଆ କାହିଁକି ଯାଉଥିଲେ। ଏଭଳି କିଛି କାରଣ ପୋଲିସର ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଛି। ଏଭଳିସ୍ଥଳେ ପୋଲିସ ନଂ. ୨୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁସାରେ, ଜଟଣୀ ଥାନା କୁଦିଆରିର ବାପୁଜୀ ରଏଟର୍ ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ଭାବେ କାମ କରନ୍ତି। ବାପୁଜୀ ନିଜର ସହକର୍ମୀଙ୍କ ସହ ପ୍ରତିଦିନ ଏଲଆଇସି ଟଙ୍କା ବ୍ୟାଙ୍କରେ ଡିପୋଜିଟ୍ ଲାଗି କ୍ୟାଶ୍ ପିକ୍‌ଅପ ଭ୍ୟାନରେ ଡେଲିଭରି କରନ୍ତି। ଶୁକ୍ରବାର ବାପୁଜୀ ଅନ୍ୟ ୩ ଜଣ କର୍ମଚାରୀଙ୍କ ସହ ମିଶି ମଧ୍ୟ ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଡିପୋଜିଟ୍ କରିବାକୁ ନେବାର ଥିଲା। ତେବେ ଟଙ୍କା ନେଇ ଯିବାକୁ ଅନ୍ୟ ୩ କର୍ମଚାରୀ ବାପୁଜୀଙ୍କୁ କହି ପରେ ଯିବେ କହିଥିଲେ। ଏଭଳିସ୍ଥଳେ ବାପୁଜୀ ଟଙ୍କା ନେଇ ଯାଉଥିବାବେଳେ ସାଇ ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଅଟକାଇ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ତେବେ କେତେଜଣ ଦୁର୍ବୃତ୍ତ ଲୁଟ୍‌ରେ ସାମିଲ ଥିଲେ ଜଣାପଡିନି। ଏ ନେଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବାଇକ୍ ଯୋଗେ ପଳାଇ ଯାଇଥିବା ଅଭିଯୋଗକାରୀ କହୁଛନ୍ତି। ହେଲେ ଅଭିଯୋଗକାରୀ ବାରମ୍ବାର ବୟାନ ବଦଳାଉ ଥିବାରୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେଉଛି। ପୋଲିସ ସିସିଟିଭି କ୍ୟାମେରା ଓ ଭିନ୍ନ ଭିନ୍ନ ତରିକାରେ ତଦନ୍ତ ଜାରି ରଖିଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ ବା ଖଣିଜ ପଥର କୁହାଯାଏ।

(iii) ଖଣିଜ ପିଣ୍ଡରେ ଗୋଟିଏ ଖଣିଜ ପଦାର୍ଥର ପରିମାଣ ଯଥେଷ୍ଟ ଥିବା ଆବଶ୍ୟକ। ନଚେତ୍ ଏଥିରୁ ସେହି ଖଣିଜର ନିଷ୍କର୍ଷଣ ବ୍ୟାବସାୟିକ ଦୃଷ୍ଟିରୁ ଲାଭପ୍ରଦ ହୋଇନଥାଏ।

(ଗ) **ଆନ୍ଥ୍ରାସାଇଟ୍ :**

(i) ଏହା ସର୍ବୋତ୍କୃଷ୍ଟ କଠିନ କୋଇଲା ଓ ଅଙ୍ଗାରକର ପରିମାଣ ପ୍ରାୟ ୯୦-୯୫ ପ୍ରତିଶତ।

(ii) ଏହା ଚିକ୍‌କଣ ଗାଢ଼ ରଙ୍ଗର ଏବଂ ଜାଳେଣି ଭାବେ ଅଧିକ ତାପ ପ୍ରଦାନ କରିଥାଏ।

**ଲିଗ୍ନାଇଟ୍ :**

(i) ଏହା ନିମ୍ନମାନର କୋମଳ କୋଇଲା ଓ ଏଥିରେ ଅଙ୍ଗାରକର ପରିମାଣ ପ୍ରାୟ ୬୦ ପ୍ରତିଶତ।

(ii) ଏହାର ରଙ୍ଗ ବାଦାମୀ ଓ ଜଳୀୟଅଂଶ ଅଧିକ ଥାଏ।

**କିମ୍ବା,**

**ମାଧପୁର :**

(i) ମାଧପୁର ଗୁଜରାଟରେ ଅବସ୍ଥିତ।

(ii) ଏହା ସୌରତାପ ଶକ୍ତି ଉତ୍ପାଦନ କେନ୍ଦ୍ର।

**ରାୱତଭଟ୍ଟା :**

(i) ରାୱତଭଟ୍ଟା ରାଜସ୍ଥାନରେ ଅବସ୍ଥିତ।

(ii) ଏହା ଏକ ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର।

**(ଘ)** (i) ରାସାୟନିକ ସାର ଓ ଔଷଧର ବ୍ୟବହାର ପାଇଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଏହାଦ୍ୱାର ଜୈବ ବିବିଧତା ଉପରେ ମଧ୍ୟ ପ୍ରଭାବ ପଡୁଛି। ବର୍ତ୍ତମାନ ଯେଉଁ ପରିବର୍ତ୍ତନ ଆସୁଛି ତାହାକୁ ଜୀନୀୟ ବିବର୍ତ୍ତନ କୁହାଯାଇପାରେ।

(ii) ଜେନେଟିକ୍ ଇଂଜିନିୟରିଂ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ। ଏହା ଦ୍ୱାରା ନୂତନ ଧରଣର ଅଧିକ ଅମଳକ୍ଷମ ବିହନ ଉତ୍ପାଦିତ ହେଉଛି।

**କିମ୍ବା,**(i) ଯେଉଁ ଶିଳ୍ପ କୌଣସି ବ୍ୟକ୍ତି, ପରିବାର କିମ୍ବା ନିଗମ ଅଧିକାରୀଙ୍କ ମାଲିକାନାରେ ଥାଇ ନିଜସ୍ୱ ପୁଞ୍ଜିଲଗାଣ ଦ୍ୱାରା ସ୍ଥାପିତ ହୋଇଥାଏ, ତାହାକୁ ବେସରକାରୀ ଶିଳ୍ପ କୁହାଯାଏ।

(ii) ଟାଟା ଲୌହ ଇସ୍ପାତ କାରଖାନା, ରିଲାଏନ୍ସ୍ ବଜାଜ ଅଟୋ ଇତ୍ୟାଦି ବେସରକାରୀ ଶିଳ୍ପର ଉଦାହରଣ।

**16.(କ)** (i) ଜଗତୀକରଣ ନୀତି ଦ୍ୱାରା ଉତ୍ପାଦନ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ବିଶ୍ୱ ସମୁଦାୟ ସହ ସାମିଲ ହେବାକୁ ପଡ଼ିଥାଏ।

(ii) ବହୁରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ପୁଞ୍ଜି ବିନିଯୋଗ, କଳକାରଖାନା ପ୍ରତିଷ୍ଠା ଓ ଉତ୍ପାଦିତ ଦ୍ରବ୍ୟ ଓ ସେବା ଯୋଗାଣ କରାଯାଇଥାଏ।

(iii) ଦେଶର ଶିଳ୍ପୋଦ୍ୟୋଗୀଙ୍କୁ ଅନ୍ୟ ଦେଶରେ ପୁଞ୍ଜି ବିନିଯୋଗ ତଥା ଉତ୍ପାଦିତ ଦ୍ରବ୍ୟ ଓ ସେବା ବିକ୍ରୟ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। ତେଣୁ ଜଗତୀକରଣକୁ ଏକ ବଜାରଭିତ୍ତିକ ଅର୍ଥନୀତି କୁହାଯାଏ।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶମାନଙ୍କର ମୁଖ୍ୟ ସମସ୍ୟା ଜନସଂଖ୍ୟା ବୃଦ୍ଧି।

(ii) ଦେଶର ସମ୍ବଳ ଉପରେ ଅତ୍ୟଧିକ ଚାପ ଥାଏ। ତେଣୁ ମୁଣ୍ଡପିଛା ଆୟ କମ୍ ହୋଇଥାଏ।

(iii) ଆୟ କମ୍ ହୋଇଥିବାରୁ ଲୋକମାନେ ଗରିବ ଓ ଜୀବନ ଧାରଣର ମାନ ଅତି ନିମ୍ନ ହୋଇଥାଏ।

**(ଖ)** (i) ସଘନ କୃଷି ସାଧାରଣତଃ ଜନବସତି ଓ କମ୍ ଚାଷଜମି ଥିବା ଅଞ୍ଚଳରେ କରାଯାଏ।

(ii) ଭାରତ ଏକ ଜନବହୁଳ ଦେଶ। ସ୍ୱତ୍ୱାଧିକାର ବ୍ୟବସ୍ଥାରେ ଦିନକୁ ଦିନ ସୀମିତ ଚାଷଜମିର ପରିମାଣ ହ୍ରାସ ପାଉଥିବାରୁ ତଥା ଖାଦ୍ୟ ଚାହିଦା ପୂରଣ ନିମନ୍ତେ ଭାରତରେ ସଘନ କୃଷି ପ୍ରଣାଳୀ ବିଶେଷ ଭାବେ ଅନୁସୃତ ହୁଏ।

**କିମ୍ବା,**

(i) ଖଣିରୁ ବାହାରୁଥିବା ଧୂଳି, ଧୂଆଁ ଓ ଦୂଷିତ ଗ୍ୟାସ୍ ସେବନ ଦ୍ୱାରା ଶ୍ରମିକମାନେ ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୁଅନ୍ତି।

(ii) ଖଣି ଛାତ ଭୁଷୁଡ଼ିବା, ଖଣିରେ ନିଆଁ ଲାଗିବା, ଖଣି ଧସିବାରେ ମୃତାହତ ହେବାର ସମ୍ଭାବନା ଥାଏ। ତେଣୁ ଖଣି ଖନନକୁ ଘାତକ ଶିଳ୍ପ କୁହାଯାଏ।

**(ଗ)**(i) ଅଧିକ ଲାଭ ଆଶାରେ ଉଚ୍ଚମାନ ସମ୍ପନ୍ନ ଦ୍ରବ୍ୟଗୁଡ଼ିକରେ ବ୍ୟବହାର ଅଯୋଗ୍ୟ ଦ୍ରବ୍ୟଗୁଡ଼ିକୁ ମିଶାଇ ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ। ଚାଉଳରେ ଗୋଡ଼ି, ଚା'ରେ ଚମଡ଼ା ଗୁଣ୍ଡ, ପେଟ୍ରୋଲରେ କିରୋସିନି ମିଶ୍ରଣ କରି ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଏ।

(ii) **ନକଲି ଦ୍ରବ୍ୟ :** ଠିକ୍ ଗୁଣ ବିହୀନ ନିମ୍ନମାନର ଦ୍ରବ୍ୟକୁ ନକଲି ଦ୍ରବ୍ୟ କୁହାଯାଏ। ଏଥିରେ ଠିକ୍ ଗୁଣବିଶିଷ୍ଟ ଦ୍ରବ୍ୟର ଆକଳନ ମୂଲ୍ୟ ଦେଇ ଉପକୃତ ନ ହୋଇ ଖାଉଟି ଶୋଷିତ ହୋଇଥାଏ।

**କିମ୍ବା,**

**ଖାଉଟି ସଂଗଠନ:** ବ୍ୟବସାୟମାନଙ୍କ ଶୋଷଣ ବିରୁଦ୍ଧରେ ଖାଉଟିମାନେ ଯେଉଁ ସଂଗଠନ ମାଧ୍ୟମରେ ଦାବି ଉପସ୍ଥାପିତ କରିବା ଉଚିତ ତାହା ହେଉଛି ଖାଉଟି ସଂଗଠନ ।

**ଜିଲ୍ଲା ବିଚାର ମଞ୍ଚ:** ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଖାଉଟି ଅଦାଲତକୁ ଜିଲ୍ଲା ବିଚାର ମଞ୍ଚ କୁହାଯାଏ।

❑❑❑



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଢ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ଚୂଡ଼ାନ୍ତ

ମାଲକାନଗିରି,୨୪।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଦଣ୍ଡକାରଣ୍ୟ ଖେଳ ପଡିଆଠାରେ ୨୬ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସପାଳିତ ହେବ। ଏଥିରେ ରାଜ୍ୟ ଯୁବ, ସେବା, କ୍ରୀଡାମନ୍ତ୍ରୀ ତୁସାରକାନ୍ତି ବେହେରା ଯୋଗଦେଇ ପତାକା ଉତୋଳନ କରିବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ଦଣ୍ଡକାରଣ୍ୟ ଖେଳପଡିଆରେ ପରେଡ୍ ଅଭ୍ୟାସ କରାଯାଇଥିଲା। ପୋଲିସ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମିଶି ପ୍ରାୟ ୨୯ଟି ଗ୍ରୁପ୍ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ସହ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗର ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି ।

### ୨୯ରେ ମହା ସମାଧାନ ଶିବିର

ଚିତ୍ରକୋଣ୍ଡା,୨୪।୧(ଡି.ଏନ.ଏ.)- ଆସନ୍ତା ୨୯ରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ମହା ସମାଧାନ ଶିବିର ଅନୁଷ୍ଠିତ ହେବ। ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଆସନ୍ତା ୨୯ରେ ଏହି ଶିବିର ହେବ। ବିଡିଓ ଲରିମୋହନ ଖରସେଲଙ୍କ ତତ୍ତ୍ୱାବଧାନରେ ହେବାକୁ ଯାଉଥିବା ଏହି ଶିବିର ଯୋଗୁ ବିଚ୍ଛିନ୍ନାଞ୍ଚଳ ଜନସାଧାରଣଙ୍କର ଜିଲା ଏବଂ ବ୍ଲକ ପ୍ରଶାସନ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରିବ। ରାସ୍ତା, ପାଣି, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱାରୋପ କରାଯିବ ବୋଲି ବିଡିଓ ଖରସେଲ ପ୍ରକାଶ କରିଛନ୍ତି।

■ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

# କନ୍ୟା ଅମୂଲ୍ୟ ରତ୍ନ





ମାଲକାନଗିରି ଜିଲା ସଦରମହକୁମା ଓ କାଳିମେଳାରେ ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ହୋଇଥିବା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି/କାଳିମେଳା/ଗୋବିନ୍ଦପାଲି, ୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜାତୀୟ ଶିଶୁକନ୍ୟା ଦିବସ ସ୍ଥାନୀୟ ସଂସ୍କୃତ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ରାଜଶେଖର ରେଡ୍ଡି, ସଂଞ୍ଜୁକ୍ତା ପ୍ରଧାନ, ଚୁମୁକି ବେହେରା, ଜୟନ୍ତୀ ବୁରୁଦା, ସୁଲଗ୍ନା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧ୍ୟକ୍ଷ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ। କରି କନ୍ୟାଭ୍ରୂଣ ହତ୍ୟା ରୋକିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରି କନ୍ୟା ଅମୂଲ୍ୟ ରତ୍ନ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶିଶୁକନ୍ୟା ସୁରକ୍ଷା ନେଇ ସଚେତନତା ବାର୍ତ୍ତା ପ୍ରଚାର କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ସ୍ଥାନୀୟ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅବିଦ ହୁସେନ ଖାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ହେଲ୍‌ଥ ସୁପରଭାଇଜର ଚୂଡ଼ାମଣି ମଣ୍ଡଳ, କିଙ୍କର ମଧୁ, ପ୍ରଧାନ ଶିକ୍ଷକ ଧ୍ରୁବଚରଣ ନାୟକ, ଶ୍ୟାମସୁନ୍ଦର ଜେନା, ଶିକ୍ଷୟିତ୍ରୀ ରାଧାରାଣୀ ମହାପାତ୍ର, ବିମଳା ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଭାରତରେ ଝିଅମାନଙ୍କୁ ଲକ୍ଷ୍ମୀ ବା ଦେବୀ ଭାବେ ବିବେଚିତ କରାଯାଇଥାଏ। ତେବେ ଏବେ ସେମାନେ ସମାଜରେ ଅସମାନତାର ଶିକାର ହେଉଛନ୍ତି। ପୁଅମାନଙ୍କ ଭଳି ଘରେ, ଅଫିସରେ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଝିଅମାନେ ପାରଦର୍ଶିତା ଅର୍ଜନ କଲେଣି। ଝିଅମାନଙ୍କୁ ପରିବାରର ବୋଝ ବୋଲି ଭାବିବା ଅନୁଚିତ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଖାଇରପୁଟର କେଜିବିଭିଠାରେ ମଧ୍ୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ପୁଅ ଓ ଝିଅ ସମାନ। ପୁଅଙ୍କଠାରୁ ଝିଅ କୌଣସି କ୍ଷେତ୍ରରେ କମ ନୁହନ୍ତି ବୋଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଇଓ ଶଶୀଭୂଷଣ ମିଶ୍ର କହିଛନ୍ତି। ନିଜକୁ ଛୋଟ ବୋଲି ନ ଭାବି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷକ ଓ ସିଆରସିସିମାନେ ଉପସ୍ଥିତ ଥିଲେ।

# ମା'ମାଉଲିଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା

ମାଲକାନଗିରି,୨୪।୧(ଡି.ଏନ୍.ଏ.):

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମା'ମାଉଲିଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶୁକ୍ରବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୂଜକ ବିନାୟକ ଶତପଥୀଙ୍କ ଦ୍ୱାରା ସ୍ଥାନୀୟ ବାଲିସାଗର ପୋଖରୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ କଳସଯାତ୍ରା ବାହାରି ମା'ମାଉଲିଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା । ସେଠାରେ କଳସ ପ୍ରତିଷ୍ଠା କରାଯାଇ ମା'ଙ୍କ ନୀତି ଶେଷ ହୋଇଛି । ଏହି ଅବସରରେ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଶିରାମାନେ ଆସି ମା'ଙ୍କୁ ଆରାଧନା କରିଥିଲେ । ମା'ଙ୍କ ପୀଠରେ ଗତ ୫ତାରିଖରୁ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ ହୋଇଛି। ଏହା ୨୭ରେ ଶେଷ ହେବ । ଶନିବାର ବିଗ୍ରହ ପ୍ରତିଷ୍ଠାର ପ୍ରଥମ ଦିବସରେ ପ୍ରାତଃ ଷଟ୍‌କର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶ୍ୟାଲାପ୍ରବେଶ, ଅଗ୍ନିସଂସ୍କାର, ବନଯାଗ, ସର୍ବଦେବୀଙ୍କ ଆବାହନ, ହୋମ, ପୁଷ୍ପାଞ୍ଜଳି, ନାମଯଜ୍ଞ ଓ ଅନ୍ନଯଜ୍ଞ ହେବା କାର୍ଯ୍ୟକ୍ରମ ରହିଛି । ଏଥିରେ ମାଲକାନଗିରି ସହରର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।



ବାହାରିଥିବା କଳସ ଶୋଭାଯାତ୍ରା।

# ଶହୀଦ ଲକ୍ଷ୍ମଣ ନାୟକ ସେବା ସମିତି ପକ୍ଷରୁ ଗ୍ରାମବାସୀଙ୍କୁ ସହାୟତା

କାଳିମେଳା,୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ପରିସରରେ କେତେଜଣ ସାମାଜିକ କର୍ମୀଙ୍କ ଦ୍ୱାରା ଗଠିତ ଶହୀଦ ଲକ୍ଷ୍ମଣ ନାୟକ ସେବା ସମିତି ପକ୍ଷରୁ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପଡ଼ିଆ ବ୍ଲକର ଭାଲାମପାଲି ଆଦିବାସୀ ଗ୍ରାମର ଲୋକମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ସମିତି ଅଧ୍ୟକ୍ଷ ଡ. ପଦ୍ମଲୋଚନ ରାଉତଙ୍କ ନେତୃତ୍ୱରେ ସମ୍ପାଦକ ଉମାଶଙ୍କର ସାହୁ, ଅଧ୍ୟାପକ ଖଗେଶ୍ୱର ବେହେରା, ସଞ୍ଜୀବ ମଣ୍ଡଳ, ସୁଧାନ୍ୟ ବୈଦ୍ୟଙ୍କ ସମେତ କର୍ମକର୍ତ୍ତାମାନେ ସେମାନଙ୍କୁ ଏହି ସହାୟତା କରିଥିଲେ । ୨ଶହରୁ ଉର୍ଦ୍ଧ୍ୱ ଗରିବ ଆଦିବାସୀ ମହିଳା ଓ ପୁରୁଷଙ୍କୁ ଶାଢ଼ି,ପ୍ୟାଣ୍ଟ,ଶାର୍ଟ ଏବଂ ଛୋଟ ଛୋଟ ପିଲାଙ୍କୁ ଡ୍ରେସ୍ ଓ ବିସ୍କୁଟ ବଣ୍ଟନ କରିଥିଲେ। ଗ୍ରାମର ୱାର୍ଡମେମ୍ବର କାନା ପଡ଼ିଆମି ଓ ସିଙ୍ଗା ପଡ଼ିଆମି ସହାୟତା କରିଥିଲେ। ଏହି ଅବସରରେ ଡ.ରାଉତ ସେବା ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଗରିବ ଲୋକଙ୍କ ଅସୁବିଧା ସମୟରେ ସମିତିର ସଭ୍ୟମାନେ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ।

# ରବଟିକ୍ ସଚେତନତା କର୍ମଶାଳା

ମାଲକାନଗିରି,୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଶୁକ୍ରବାରଠାରୁ ରବଟିକ୍ ସଚେତନତା କର୍ମଶାଳାର ଆରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ କୃଷ୍ଣଚନ୍ଦ୍ର ବେବର୍ତ୍ତା ସମ୍ମାନିତ ଅତିଥି ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ପ୍ରଜୁକ୍ତି ବିଦ୍ୟା ବିଭାଗ ଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଆକାଂକ୍ଷା ଜିଲାଗୁଡିକରେ ରବଟିକ୍ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ରବଟିକ୍‌ର ଚାହିଦା ବହୁଳ ଭାବରେ ରହିଛି। ଆଗାମୀ ଦିନରେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ଓ ରବୋଟ୍ ଦ୍ୱାରା ହିଁ ହେବ । ଏଥିପାଇଁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ରବୋଟ୍ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ପ୍ରଫେସର ଅଶୋକ କୁମାର ଭୋଇ ଏବଂ ବୈଷୟିକ ସହାୟକ ଆସୁତୋଷ ଦଳେଇ, ସୁବାଷ କୁମାର କର ତାଲିମ ଦେଉଛନ୍ତି। ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରବୋଟ୍ ତିଆରି ସରଞ୍ଜାମ କିଟ୍ ପ୍ରଦାନ କରାଯିବା ସହ ପ୍ରଥମ ପର୍ଯ୍ୟାରେ ପ୍ରତ୍ୟେକ ବ୍ଲକରେ ୧୫ଟି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ସମେତ ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଫେବୃଆରୀ ୧ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାପଡିଛି।

■ ବିଧାୟକଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ

# ଆବଶ୍ୟକତା ସମ୍ପର୍କରେ ସରକାରଙ୍କୁ ଅବଗତ କରିବାକୁ ପରାମର୍ଶ



ବିଧାୟକ ଆଦିତ୍ୟ ମାଢ଼ୀ ଡାକ୍ତରଖାନା ୱାର୍ଡ ବୁଲି ଦେଖୁଛନ୍ତି।

ମାଲକାନଗିରି,୨୪।୧(ଡି.ଏନ.ଏ.)

ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ ଶୁକ୍ରବାର ଜିଲା ସଦର ମହକୁମା ଚିକିତ୍ସାଳୟ ଗସ୍ତକରି ପରିଦର୍ଶନ କରିଛନ୍ତି। ତାଙ୍କ ଗସ୍ତ ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଅଜୟ କୁମାର ବୈଠାରୁ ଉପସ୍ଥିତ ଥିଲେ। ବିଧାୟକ ମାଢ଼ୀ ଚିକିତ୍ସାଳୟର ବିଭିନ୍ନ କକ୍ଷ, ୱାର୍ଡ ପରିଦର୍ଶନକରି ରୋଗୀଙ୍କ ସହ ସ୍ୱାସ୍ଥ୍ୟସେବା ଠିକ୍ ରୂପେ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ପରେ ସେ ବୈଠାରୁଙ୍କ ସହ ଆଲୋଚନାକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବୀ ଖାଲି ଥିବା ଜାଣିବାକୁ ପାଇଥିଲେ। ବର୍ତ୍ତମାନ ସିଟି ସ୍କାନ୍, ଏମ୍‌ଆର୍‌ଆଇ ସ୍କାନ୍ ମେଶିନର ଆବଶ୍ୟକତା ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଚିକିତ୍ସାଳୟର ସ୍ୱଚ୍ଛତା, ଆହାର କେନ୍ଦ୍ରର ପରିଚାଳନା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ପରେ ଚିକିତ୍ସାଳୟ ପରିସରରେ ଆୟୋଜିତ ଜାତୀୟ କନ୍ୟା ସନ୍ତାନ ସୁରକ୍ଷା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଧାୟକଙ୍କ ପରିଦର୍ଶନ ବେଳେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅନିଲ କୁମାର ମିଶ୍ର ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଚିତ୍ରକୋଣ୍ଡା,୨୪।୧(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ କର୍ମଚାରୀ, ବିଜୁ ଯୁବବାହିନୀ, ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର, ଲାଲବାହାଦୁର ଶାସ୍ତ୍ରୀ କ୍ଲବ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଚିତ୍ରକୋଣ୍ଡା ବସ୍‌ଷ୍ଟାଣ୍ଡ, ଦୈନିକ ବଜାର, ଖେଳ ପଡ଼ିଆ ଓ ପଞ୍ଜାବୀ ଛକରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କରାଯାଇଥିଲା। ସେମାନେ ଏହି ଅବସରରେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମାକରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଜିପିଓ ଧୀରେନ ଖଣ୍ଡାଗିରି, ଜେଇ ଶିବାଶିଷ ବିଶ୍ୱାସ, ବିଜୁ ଯୁବବାହିନୀ ସଂଯୋଜକ ଦୀପ୍ତିରଞ୍ଜନ ରଥ, ସାମାଜିକ କର୍ମୀ ଦେବେନ୍ଦ୍ର ଦାଶ, ଡାଏଟେର ପ୍ରଶିକ୍ଷକ ମାନସ ରଞ୍ଜନ ସାହୁ, ଶୈଳରାଜ ଏମ୍‌ଜି, ଶିକ୍ଷକ ହସଦରାମ ପାଣ୍ଡେ, ଲାଲବାହାଦୁର କ୍ଲବର ନାରାୟଣ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204863

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ମୁଦ୍ରା ଫାଇନାନ୍ସ
ଆଣିଛି ଓଡ଼ିଶାରେ ପ୍ରଥମ ଥର ପାଇଁ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁ-ପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70,00,000/-, ଭଡ଼ା- 70,000/- । ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ। ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years କୋର୍ଟ ଆଗ୍ରୀମେଣ୍ଟ, ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

INDUS TOWER COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

**ସଂକ୍ଷେପରେ**

## ପଦୋନ୍ନତି ଅଦାଲତ: ହସ୍ତଗତ ହେଲାଣି ୮୯୦୯ ଆବେଦନ

ଭୁବନେଶ୍ୱର,୨୪।୧(ବ୍ୟୁରୋ): ଚଳିତ ମାସ ୨୮,୨୯ ଏବଂ ୩୧ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଗତବର୍ଷ ଡିସେମ୍ବର ୩୧ ସୁଦ୍ଧା ଯେଉଁ କର୍ମଚାରୀ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇସାରିଛନ୍ତି, ସେମାନଙ୍କ ପାଇଁ ଏହା ଉପାଦେୟ ହେବ। ପଦୋନ୍ନତି ପାଇଁ ନିଜ ନିଜର ଯୋଗ୍ୟତା ସମ୍ପର୍କିତ ଆବେଦନ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଗତ ୨୩ ତାରିଖ(ଗୁରୁବାର)ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ୮୯୦୯ ପଦୋନ୍ନତି ଆବେଦନ ସାଧାରଣ ପ୍ରଶାସନ ବିଭାଗର ହସ୍ତଗତ ହୋଇଥିବା ଜଣାପଡିଛି। ଏଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨୭୩ ଗୋଟି ଆବେଦନକୁ ବିଚାର କରାଯିବ। ଆସନ୍ତା ୨୮,୨୯ ଏବଂ ୩୧ରେ ଏହି ଆବେଦନକୁ ଯାଞ୍ଚ କରାଯିବା ସହ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ଏହି ସମସ୍ତ ଆବେଦନର ଇ-ମେଲ୍‌ରେ ପ୍ରାପ୍ତି ସ୍ୱୀକାର କରାଯିବା ସହ କେଉଁ ତାରିଖରେ ବିଚାର କରାଯିବ, ସେ ନେଇ ଜଣାଇ ଦିଆଯାଇଛି। ପଦୋନ୍ନତି ଅଦାଲତ ନିଜ ସମ୍ପର୍କିତ ଦାବି ଉପସ୍ଥାପନ ସମୟରେ କର୍ମଚାରୀମାନେ ଏହି ପ୍ରାପ୍ତି ସ୍ୱୀକାରର ଏକ ନକଲ ଆଣିବାକୁ ନିର୍ଦ୍ଦେଶ ରହିଛି। ପଦୋନ୍ନତି ସମ୍ପର୍କିତ ସମସ୍ତ ଆବେଦନ ସାଧାରଣ ପ୍ରଶାସନର ବିଭାଗୀୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି। ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାପ୍ତି ସ୍ୱୀକାର କରାଯାଇ ନାହିଁ, ସେମାନଙ୍କ ଆବେଦନ ପରବର୍ତ୍ତୀ ସମୟରେ ବିଚାର କରାଯିବ। ଆସନ୍ତା ଫେବୃୟାରୀ ୨୭, ୨୮ ଏବଂ ୨୯ରେ ପୁନଶ୍ଚ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଏନ୍‌ଏବିଏଲ୍ ସହିତ ସହବନ୍ଧିତ ହେବ ସରକାରୀ ମେଡିକାଲ

**ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା**

**ଆରମ୍ଭ ହେଲା ଡିଏସ୍‌କେୱାଇ କାଉଣ୍ଟର**

କଟକ ଅଫିସ,୨୪।୧:

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ଉପରେ ଜୋର ଧରିଛି। ବୁଧବାର ଭୋରରୁ ୫-ଟି ସଚିବ, ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଗସ୍ତ କରି ସମୀକ୍ଷା କରିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଏସ୍‌ସିବି ମେଡିକାଲ ଆସିଥିଲେ। ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ସଚିବ ଧଳ ମେଡିକାଲର ସମସ୍ତ ବିଭାଗୀୟ ମୁଖ୍ୟ ପ୍ରଫେସରଙ୍କ ସହିତ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି, ପ୍ରିନ୍ସିପାଲ ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ସରୋଜ ସାହୁ ଓ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଏସ୍‌ସିବି ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକୁ ଏନ୍‌ଏବିଏଲ୍ (ନ୍ୟାଶନାଲ ଆକ୍ରିଡେସନ ବୋର୍ଡ ଫର ଲାବରେଟୋରିଜ୍) ସହିତ ସହବନ୍ଧିତ କରାଯିବ। ମେଡିକାଲ କଲେଜଗୁଡ଼ିକରେ ହେଉଥିବା ବିଭିନ୍ନ ପରୀକ୍ଷା ନିରୀକ୍ଷାର ଗୁଣାତ୍ମକ ମାନ ଠିକ୍ ରହୁଛି କି ନାହିଁ ତା'ର ନିର୍ଦ୍ଧାରଣ ଉକ୍ତ ସଂସ୍ଥା କରିବ। ଏହାବାଦ କେତେଗୁଡ଼ିଏ ପରୀକ୍ଷା ନିମନ୍ତେ ଆବଶ୍ୟକ କରୁଥିବା ଯନ୍ତ୍ରପାତିର ଦାମ୍ ବହୁତ ଅଧିକ ରହୁଛି। ମାତ୍ର ଉକ୍ତ ପରୀକ୍ଷାର ଆବଶ୍ୟକତା ଯଥେଷ୍ଟ କମ୍ ରହୁଛି। ତେଣୁ ଏ କ୍ଷେତ୍ରରେ ସରକାର ଅଯଥା ଖର୍ଚ୍ଚାନ୍ତ ନ ହୋଇ ମେଡିକାଲଗୁଡ଼ିକରୁ ରୋଗୀଙ୍କଠାରୁ ସାମ୍ପଲ ସଂଗ୍ରହ କରି ଉକ୍ତ ସଂସ୍ଥା ଜରିଆରେ ପରୀକ୍ଷା କରାଇବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଏସ୍‌ସିବି ମେଡିକାଲର ବିଭାଗୀୟ ମୁଖ୍ୟମାନଙ୍କୁ ଆର୍ଥିକ କ୍ଷମତା ଦେବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାବାଦ ଗୋଟିଏ ଛାତ ତଳେ କିଭଳି ସମସ୍ତ ରୋଗର ଚିକିତ୍ସା ସମ୍ଭବ ହୋଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମେଡିକାଲର ମାନବ ସମ୍ବଳ ଉପରେ ମଧ ଆଲୋଚନା ହୋଇଥିଲା। ଏହି ଅନୁଯାୟୀ ବର୍ତ୍ତମାନର ରୋଗୀ ଭାର ଅନୁପାତରେ ନର୍ସିଂ ଷ୍ଟାଫଙ୍କ ଆବଶ୍ୟକତା ୨୩୫୩ ଥିବାବେଳେ ୮୯୪ ଜଣ ଥିବା ଜଣାପଡ଼ିଛି। ସେହିପରି ଗ୍ରୁପ ଡି' କର୍ମଚାରୀଙ୍କ ଆବଶ୍ୟକତା ୩୯୨୧ ଥିବାବେଳେ ବର୍ତ୍ତମାନ ସ୍ଥିତିରେ ୯୬୬ ଥିବା ଜଣାପଡ଼ିଛି। ଏହାବାଦ ଅନେକ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ପଦବୀ ଫାଙ୍କା ପଡ଼ିଥିବାବେଳେ ସେଗୁଡ଼ିକ ପୂରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶୁକ୍ରବାରଠାରୁ ମେଡିକାଲରେ କାଜୁଆଲିଟି ସାମ୍ନା (ଆଞ୍ଚଳିକ ନିଦାନ କେନ୍ଦ୍ର ପରିସରରେ) ଏକ ଡିଏସ୍‌କେୱାଇ କାଉଣ୍ଟର ଖୋଲିଛି। ଆଗାମୀ ଦିନରେ ମେଡିକାଲର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ କାଉଣ୍ଟର ଖୋଲିବ ବୋଲି ବ୍ୟବସ୍ଥା କରାଯାଇଛି। ରୋଗୀମାନେ ଏଣିକି ସରକାରୀ ସହବନ୍ଧିତ ଔଷଧ ଦୋକାନକୁ ନ ଯାଇ ୨୪ଘଣ୍ଟିଆ କାର୍ଯ୍ୟକ୍ଷମ ହେବାକୁ ଥିବା ଏହି କାଉଣ୍ଟରରୁ ସମସ୍ତ ପ୍ରକାର ଔଷଧ ଓ ଉପକରଣ ପାଇପାରିବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚି କଇଲାଣ ମାଗି ଓଳିକି ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଇପ୍ସିତ ସମ୍ମାନ ଟିକକ ପ୍ରାପ୍ତ ନ ହେଲେ ଓଳିକି ମାଗିବା ଭଳି ବାଚାଳତା ଜଟେ। ସାଧାରଣତଃ ଗୁଣୀ, ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ। କଲ୍ୟାଣ ଯାଚିବାକୁ ପଡ଼େ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜୋର ଯା'ର ମୁଲକ ତା'ର ।**

ବଳବାନ ବ୍ୟକ୍ତି ସବୁଠି ଆଧିପତ୍ୟ ବିସ୍ତାର କରିଥାଏ। ବଳ ପ୍ରୟୋଗ ଦ୍ୱାରା ଲକ୍ଷ୍ୟ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଆର୍ଥିକ ସହାୟତା

ଜୟପୁର, ୨୪।୧ (ଡି.ଏନ.ଏ/ନି.ପ୍ର)

କୋରାପୁଟ ଜିଲା ଜୟପୁର ବ୍ଲକ ପାତ୍ରପୁଟ ଗ୍ରାମର ବାସିନ୍ଦା ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଜୟପୁର ଡାକ ଡିଭିଜନର ସମସ୍ତ କର୍ମଚାରୀ ଏବଂ ଅଧିକାରୀମାନଙ୍କ ପକ୍ଷରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିନେଇ ଶୁକ୍ରବାର ମୁଖ୍ୟ ଡାକଘର ଉପରମହଲାସ୍ଥିତ ଜୟପୁର ଡିଭିଜନ ବରିଷ୍ଠ ଡାକ ଅଧୀକ୍ଷକ ମନୋଜ ପ୍ରଗଡା ପଦ୍ମଶ୍ରୀ କମଳାଙ୍କ ନାମରେ ଏକ ଜମାଖାତା ଖୋଲି ୨୦ ହଜାର ଟଙ୍କା ପୈଠ କରିଛନ୍ତି । ଏହି ଟଙ୍କା ଜୟପୁର ଡିଭିଜନ ଅନ୍ତର୍ଗତ ଜୟପୁର ଉପଖଣ୍ଡ ଏବଂ ନବରଙ୍ଗପୁର, ମାଲକାନଗିରି ଜିଲାର ସମସ୍ତ ଏଗାର ଶହ ଡାକ ଅଧିକାରୀ ଓ କର୍ମଚାରୀ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପ-ଅଧୀକ୍ଷକ ରାଜ କିଶୋର ମହାରଣା, କର୍ମଚାରୀ ପି. ସୁରେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ପଦ୍ମଶ୍ରୀ କମଳା ପୂଜାରୀ ଆଦିବାସୀଙ୍କ ପାରମ୍ପରିକ ଦେଶୀ ଧାନ ସଂରକ୍ଷଣ ପାଇଁ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପାଇଛନ୍ତି । ୨୦୧୯ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି ।




କମଳା ପୂଜାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

## ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ଟାଙ୍ଗୀ(ଖୋର୍ଦ୍ଧା), ୨୪।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣର ମାନସିଂହପୁର ଗ୍ରାମ ଗୋପବନ୍ଧୁ ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାଗ୍ରସ୍ତ ସ୍ୱାମୀ ପିଟି ପିଟି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏ ନେଇ ମୃତା ମହିଳାଙ୍କ ବାପଘର ଲୋକେ ଅଭିଯୋଗ ପରେ ପୋଲିସ ୨୦/୨୦ରେ ହତ୍ୟା ମାମଲା ରୁଜୁ କରିଛି। ୧୫ ବର୍ଷ ତଳେ ଜାଗୁଳେଇପଦର ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ବଡଝିଅ ବୁଲିଙ୍କୁ ବିବାହ କରିଥିଲେ। ବନମାଳୀ ଅଧିକାଂଶ ସମୟରେ ନିଶା ସେବନ କରି ଘରକୁ ଆସୁଥିଲେ। ଗୁରୁବାର ସେ ନିଶାସକ୍ତ ଅବସ୍ଥାରେ ଆସି କୌଣସି କାରଣରୁ ସ୍ତ୍ରୀଙ୍କୁ ପିଟି ପିଟି ମାରି ଦେଇଥିଲେ।

# ଅଲେଖ ମହିମା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପ୍ରତିଯୋଗିତା

ଧୋଡ୍ରା,୨୪।୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଧୋଡ୍ରାସ୍ଥିତ ଅଲେଖ ମହିମା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଏବଂ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଭାଗିରଥି ନାୟକ ଓ ଅଧ୍ୟକ୍ଷ ବିବେକାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଅମର ସିଂ ଭଦ୍ରା କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରଥମ ଦିନରେ କବାଡ଼ି, ଲମ୍ଫଡିଆଁ, ଡିସକସ୍, ସଟପୁଟ, ୧୦୦ମିଟର, ୨୦୦ମିଟର ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସରେ ପ୍ରବନ୍ଧ ଲିଖନ, ବକ୍ତୃତା ଓ କ୍ୱିଜ୍ ପ୍ରଶ୍ନ ସହ ଛାତ୍ରୀମାନଙ୍କୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

# ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଢେଙ୍କାନାଳ ଅଫିସ, ୨୪।୧: ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଶୁକ୍ରବାର ୨୦୧୬ରେ ସଂଘଟିତ ଏକ ନାବାଳିକା ବଳାତ୍କାର ଏବଂ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ମାମଲାର ଅଭିଯୁକ୍ତ ଶିବାନନ୍ଦ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପୋକ୍‌ସୋ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାଁ ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଜାନୁୟାରୀ ୨୪ ରାତି ପ୍ରାୟ ୯ଟାରେ ଭୁବନ ଥାନା ମାଲୁଆଗୋଡ଼ା ଗ୍ରାମର ସମ୍ପୃକ୍ତା ୧୦ ବର୍ଷୀୟା ନାବାଳିକା ନିଜ ଭାଇଙ୍କ ସହ ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲେ। କିଛି ସମୟରେ ପରେ ତାଙ୍କ ଭାଇ ଘରକୁ ଫେରିଥିଲେ। ହେଲେ ନାବାଳିକାଙ୍କ ଫେରି ନ ଥିଲେ। ଅଭିଯୋଗ ପରେ ତଦନ୍ତରୁ ନାବାଳିକାଙ୍କୁ ବଳାତ୍କାର ପରେ ସେ ପିନ୍ଧିଥିବା ପୋଷାକରେ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା।

**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା : ୨୪୭୫ ତା.୨୪.୦୧.୨୦୨୦

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି ଯେ, ଆସନ୍ତା **ତା.୦୧.୦୨.୨୦୨୦** ରିଖ ଠାରୁ **ତା.୧୬.୦୨.୨୦୨୦**ରିଖ ପର୍ଯ୍ୟନ୍ତ ଖଣ୍ଡଗିରି ଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଦୋକାନ / ଅପେରା ପାର୍ଟି / ମୀନା ବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟବସାୟୀ / ଅନୁଷ୍ଠାନ ଉପ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ରେଣ୍ଟାଲ କଲୋନୀ ଭୁବନେଶ୍ୱରଙ୍କ ନିକଟରେ **ତା. ୨୮.୦୧.୨୦୨୦** ରିଖ ଅପରାହ୍ନ **ଘ.୫.୦୦ଟିକା** ମଧ୍ୟରେ ବିଗତ ବର୍ଷର ପୁରାତନ ରସିଦ୍‌ର କପି ଓ ପରିଚୟ ପତ୍ର ସହିତ ସାଧା କାଗଜରେ ଦରଖାସ୍ତ କରି ପାରିବେ । ମିଆଦ ଗତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଉପ ଆୟୁକ୍ତ,(ଦକ୍ଷିଣ ପଶ୍ଚିମ ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

**COLLECTORATE, GANJAM, CHATRAPUR**
**(D.S.W.O. SECTION)**
Ph.#: 06811-263968, 262460, E-mail: dswoganjam@nic.in
No.: 325 Dt.: 22.01.2020

**Tender Call Notice for Printing & Supply of Nua Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books for AWWs for Year 2019-2020**

Sealed tenders under two bid systems are invited from the reputed firms/agencies having valid PAN Card, GST for printing & supply of Nua Arunima Abhyasa Pustika - I & II for pre-school children at AWCs & Nua Arunima Hand Books for Anganwadi Workers. The tender documents containing detail specifications for the Nua Arunima Abhyasa Pustika - I & II & Nua Arunima Hand Books, quantity to be supplied with terms and conditions may be collected from the Office of DSWO, Ganjam on any working day by depositing Rs.5,000/- (Rupees five thousand) only in shape of D.D. (SBI) in favour of DSWO, Ganjam payable at Chatrapur or can be downloaded from Ganjam NIC website **(www.ganjam.nic.in)**. If downloaded, the quotation must be accompanied by Rs.5000/- Demand Draft in favour of DSWO Ganjam, Payable at Chatrapur. Quotation must be accompanied by D.D. of Rs.55,000/- (Rupees fifty five thousand) only towards E.M.D. The quotation must be sent only through Regd. Post/Speed Post to DSWO, Ganjam on or before **6th February - 2020 by 5 P.M.** during the working hours. The office will not be responsible for any postal delay. The quotation will be opened on **07.02.2020** in presence of the tender committee & tenderer or the representative of tenderer duly authorized by the tenderer at **11.00 A.M.** in the Office of Collector, Ganjam, Chatrapur. The sealed envelopes containing the quotation should be super-scribed with sealed "Printing and Supply of Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books".
The tender notice along with terms & condition of the tender can be downloaded from Ganjam NIC website i.e. **www.ganjam.nic.in**.
The undersigned reserves the right to accept or reject any application without assigning any reason thereof.

Sd./- Collector, Ganjam

**OFFICE OF THE NOTIFIED AREA COUNCIL, GANJAM**
N.A.C., Ganjam, Odisha-761026, Tel: 06811-254357,
E-mail: eo.nacganjam@gmail.com

Letter No. 131/NAC **QUOTATION/TENDER CALL NOTICE** Date: 22.01.2020
Sealed tenders are invited from the interested reputed registered Transport agencies/ Suppliers/Service Providers/firms for supply of 02 Nos. of Light Commercial Vehicle- (TATA ACE/MAHINDRA MAXIMO/ASHOK LEYLAND DOST/PIAGGIO PORTER-700) including driver to this office for door to door collection of garbage from households inside NAC Ganjam Area which shall conform to the Terms and conditions for Official Use in Solid Waste Management. The details terms & condition and quotation paper may be obtained from the office during office hour or district website till dt. 03.02.2020- 5.00 PM.

Sd./- Executive Officer, NAC Ganjam

**OFFICE OF THE NOTIFIED AREA COUNCIL, RANPUR**

**No.96/ Dt. 24.01.2020**
**1ST CORRIGENDUM TO TENDER CALL NOTICE NO.75, DT.20.01.2020, E-Procurement Notice No. RNP NAC- 03/2019-20**

The last date of receipt of Bids in Portal and submission of original documents in this office are hereby extended to 11.02.2020 and 13.02.2020 instead of dt. 04.02.2020 and dt. 06.02.2020 respectively. Secondly the date of opening of Bid is dt. 14.02.2020 instead of dt. 07.02.2020. All other terms and conditions remain unchanged.

**Sd./- Executive Officer, N.A.C., Ranpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH**
No.O-877 :- **e-Procurement**
**Identification No. Online Tender 10/GJP/2019-20**

| | | |
|---|---|---|
| 1. | Name of the work | : Road works |
| 2. | Total No. Work | : 5 (Five) Nos Building Works |
| 3. | Estimated Cost | : Rs. 12.70 lakhs to Rs. 24.75 lakhs |
| 4. | Class of Contractor | : C' & 'B' 'and D' & 'C' Class Contractor (as applicable) |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 31.01.2020 at 10.00 AM to 14.02.2020 upto 5.30 PM |
| 7. | Date and Time of Opening of Tender | : 18.02.2020 at 11.30 AM |
| 8. | Place of Opening | : As per Annexure |

Further details can be seen from the Website **www.tenderorissa.gov.in**

**EXECUTIVE ENGINEER**
**R.W. DIVN.GAJAPATI**
25158/11/0011/1920

Your classified advertisement published in Dharitri will be listed free in Dharitri online edition : **dharitriepaper.in**

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
No. O-909
Tel. No- 06766-258301 (O) e-mail: se_nerwkjr@rediffmail.com

***"e" Procurement Notice for Bridge Work***
**Identification No.- Bridge Online NCB No.272**
No. 236 // Date: 22-01-2020

1. Name of the work :- **Construction of bridge over Local Nallah at 7th Km. on Gundala to Tana road under OMBADC in the District of Keonjhar.**
2. Total No. of work :- **01** (One) No.
3. Estimated Cost :- **As per Annexure** (Approximately).
4. Eligible Class of Contractor : - **As per Annexure**
5. Period of Completion :- **12** (Twelve) calendar months.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Bridge Online NCB. No.272 | Dt.28.01.20 at 11.00 AM | Dt.13.02.20 upto 3.00 PM | Dt.12.02.20 upto 3.00 PM | Dt.14.02.20 at 11.00 AM | Dt.19.02.20 at 11.00 AM |

- **Further details can be seen from the website: www.tendersorissa.gov.in**

Sd/- (P.K. Misra)
Superintending Engineer, N.E.R.W. Circle, Keonjhar.
25048/11/0008/1920

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-870
**Tender Call Notice No.**
BBSR/Elect/B-4019/18-19/220 Dt. 21-01-2020
**NOTICE INVITING TENDER UNDER NATIONAL COMPETITIVE BIDDING THROUGH E-PROCUREMENT**
Name of the Work : Street Lighting arrangements from Main gate to Academic Block-I inside the Campus of the Government College of Engineering Keonjhar.

| Procurement officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-27/ 19-20 | 27.01.2020 at 12.00 Hrs. | 05.02.2020 at 17.00 Hrs. |

Further details can be seen from the e-procurement protal: **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect)**
**IDCO, Bhubaneswar**
14003/11/0050/1920

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 34/ SG(HH) dated 21st Jan, 2020**
**QUOTATION CALL NOTICE**

**No.YY-03:-** Separate sealed quotatinos in respect of the items/articles mentioned against each serial No. (as per the following details) in official letter pad are invited from the interested Registered Firms/ Authorized Distributors/ Authorized Stockist/ Authorized Dealers located at Bhubaneswar and Cuttack having valid PAN card and GSTIN or Manufacturers for supply of the following to Raj Bhavan, Bhubaneswar for supply of the articles like crockery, stainless steel cutlery, casserole, small thermos flask / thermos jug, table coaster, dining table place mats with runner, woolen blankets with removable covers, white bed sheets with matching pillow covers, pillows, towels of different sizes, foldable cots/beds with or without wheels and mattress, Chafing Dish, bufft dish card holder stand, Microwave oven, Mixture-Grinder-Juicer, LED Color Television, etc. to Raj Bhavan, Odisha, Bhubaneswar.
The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 33/ SG(HH) dated 21st Jan, 2020**
**QUOTATION CALL**

**For repair/ maintenance/ polishing & upholstery of furniture items (Wooden, Glass) and other related miscellaneous items of furniture and other Carpentry work in the Raj Bhavan (Governor House) at Bhubaneswar and Puri.**
SEALED Quotations are invited in a single bid system from firms dealing in maintenance/ repairing, polishing of various furniture items, change of upholstery of sofa sets/ visitor chairs and other miscellaneous furniture items in the Raj Bhavan at Bhubaneswar and Puri for a period up to **31.03.2021**.
The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**
40002/11/0003/1920

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-PROCUREMENT NOTICE**
**NIT No. 13/E-PROC/OMC/MAT/2020** **Dated. 24.01.2020**

| | | |
|---|---|---|
| 1 | Name of the work | NIT for supply and Installation of Networking materials & Commissioning of Network system at Head Office, OMC Limited, Bhubaneswar. |
| 2 | Availability of bid document in Govt. Portal | 27.1.2020 after 5.00 P.M. |
| 3. | Pre-bid meeting | 04.2.2020 at 11.00AM |
| 4. | Last date for sending queries to OMC | 03.2.2020 up to 05:00PM |
| 5. | Uploading of final tender schedule | 06.2.2020 up to 05:00PM |
| 6 | Last date of online submission of tender in Govt. portal | 24.2.2020 up to 05.00P.M. |
| 7 | Submission of EMD | The bidder has to deposit Rs.2,00,000.00(Two Lakh) only as EMD through on line as available in www.tendersodisha.gov.in |
| 8. | Submission of tender paper cost | The bidder has to deposit Rs.5,900.00(Five thousand Nine Hundred) including applicable GST@18% only as tender paper cost through online as available in www.tendersodisha.gov.in |
| 9 | Date of opening of Techno-commercial Bid | 25.2.2020 at 11:00AM. |
| 10 | Date of opening of Price- Bid | Shall be intimated through uploading in e-portal. |

All other details can be seen from the tender document available at Govt. web site www.tendersodisha.gov.in & in OMC website i.e. www.omcltd.in.
The agencies who have failed to execute the previous Purchase Order/LOI of OMC, they shall be not eligible to participate in the tender.
OMC reserves the right to reject any or all tenders without assigning any reason thereof.

Sd/24.1.2020
GENERAL MANAGER (MAT)
30005/11/0124/1920 No. CAD-873

**ORISSA STATE AIDS CONTROL SOCIETY (OSACS)**
**(Department of Health & Family Welfare), Government of Odisha**
**No. 280/OSACS** **Dated: 24.01.2020**
**NOTICE INVITING QUOTATION ON N.S. METHOD**

Orissa State AIDS Control Society (OSACS) invites sealed tenders from different firms/dealers having valid GST Registration Certificate & uptodate GST return for supply of the Office Stationeries to OSACS Head Office, Bhubaneswar. The detailed terms and conditions along with list of items are available in the website of **www.odisha.gov.in** & **www.osacs.nic.in** which can be downloaded for use. Interested parties may submit their tender super-scribing as **"Tender for Office Stationery for 2019-20"** to the undersigned through Speed Post/Registered Post/Courier service only which should reach on or before 3.30 P.M. of 14.02.2020 positively and the same will be opened at 4.00 P.M. of the same date. The undersigned reserves the right to reject any or all the tender without assigning any reason thereof.

**Sd./- Additional Project Director**
**Orissa State AIDS Control Society**
**(Department of Health & Family Welfare), Govt. of Odisha**
**2nd Floor, Oil Orissa Building, F-Nayapalli, Bhubaneswar-12**

**2nd Floor, Oil Orissa Building, Nayapalli, Bhubaneswar, Ph.: (0674) 2395415/2393235, Fax: 2394560**
**E-mail: sacorissa@sify.com, orissasacs@gmail.com, sacs_orissa@nacoindia.org**

“ଶାକାହାରୀ ଖାଦ୍ୟ ଗ୍ରହଣ କରିଥିବାରୁ ମୁଁ ୟୋଶିତୋ ନିଶିଓକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛି ।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି



“ପ୍ରଥମ ଟି୨୦ରେ ଛୋଟ ଗ୍ରାଉଣ୍ଡରେ ଆମ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରି ନ ପାରିବା ଦୁର୍ଭାଗ୍ୟଜନକ ବିଷୟ ।

–ରସ୍ ଟେଲର, ନ୍ୟୁଜିଲାଣ୍ଡ କ୍ରିକେଟର



## ସଂକ୍ଷେପରେ

### ଶୀର୍ଷରେ କୋହଲି, ଉପରକୁ ଉଠିଲେ ରାହାନେ

ଦୁବାଇ,୨୪।୧(ପି.ଟି.)- ଭାରତୀୟ ଅଧିନାୟକ ବିରାଟ କୋହଲି ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। କୋହଲିଙ୍କ ନିକଟରେ ସର୍ବାଧିକ ୯୧୮ ପଏଣ୍ଟ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଷ୍ଟିଭ ସ୍ମିଥଙ୍କଠାରୁ କୋହଲି ୧୭ ପଏଣ୍ଟ ଆଗରେ ଅଛନ୍ତି। ଚେତେଶ୍ୱର ପୂଜାରା ୭୯୪ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିଭଳି ୭୫୯ ପଏଣ୍ଟ ସହ ରାହାନେ ଟପ୍ ୧୦ରେ ତୃତୀୟ ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା ଶ୍ରେଷ୍ଠ ର୍ୟାଙ୍କଧାରୀ ବୋଲର। ସେ (୭୯୪ ପଏଣ୍ଟ) ୬ଷ୍ଠ ସ୍ଥାନରେ ରହିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ୮ମ ସ୍ଥାନରେ ରହିଥିବାବେଳେ ମହମ୍ମଦ ଶାମି ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ୪୩୮ ପଏଣ୍ଟ ସହ ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡରଙ୍କ ତାଲିକାରେ ୩ୟ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ଟପ୍ ୨୦ ବ୍ୟାଟ୍ସମ୍ୟାନଙ୍କ ତାଲିକାକୁ ଫେରିଛନ୍ତି।


### ୧୫୦୦ କୋଚ୍ ପଦ ପୂରଣ କରାଯିବ: ରିଜିଜୁ

ନୂଆଦିଲ୍ଲୀ, ୨୪।୧ (ପି.ଟି.)- ଦେଶର କ୍ରୀଡ଼ାବିତ୍‌ଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇଦେବା ପାଇଁ ଖାଲିଥିବା ୧୫୦୦ କୋଚ୍ ପଦ ପୂରଣ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ‘ପାଖାପାଖି ୧୫୦୦ କୋଚ୍ ପଦ ଖାଲି ପଡ଼ିଛି, ଯାହା ଟେକ୍‌ନିକାଲ ସମସ୍ୟା ଲାଗି ପୂରଣ ହୋଇପାରୁ ନାହିଁ। ଆଗାମୀ ଦିନରେ ଖାଲି ପଡ଼ିଥିବା ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛୁ’ ବୋଲି ଜାତୀୟ ବାଳିକା ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରିଜିଜୁ ଏହା କହିଛନ୍ତି।

# ଭାରତର ଚମକପ୍ରଦ ବିଜୟ

ଅକ୍‌ଲାଣ୍ଡ,୨୪।୧(ପି.ଟି.)

ଇନ୍‌ଫର୍ମ ଓପନର ଲୋକେଶ ରାହୁଲ ଓ ପ୍ରତିଭା ସମ୍ପନ୍ନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କ ଧୂଆଁଧାର ଅର୍ଦ୍ଧଶତକ ସହାୟତାରେ ଭାରତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇଛି। ୬ଟି ବଲ୍ ବାକି ରଖି ୬ ଉଇକେଟରେ ସହଜରେ ବିଜୟୀ ହେବା ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ଇଡେନ ପାର୍କରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଟସ୍ ଜିତି ଭାରତ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଅନ୍ତିମ ଭାଗରେ ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ନ୍ୟୁଜିଲାଣ୍ଡକୁ ଅଧିକ ବଡ଼ ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ। ଜବାବରେ ଭାରତ ଗୋଟିଏ ଓଭର ବାକି ରଖି ୪ ଉଇକେଟ ହରାଇ ୧୯ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୨୯ ବଲରୁ ୫ ଚୌକା ଓ ୩ ଛକା ସହ ଦ୍ରୁତ ତଥା ଉପଯୋଗୀ ଅପରାଜିତ ୫୮ ରନର ପାଳି ଖେଳିଥିବା ଆୟାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅପେକ୍ଷାକୃତ ଏହି ଛୋଟ ବାଉଣ୍ଡାରୀର ଫାଇଦା ଉଠାଇ ଉଭୟ ଦଳର ବ୍ୟାଟ୍ସମ୍ୟାନ ଚତୁର୍ଦ୍ଦିଗକୁ ଶଟ୍ ଖେଳିଥିଲେ। ରବିବାର ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶ୍ରେୟାସ ଆୟାର।

**ଟି୨୦ରେ ଭାରତ ଦ୍ୱାରା ସର୍ବାଧିକ ରନ ଚେଜ୍**

| | | | |
|---|---|---|---|
| ୨୦୮ | ବନାମ ୱେଷ୍ଟଇଣ୍ଡିଜ | ହାଇଦ୍ରାବାଦ | ୨୦୧୯ |
| ୨୦୭ | ବନାମ ଶ୍ରୀଲଙ୍କା | ମୋହାଲି | ୨୦୦୯ |
| ୨୦୪ | ବନାମ ନ୍ୟୁଜିଲାଣ୍ଡ | ଅକ୍‌ଲାଣ୍ଡ | ୨୦୨୦ |
| ୨୦୨ | ବନାମ ଅଷ୍ଟ୍ରେଲିଆ | ରାଜକୋଟ | ୨୦୧୩ |
| ୧୯୯ | ବନାମ ଇଂଲଣ୍ଡ | ବ୍ରିଷ୍ଟଲ | ୨୦୧୮ |
| ୧୯୮ | ବନାମ ଅଷ୍ଟ୍ରେଲିଆ | ସିଡ୍‌ନୀ | ୨୦୧୬ |

**ଗୋଟିଏ ଟି୨୦ରେ ୫ଟି ୫୦ରୁ ଊର୍ଦ୍ଧ୍ୱ ସ୍କୋର**

| | |
|---|---|
| କଲିନ୍ ମୁନରୋ | ୫୯ |
| କେନ୍ ୱିଲିୟମସନ | ୫୧ |
| ରସ୍ ଟେଲର | ୫୪* |
| ଲୋକେଶ ରାହୁଲ | ୫୬ |
| ଶ୍ରେୟାସ ଆୟାର | ୫୮* |

୨୦୪ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଭାରତର ପ୍ରଥମେ ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇଥିଲା। ୬ ବଲରୁ ଗୋଟିଏ ଛକା ସହ ୭ ରନ କରିଥିବା ବେଳେ ରୋହିତ ସ୍ପିନର ମିଚେଲ ସାଣ୍ଟନରଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ବଲ୍ ବ୍ୟାଟ୍‌ର ସଂଯୋଗ ହୋଇ ନ ଥିଲା। ଫଳରେ ସେ ବ୍ୟାକ୍‌ୱାର୍ଡ ପଏଣ୍ଟରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରାହୁଲ ୫୧ ବଲରୁ ୯୯ ରନ ସଂଗ୍ରହ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ ରାହୁଲ ୪ ଚୌକା ଓ ୩ ଛକା ସହ ୨୭ ବଲରୁ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଲେଗ୍ ସ୍ପିନର ଇଶ୍ ସୋଧୀଙ୍କ ବଲ୍‌ରେ ଟମ୍ ସୌଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାର ୬ଟି ବଲ୍‌ପରେ କୋହଲିଙ୍କ ପାଳି ପଡିଥିଲା। ୩୨ ବଲରୁ ୩ ଚୌକା ଓ ଗୋଟିଏ ଛକା ସହ ୪୫ ରନ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ଦ୍ରୁତ ବୋଲର ବ୍ଲେୟାର ଟିକ୍‌ନରଙ୍କ ବଲ୍‌ରେ ମିଡ୍‌ଉଇକେଟ ଉପରେ ଦେଇ ଶଟ୍ ଖେଳିବାକୁ ଯାଉଥିବା ବେଳେ ମାର୍ଟିନ ଗୁପ୍ଟିଲଙ୍କ ହାତରେ ଧରାପଡିଥିଲେ। ଗୁପ୍ଟିଲ ସୁନ୍ଦର କ୍ୟାଚ୍ ନେଇ ଗତ ବିଶ୍ୱକପ୍ ସେମିଫାଇନାଲ କଥା ସ୍ମରଣ କରାଇଥିଲେ। ଗୁପ୍ଟିଲ ବିଶ୍ୱକପ୍ ସେମିରେ ଜବରଦସ୍ତ ଥ୍ରୋ କରି ମହେନ୍ଦ୍ର ସିଂ ଧୋନୀଙ୍କୁ ରନ୍ ଆଉଟ କରିଥିଲେ ଓ ଏହା ସେତେବେଳେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କୋହଲି ଆଉଟ ହେବା ଦ୍ୱାରା ଭାରତ ଉପରେ ଚାପ ବଢିଥିଲା। ଲାଗୁଥିଲା ଘରୋଇ ଦଳ ପାଇଁ ଏହା ଟର୍ନିଂ ପଏଣ୍ଟ ହେବ। କିନ୍ତୁ ଏହାପରେ ଆୟାର ଦୃଢ଼ ବ୍ୟାଟିଂ କରିଥିଲେ। ଶିବମ୍ ଦୁବେ ୯ ବଲରୁ ୧ ଚୌକା ଓ ୧ ଛକା ସହ ୧୩ ରନ କରି ଆଉଟ ହୋଇଥିଲେ। ତେବେ ପଞ୍ଚମ ଉଇକେଟରେ ଆୟାର ଓ ମନୀଷ ପାଣ୍ଡେ ୩୪ ବଲ୍‌ରୁ ଦ୍ରୁତ ଅପରାଜିତ ୬୨ ରନ ସଂଗ୍ରହ କରିଥିଲେ। ଆୟର ୫୮ ଓ ପାଣ୍ଡେ ୧୨ ବଲରେ ଏକ ଛକା ସହ ୧୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଇଶ୍ ସୋଧୀ ୨, ସାଣ୍ଟନର ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ କଲିନ ମୁନରୋ, ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମୁନରୋ ୫୯ (୪୨ ବଲ, ୬ ଚୌକା, ୨ ଛକା), ୱିଲିୟମସନ ୫୧ (୨୬ ବଲ, ୪ ଚୌକା, ୪ ଛକା) ରନ କରି ଆଉଟ ହୋଇଥିବା ବେଳେ ଟେଲର ୫୪ (୨୭ ବଲ, ୩ ଚୌକ, ୩ ଛକା) ରନ କରି ଅପରାଜିତ ରହିଥିଲେ। ତେବେ ଏହାପୂର୍ବରୁ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୧୯ ବଲରୁ ୪ ଚୌକା ଓ ୧ ଛକା ସହ ୩୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ପ୍ରଥମ ଉଇକେଟରେ ମୁନରୋ ଓ ଗୁପ୍ଟିଲ ୪୩ ବଲରୁ ୮୦ ରନ ସଂଗ୍ରହ କରିଥିଲେ। କଲିନ ଡି ଗ୍ରାଣ୍ଡହୋମ ଖାତା ଖୋଲିପାରି ନ ଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସେଇଫର୍ଟ ୧ ରନ କରି ଆଉଟ ହୋଇଥିଲେ। ସାଣ୍ଟନର ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ୟୁଜବେନ୍ଦ୍ର ଚହଲ, ଶିବମ୍ ଦୁବେ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ବୋଲରମାନେ ବେଶ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

### ପ୍ରଥମ ଟି୨୦ ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପ୍‌ଟିଲ-କ-ରୋହିତ-ବୋ-ଦୁବେ-୩୦
ମୁନ୍‌ରୋ-କ-ଚହଲ-ବୋ-ଶାର୍ଦ୍ଦୂଳ-୫୯
ୱିଲିୟମସନ-କ-କୋହଲି-ବୋ-ଚହଲ-୫୧
ଗ୍ରାଣ୍ଡହୋମ୍-କ-ଶିବମ୍-ବୋ-ଜାଡେଜା-୦
ଟେଲର-ନଟଆଉଟ-୫୪
ଟିମ୍ ଶିଫର୍ଟ-କ-ଶ୍ରେୟାସ-ବୋ-ବୁମ୍‌ରା-୧
ସାଣ୍ଟନର-ନଟ ଆଉଟ-୨
ଅତିରିକ୍ତ-୬
ମୋଟ: (୨୦ ଓଭର,୫ ଉଇକେଟ) ୨୦୩।
**ଉଇକେଟ ପତନ:** ୧/୮୦, ୨/୧୧୬, ୩/୧୧୭, ୪/୧୭୮, ୫/୧୮୧।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୪-୦-୩୧-୧
ଶାର୍ଦ୍ଦୂଳ ଠାକୁର ୩-୦-୪୪-୧
ମହମ୍ମଦ ଶାମି ୪-୦-୫୩-୦
ୟୁଜବେନ୍ଦ୍ର ଚହଲ ୪-୦-୩୨-୧
ଶିବମ୍ ଦୁବେ ୩-୦-୨୪-୧
ରବୀନ୍ଦ୍ର ଜାଡେଜା ୨-୦-୧୮-୧

**ଭାରତ ଇନିଂସ**

ରୋହିତ-କ-ଟେଲର-ବୋ-ସାଣ୍ଟନର-୭
ଲୋକେଶ-କ-ସୌଦି-ବୋ-ସୋଧି-୫୬
କୋହଲି-କ-ଗୁପ୍‌ଟିଲ-ବୋ-ଟିକ୍‌ନର-୪୫
ଶ୍ରେୟାସ-ନଟ ଆଉଟ-୫୮
ଶିବମ୍-କ-ସୌଦି-ବୋ-ସୋଧି-୧୩
ମନୀଷ-ନଟ ଆଉଟ-୧୪
ଅତିରିକ୍ତ-୧୧
**ମୋଟ:** (୧୯ ଓଭର, ୪ ଉଇକେଟ) ୨୦୪।
**ଉଇକେଟ ପତନ:** ୧/୧୬, ୨/୧୧୫, ୩/୧୨୧, ୪/୧୪୨।

**ବୋଲିଂ (ନ୍ୟୁଜିଲାଣ୍ଡ)**

ଟିମ୍ ସୌଦି ୪-୦-୪୮-୦
ମିଚେଲ ସାଣ୍ଟନର ୪-୦-୫୦-୧
ହାମିଶ ବେନେଟ ୪-୦-୩୬-୦
ବ୍ଲେୟାର ଟିକ୍‌ନର ୩-୦-୩୪-୧
ଇଶ୍ ସୋଧି ୪-୦-୩୬-୨।

# ପ୍ରଥମ ଟି୨୦ରେ ପାକିସ୍ତାନ ବିଜୟୀ

ଲାହୋର, ୨୪।୧

ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ୫ ଉଇକେଟ୍‌ରେ ଜିତିନେଇଛି। ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ଲକ୍ଷ୍ୟକୁ ବାବର ଆଜାମଙ୍କ ନେତୃତ୍ୱାଧୀନ ପାକିସ୍ତାନ ୩ଟି ବଲ୍ ଓ ୫ ଉଇକେଟ୍ ସୁରକ୍ଷିତ ଥାଇ ହାସଲ କରିନେଇଛି। ଏହି ବିଜୟ ସହ ଘରୋଇ ପାକିସ୍ତାନ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ସିରିଜର ୨ୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ।

ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ତମିମ୍ ଇକ୍‌ବାଲ (୩୯) ଓ ମହମ୍ମଦ ନଇମି (୪୩) ଭଲ ପ୍ରାରମ୍ଭ ଦେଇଥିଲେ। ତେବେ ମଧ୍ୟକ୍ରମରେ ଲିଟନ ଦାସ (୧୨), ଅଧିନାୟକ ମହମ୍ମଦୁଲ୍ଲା (୧୯), ସୌମ୍ୟ ସରକାର (୯) ପ୍ରମୁଖ ବିଫଳ ହୋଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଆଫ୍ରିଦି, ହାରିସ ରୌଫ୍ ଓ ଶାଦବ ଖାଁ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟ୍ସମ୍ୟାନ ସୋଏବ ମଲିକ (୫୮ ରନ, ୪୬ ବଲ, ୫ ଚୌକା)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପାକିସ୍ତାନ ୧୯.୩ ଓଭରରେ ୫ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହଶାନ ଅଲି ୩୬, ମହମ୍ମଦ ହାଫିଜ ୧୭, ଇଫ୍‌ତିକାର ଅହମ୍ମଦ ୧୬ ରନ କରିଥିବାବେଳେ ଅଧିନାୟକ ଆଜମ ଖାତା ଖୋଲିପାରି ନ ଥିଲେ। କ୍ୟାରିୟରର ୮ମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ସୋଏବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରୁ ଯଦି ଗୋଟିଏରେ ପାକିସ୍ତାନ ପରାସ୍ତ ହୁଏ ତେବେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ହରାଇବ।

## ଭାରତ ଏ’ ହାରିଲା

ଖ୍ରୀଷ୍ଟଚର୍ଚ୍ଚ,୨୪।୧(ପି.ଟି.)

ଭାରତ ଏ’ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପାଇଥିବା ଭଲ ଷ୍ଟାର୍ଟକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ନ୍ୟୁଜିଲାଣ୍ଡ ଏ’ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ୨୯ ରନ୍‌ରେ ଜିତିନେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଏବେ ୧-୧ର ବରାବର ସ୍ଥିତିରେ ରହିଛି। ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ରବିବାର ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଜର୍ଜ ୱାର୍କର ୧୩୫ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୯୫ ରନ୍ କରିଥିଲା। ଦଳ ପାଇଁ କୋଲ ମ୍ୟାକ୍‌କୋନଚି ୫୬ ଓ ଜେମ୍ସ ନିଶାମ ୩୩ ରନ୍ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ବୋଲିଂରେ ଇଶାନ ପୋରେଲ ୩ ଓ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ। ୨୯୬ ରନ୍‌ର ବିଜୟଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତ ଏ’ ଦଳର ଫର୍ମରେ ଥିବା ପୃଥ୍ୱୀ ଶ’ (୨) ଏଥର ବିଫଳ ହୋଇଥିଲେ। ତାଙ୍କ ପରେ ଅଧିନାୟକ ମୟଙ୍କ ଅଗ୍ରୱାଲ (୩୭), ସୂର୍ଯ୍ୟକୁମାର ଯାଦବ (୨୦), ଇଶାନ କିଷନ (୪୪), ବିଜୟ ଶଙ୍କର (୪୧)ଙ୍କୁ ଭଲ ଆରମ୍ଭ ମିଳିଥିଲା। କିନ୍ତୁ କେହି ବଡ଼ ଇନିଂସ ଖେଳିପାରି ନ ଥିଲେ। ନିମ୍ନଭାଗରେ କ୍ରୁନାଲ ପାଣ୍ଡ୍ୟା ୫୧ ଓ ଅକ୍ଷର ପଟେଲ ୨୪ ରନ୍‌ର ଇନିଂସ ଖେଳିଥିଲେ। କିନ୍ତୁ ତାହା ବିଜୟ ଲାଗି ଯଥେଷ୍ଟ ହୋଇ ନ ଥିଲା। ଫଳରେ ଭାରତ ଏ’ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୬୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ଲାଗି କାଇଲ ଜାମିସନ, ଜ୍ୟାକବ ଡଫି ଓ ନିଶାମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ସମୀର, ପାର୍ବତୀଙ୍କୁ ଓଡ଼ିଶାର ନେତୃତ୍ୱ

**ଜାତୀୟ ଜୁନିୟର ଭଲିବଲ**

ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର୍ କଡପ୍ପା ଜିଲାସ୍ଥିତ ରାଜାମପେଟ୍‌ଠାରେ ଆସନ୍ତା ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ଭଲିବଲ୍ (ବାଳକ/ବାଳିକା) ଚାମ୍ପିୟନଶିପ୍‌ର ୪୬ତମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୮ରେ ଥିବା ଭଲିବଲ୍ କ୍ୟାମ୍ପସରେ ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୀର ରଞ୍ଜନ ପାଲ୍ ଓ ପାର୍ବତୀ ଗଡ଼ବାଙ୍କୁ ଯଥାକ୍ରମେ ଓଡ଼ିଶା ବାଳକ ଓ ବାଳିକା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଚୟନ ପ୍ରକ୍ରିୟା ଅବସରରେ ଓଡ଼ିଶା ଭଲିବଲ୍ ଆସୋସିଏଶନ (ଓଭା)ର ସମ୍ପାଦକ ଡ. ଗଗନେନ୍ଦୁ ଦାସ, ସଭାପତି ସୁବୋଧ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଶା ଦଳ ଶୁକ୍ରବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି।

**ଓଡ଼ିଶା ବାଳକ ଦଳ:** ସମୀର ରଞ୍ଜନ ପାଲ୍ (ଅଧିନାୟକ), ବିଶ୍ୱଜିତ୍ ମଣ୍ଡଳ, ଦୀନବନ୍ଧୁ ନାହକ, ସୂରଯ କରୁଆନ, ନିଶିକାନ୍ତ ପରିଡ଼ା, ରାଜୁ ପଟ୍ଟନାୟକ, ସୁଶାନ୍ତ ସିଂ, ଅମିତ୍ କୁମାର ହରିଜନ, ୱାସିଉଜ ଜମାନ ଖାଁ, ଟି. ଧନରାଜ, ବିବେକ ସାହୁ, ରମେଶ କୁଜୁରୁ (ଲିବେରୋ), ରଶ୍ମିରଞ୍ଜନ ନନ୍ଦ (କୋଚ୍), ଆଶିଷ କୁମାର ବିହାରୀ (ମ୍ୟାନେଜର)।

**ଓଡ଼ିଶା ବାଳିକା ଦଳ:** ପାର୍ବତୀ ଗଡ଼ବା (ଅଧିନାୟିକା), ଆଶା ମୁଣ୍ଡାରି, ଦୀପ୍ତିମୟୀ କବାସି, କୌଶଲ୍ୟା ମାଝି, ସରସ୍ୱତୀ ଝୋଡ଼ିଆ, ମାମାଲି ନାଗ୍, ବି. ଅନିଶା, ପାୟଲ କାଣ୍ଡି, ରୋଜାଲିନ ଆଣ୍ଡିଆ, ଆରତୀ ହେର୍ପିକା, ସଞ୍ଜନା ସାହୁ, ଲିପ୍‌ସାରାଣୀ ମିଶ୍ର (ଲିବେରୋ), ଗୋବିନ୍ଦ ଚନ୍ଦ୍ର ସାହୁ (କୋଚ୍) ଓ ଜୟଶ୍ରୀ ପଲାଇ (ସହାୟକ କୋଚ୍)।

## ଜାତୀୟ ଚୟନକର୍ତ୍ତା ଦୌଡ଼ରେ ଅଗରକର

ନୂଆଦିଲ୍ଲୀ, ୨୪।୧ (ପି.ଟି.)

ଜାତୀୟ କ୍ରିକେଟର ଚୟନକର୍ତ୍ତା ପାଇଁ ଶୁକ୍ରବାର ଆବେଦନର ଅନ୍ତିମ ଦିବସ ଥିଲା। ପୂର୍ବତନ ଭାରତୀୟ ପେସ୍ ବୋଲର ଅଜିତ ଅଗରକର ଶେଷ ମୁହୂର୍ତ୍ତରେ ଦରଖାସ୍ତ କରିଛନ୍ତି। ଫଳରେ ଚେୟାରମ୍ୟାନ ପଦବୀ ପାଇଁ ସେ ଦୌଡ଼ରେ ଅନ୍ୟମାନଙ୍କଠାରୁ ଆଗରେ ରହିବେ। ପୂର୍ବତନ ମିଡିୟମ ପେସ୍ ବୋଲର ତଥା ଜୁନିୟର ଚୟନ କମିଟି ଚେୟାରମ୍ୟାନ କର୍ଣ୍ଣାଟକର ଭେଙ୍କଟେଶ ପ୍ରସାଦ ସିନିୟର ଚୟନକର୍ତ୍ତା ପଦବୀ ପାଇଁ ଆବେଦନ କରିଥିବା ଜଣାଯାଇଛି। ତେବେ ସେ ଏହି ପଦବୀରେ ଦେଢ଼ ବର୍ଷ ରହିପାରିବେ। କାରଣ ନୂଆ ସମ୍ବିଧାନ ଅନୁସାରେ ଚୟନ କମିଟି ପଦବୀରେ ଜଣେ ସର୍ବାଧିକ ୪ ବର୍ଷ ରହିପାରିବେ। ଆବେଦନକାରୀଙ୍କ ମଧ୍ୟରେ ୪୨ବର୍ଷୀୟ ଅଗରକର ସବୁଠାରୁ ହାଇପ୍ରୋଫାଇଲ ଖେଳାଳି।

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ତୁରନ୍ତ ଆବଶ୍ୟକ**
କୁଲାଡ଼ ଅନୁଗୋଳସ୍ଥିତ ଫ୍ୟାସନ ବୁଟିକ୍‌ରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଓ ସିଲେଇ ସହାୟକ ଆବଶ୍ୟକ।
ଦରମା ଅଭିଜ୍ଞତା ଅନୁସାରେ
ଯୋଗାଯୋଗ: 7735732645

**URGENT REQUIRED**
A Guest House required following experience staffs only.
◆ Tourist Car Driver -5 Nos. (License with heavy badge)
◆ Accountant-cum-Cashier -1 No.
◆ Receptionist- -1 No (M/F).
◆ House Keeper -1 No.
Contact:- 9938329002
(11 AM to 4 PM)

**ଆବଶ୍ୟକ**
A Division of Furniture & Timber Unit.
ଡ୍ରାଇଭର- 2 Nos.
MANAGER - 2 Nos.
Qualification : Any Graduate.
Contact : 9692676868

ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ (Married).
ଯୋଗାଯୋଗ: 9937203178

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

**PART / FULL TIME**
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
9777010045

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact: 9938676412

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**WANTED**
Sales Man for Dhenkanal Hindustan Jewellers, age must be 30-35. Walk-In-Interview with your Bio-data at HINDUSTAN JEWELLERS, Bhubaneswar, 27.01.2020 & 28.01.2020, time 11 A.M. to 5 P.M. Please Contact No. 9437033691

**SHREE SAI ASHRIBAD ENTERPRISES**
DEALS IN AGARBATI AND ALL CHEMICAL PRODUCTS REQUIRES DISTRIBUTORS & MARKETING EXECUTIVES FOR ALL DISTRICTS OF ODISHA.
Contact : 9938512002 8106029138

**Officially Staff**
For BBSR, CTC, Berhampur, Puri .
Qualification 10th above.
Salary upto Rs.25,000/-
M-9938699963

**WANTED**
Male Candidate having knowledge of computer typing and internet to work in xerox and internet shop.
Salary Rs.7500 to 10000
Walk-in with Bio-data
PRUDENT ONLINE, Badambadi New Lic Colony, Cuttack-753012
Mob: 9337273594

**ମାର୍ବଲ ଦୋକାନ ପାଇଁ ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ।**
ଭୁବନ, ଢେଙ୍କାନାଳ।
ଦରମା: ୧୦,୦୦୦ ରୁ ୧୫,୦୦୦ ଟଙ୍କା
ମାର୍ବଲ ମାର୍କେଟିଙ୍ଗ୍‌ରେ ୨ବର୍ଷର ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ଯୋଗାଯୋଗ: 9777339411 8895455851

**REQUIRED**
Marketing Executive and Delivery Boy for Hardware Materials Company at Bhubaneswar.
Apply with C.V. in yashviagencies@hotmail.com
Contact No. 9090098989

**BANABASI SEVA SAMITI, DANGARIGUDA ( KALAHANDI) BRANCH**
Ph. 06846-243637, Web : www. banabasi.org
WANTED : Superintendent, Counselor, Child Welfare Officer, Paramedical Staff, Store Keeper-cum-Accountant for Children's Home (CCIs),Dangariguda, Kalahandi. Details may be download from website : www.banabasi.org
Last Date for submission of Application: 4.02.2020 (5 PM)
Sd/- Secretary

ଭୁବନେଶ୍ୱରଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ **ପୁରୁଷ ସ୍ୱାସ୍ଥ୍ୟ ସହାୟକ (Male Medical Attendant)** ଆବଶ୍ୟକ। ନିମ୍ନଲିଖିତ ଦୈନନ୍ଦିନ କାର୍ଯ୍ୟରେ ସହାୟତା କରିବା ସହାୟକଙ୍କ ଦାୟିତ୍ୱ ହେବ – ଯଥା ସ୍ନାନ, ଶୌଚ, ହ୍ୱିଲ୍-ଚେୟାର୍‌ରେ ଘର ଭିତରେ ଚଳପ୍ରଚଳ କରାଇବା, ଖାଦ୍ୟ, ପାଣି ଓ ଔଷଧ ସେବନରେ ସାହାଯ୍ୟ କରିବା ଇତ୍ୟାଦି ।
**କାର୍ଯ୍ୟ ସମୟ:** ସକାଳ ୮ରୁ ସନ୍ଧ୍ୟା ୮ (ସୋମ-ଶନି), ସକାଳ ୮ରୁ ଦିନ ୧୨ (ରବି)
**କାର୍ଯ୍ୟ ସ୍ଥାନ :** ୟୁନିଟ୍ ୯, ଭୁବନେଶ୍ୱର
ସହାୟକ ଅତି କମ୍‌ରେ ମାଟ୍ରିକ ପାସ୍ କରିଥିବା ଆବଶ୍ୟକ। ଇଂରାଜୀରେ ମୌଳିକ ଦକ୍ଷତା ଓ ମୋବାଇଲ ଫୋନ୍‌ରେ ଖବର ପଠାଇବାର ସାମର୍ଥ୍ୟ ରହିଥିବା ଉଚିତ। ନର୍ସିଂ କିମ୍ବା ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଲିମପ୍ରାପ୍ତ ତଥା ରୋଗୀଙ୍କ ଯତ୍ନ ନେବାରେ ପୂର୍ବ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ବେତନ – ମାସିକ ୧୦୦୦୦ ଟଙ୍କା (ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବୃଦ୍ଧି କରାଯାଇପାରେ)। ଦିନରେ ଥରେ ନିରାମିଷ ଭୋଜନ ଦିଆଯିବ।
ଇଚ୍ଛୁକ ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରିପାରନ୍ତି: 0 8902061087 / 0 9748464894

**VIJAYA DIAGNOSTIC CENTRE**
India's Largest Comprehensive Diagnostic Network
Vijaya Diagnostic Centre is the Pioneers in diagnostic medicare with NABL & NABH accredited Labs and diagnostic centre spread across 12 Cities in India. We offer most comprehensive range of diagnostic services and equipped with the state-of-the-art equipment in diagnostic technology including 14 Numbers of 1.5 & 3.0 T high field MRI, 13 Numbers of 128 Slice CT, 4 Numbers of Dual Head SPECT Gamma Camera, one 16 Slice PET CT, more than 80 Numbers of USG and 70 Numbers of Digital X-ray in addition to highly specialized lab testing services including Flow Cytometry, RT-PCR DNA testing, Immunohistochemistry, Tumour Marker analysis, Hormonal Assays and more.
Hiring for Hyderabad Centres
We invite applications for Full Time/ Part Time Consultant Radiology
* MD/ DNB/ DMRD with 1-5 years post graduate experience with any reputed Hospital or Diagnostic center. Freshers also can be considered.
Vacancies also available for: Nandyal, Vizag, Kurnool, Nellore, Karimnagar, Hanumakonda, Warangal
Resumes to be forwarded to Careers@Vijayadiagnostic.in or reach out to +91 91 6060 5191

**WALK-IN-INTERVIEW ON**
08th & 09th FEBRUARY 2020 at 10:00 A.M
Venue :
GURUKUL INTERNATIONAL PUBLIC SCHOOL
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN-760008 Affiliated to CBSE New Delhi, Affiliation No.1530283, Contact : 9937885234, e-mail : info.gurukulinternational@gmail.com, website : www.gurukulinternational.net
Inviting Applications
for the following posts for Berhampur, Kabisurya Nagar, Khalikote, Digapahandi, Mendhrajpur (Ganjam), Phulbani & Nabarangpur.

| POST | SUBJECT & NO. OF VACANCIES | QUALIFICATIONS |
|---|---|---|
| TGT | English(10), Physics(10), Odia(7), Chemistry(10), Hindi(7), Social Science(10), Mathematics(10), Computer(7), Physical Education(7) | Master Degree or Graduation with B.Ed. for all subjects, Graduation with B.P.Ed for Physical Education teacher |
| PRT PRE-PRT | EVS(10), Mathematics(10), English(10), Hindi(7), Odia(7), Social Science(10), Computer(7) | Graduation with B.Ed./D.E.Ld (for PRT) NTT or Trained in Montessori (for pre-PRT) |
| RECEPTIONIST (FEMALE) (7) | Graduation with Computer Knowledge & Spoken English | |
| HOSTEL WARDEN (FEMALE) (7) | Graduation | |
| LIBRARIAN (7) | Bachelor Degree or Master Degree in Library Science | |
| DEALING ASSISTANT (7) | PGDCA, Good Hand in Official works | |
| BUS DRIVER (5) | Heavy Licence, Transport | |

Principal

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.33 (7) | 41,613.19 (226.79) | 12,248.25 (67.90) | 40,780.00 (₹96) | 47,277.00 (₹238) |

## ସଂକ୍ଷେପରେ

### ଧର୍ମଘଟ ଯୋଗୁ ପ୍ରଭାବିତ ହେବ ବ୍ୟାଙ୍କ କାରବାର





**ମୁମ୍ବାଇ,୨୪-୧:** ୩୧ ଜାନୁୟାରୀଠାରୁ ଆରମ୍ଭ ହେଉଥିବା ୨ ଦିନିଆ ଦେଶ ବ୍ୟାପୀ ବ୍ୟାଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ କାରବାର ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏହି ସମୟରେ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହେବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଧର୍ମଘଟ ସମୟରେ ବ୍ୟାଙ୍କ କାର୍ଯ୍ୟାଳୟ ଏବଂ ଶାଖାଗୁଡିକର କାର୍ଯ୍ୟସ୍ଥିତି ଯେଭଳି ସ୍ୱାଭାବିକ ରହେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବେତନ ସଂଶୋଧନ ନେଇ ସରକାରଙ୍କ ସହ ଆଲୋଚନା ବିଫଳ ହେବା ଯୋଗୁ ବ୍ୟାଙ୍କ ସଙ୍ଗଠନଗୁଡିକ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି।

### ୧୦% କମିପାରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ




**ନୂଆଦିଲ୍ଲୀ,୨୪-୧:** ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ବାବଦ ସଂଗ୍ରହ ୧୦% କମିପାରେ। ଦେଶର କର୍ପୋରେଟ ଏବଂ ଆୟକର ସଂଗ୍ରହ ଗତ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର କମିପାରେ ବୋଲି ରୟଟର୍ସକୁ ପ୍ରାୟ ୧୨ ବରିଷ୍ଠ ଟିକସ ଅଧିକାରୀ ସୂଚନା ଦେଇଛନ୍ତି। କର୍ପୋରେଟ ଆୟକର ହ୍ରାସ ଏବଂ ଅର୍ଥନୈତିକ ଅଭିବୃଦ୍ଧି କମିବା ଯୋଗୁ ଏଭଳି ସ୍ଥିତି ଉପୁଜିବାର ବିଶେଷ ସମ୍ଭାବନା ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦକୁ ୧୩.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବା ନେଇ ଲକ୍ଷ୍ୟ ରହିଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୭% ଅଧିକ। ଚାହିଦା କମିବାରୁ ଏହା ବ୍ୟାପାର ଉପରେ ପ୍ରଭାବ ପକାଇଛି। ଏହା ଫଳରେ କମ୍ପାନୀଗୁଡିକ ନିବେଶ ଏବଂ ନିଯୁକ୍ତି କମାଇଛନ୍ତି। ଜାନୁୟାରୀ ଶେଷ ସୁଦ୍ଧା ଟିକସ ବିଭାଗ ୭.୩ ଲକ୍ଷ କୋଟି ରାଜସ୍ୱ ସଂଗ୍ରହ କରିଛି। ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ରାଜସ୍ୱ ଆଦାୟ ୫.୫% କମିଛି। ଚଳିତ ବର୍ଷ ଟିକସ ସଂଗ୍ରହ ୧୧.୫ ଲକ୍ଷ କୋଟି ଟଙ୍କାରୁ କମିବ ବୋଲି ଅଧିକାରୀ କହିଛନ୍ତି।

> “ପତଞ୍ଜଳୀକୁ ଆଗାମୀ ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର କାରବାର ସହ ଦେଶର ସର୍ବ ବୃହତ୍ ଏଫ୍‌ଏମ୍‌ସିଜି କମ୍ପାନୀ କରିବାକୁ ଲକ୍ଷ୍ୟ ରହିଛି।
> – ବାବା ରାମଦେବ, ପ୍ରତିଷ୍ଠାତା ପତଞ୍ଜଳି ଆୟୁର୍ବେଦ



> “ବିଶ୍ୱ ସ୍ତରରେ ଡଲାରର ପ୍ରଭାବ କମ୍ କରିବାକୁ ହେଲେ ଏକ ସ୍ଥିର ଭରସାଯୋଗ୍ୟ ମୁଦ୍ରା ଆବଶ୍ୟକ।
> – ଗୀତା ଗୋପିନାଥ, ମୁଖ୍ୟ ଅର୍ଥନୀତିଜ୍ଞ, ଆଇଏମ୍‌ଏଫ୍



# ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ ଭାରତ

**ଡାଭୋସ,୨୪-୧**

ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଶୁକ୍ରବାର ଆଶ୍ୱସ୍ତିଭରା ଖବର ଆଣିଛି। ଭାରତରେ ଲାଗି ରହିଥିବା ମାନ୍ଦାବସ୍ଥା ଅସ୍ଥାୟୀ। ଶୀଘ୍ର ଘରୋଇ ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧି ପଥକୁ ଫେରିବ। ସୁଇଜରଲାଣ୍ଡର ଡାଭୋସଠାରେ ଚାଲିଥିବା ୱାର୍ଲଡ ଇକୋନୋମିକ ଫୋରମ (ଡବ୍ଲ୍ୟୁଇଏଫ)ର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଓ୍ୱା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ବିଶ୍ୱ ଆର୍ଥିକ ସ୍ଥିତିକୁ ନେଇ ଆଇଏମ୍‌ଏଫ୍ ୨୦୧୯ ଅକ୍ଟୋବରରେ ଯେଉଁ ପୂର୍ବାନୁମାନ କରିଥିଲା ସେହି ତୁଳନାରେ ୨୦୨୦ ଜାନୁୟାରୀରେ ବିଶ୍ୱର ଅର୍ଥ ବ୍ୟବସ୍ଥା ଉନ୍ନତ ସ୍ଥିତିରେ ରହିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଭାରତର ବିକାଶ ହାର ୪.୫%କୁ ଖସିଛି। ଏହା ସାଢେ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର। ଏଭଳି ସ୍ଥିତିରେ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ୩.୩% ବିକାଶ ହାର ଆଖିଦୃଶିଆ ନୁହେଁ। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଏବେ ଅଗ୍ରଗତି କରୁଥିବା ସେ ମତ ରଖିଛନ୍ତି। ମାତ୍ର ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଏବେ ବି ଲାଗିରହିଛି। ବିତ୍ତୀୟ ନୀତି ଏବଂ ଢାଞ୍ଚାଗତ ସୁଧାର ଉପରେ ଦେଶଗୁଡିକ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।


ଆଗାମୀ ଦିନଗୁଡିକରେ ଭାରତୀୟ ଅର୍ଥ ବ୍ୟବସ୍ଥା ତ୍ୱରିତ ହେବା ନେଇ ଆଶାବାଦୀ ଥିବା ସେ ମତ ରଖିଛନ୍ତି। ଇଣ୍ଡୋନେସିଆ ଏବଂ ଭିଏତନାମ ଭଳି ଦେଶର ବିକାଶ ହାର ଚମକିବା ସ୍ଥିତିକୁ ଫେରିଛି। କିଛି ଆଫ୍ରିକୀୟ ଦେଶ ଭଲ ପ୍ରଦର୍ଶନ କରୁଥିବା ବେଳେ ମେକ୍ସିକୋ ଭଳି ଦେଶର ବିକାଶ ହାରରେ କୌଣସି ସୁଧାର ଆସିନାହିଁ। ଏବେ ବିଶ୍ୱର ବିଭିନ୍ନ ଦେଶ ଆର୍ଥିକ ଚ୍ୟାଲେଞ୍ଜ ସ୍ଥିତି ଆଡକୁ ଗତି କରୁଥିବା ସେ ମତ ରଖିଛନ୍ତି। ସୂଚନା ଯୋଗ୍ୟ, ଚଳିତ ଆର୍ଥିକବର୍ଷ ଲାଗି ଭାରତର ବିକାଶ ହାର ୫% କିମ୍ବା ଏହାର ନିକଟବର୍ତ୍ତୀ ରହିବ ବୋଲି ଅନେକ ଅନ୍ତର୍ଜାତୀୟ ଏଜେନ୍ସି କହିଛନ୍ତି। ଏହା ମଧ୍ୟରେ ଆଇଏମ୍‌ଏଫ୍, ଜାତିସଂଘ, ଫିଚ୍ ସହ ଅନ୍ୟ କେତେକ ଏଜେନ୍ସି ରହିଛନ୍ତି।




- ମାନ୍ଦାବସ୍ଥା ଅସ୍ଥାୟୀ
- ବିତ୍ତୀୟ ନୀତି, ଢାଞ୍ଚାଗତ ସୁଧାର ଆଣିବାକୁ ପରାମର୍ଶ
- ୫% ରହିବ ଭାରତର ବିକାଶ ହାର

### ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା: ଶକ୍ତିକାନ୍ତ

**ମୁମ୍ବାଇ,୨୪-୧:** ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ଲାଗି ସାଧାରଣ ବଜେଟ ଆସିବାକୁ ଆଉ ଗୋଟିଏ ସପ୍ତାହ ବାକି ରହିଛି। ଦେଶର ଜିଡିପି ଅଭିବୃଦ୍ଧିକୁ ବଢାଇବା ଲାଗି ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା। ଏହା ହେଲେ ଚାହିଦା ବୃଦ୍ଧିରେ ସହାୟକ ହେବ। କେବଳ ମୁଦ୍ରାନୀତି ପଦକ୍ଷେପ ଦ୍ୱାରା ଲକ୍ଷ୍ୟ ହାସଲ କରିବା କଷ୍ଟକର ବୋଲି ଶକ୍ତିକାନ୍ତ ଦାସ ଶୁକ୍ରବାର ସେଣ୍ଟ ଷ୍ଟିଫେନ୍ସ କଲେଜର ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ଆସନ୍ତା ବଜେଟ ଫେବୃୟାରୀ ପହିଲା (ଶନିବାର)ରେ ଉପସ୍ଥାପନ ହେବ। ଏବେ ନୋମିନାଲ ଜିଡିପି ୪୮ ବର୍ଷର ସର୍ବନିମ୍ନ ସ୍ତର ଏବଂ ପ୍ରକୃତ ଜିଡିପି ଅଭିବୃଦ୍ଧି ୧୧ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିବ ବୋଲି ସରକାର ଆକଳନ କରିଛନ୍ତି।



# ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ହୋଣ୍ଡାର ରେକର୍ଡ

**ଭୁବନେଶ୍ୱର,୨୪-୧**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ଦେଶ ମଧ୍ୟରେ ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ରେକର୍ଡ ହାସଲ କରିଛି। କମ୍ପାନୀ ବିଏସ୍-୬ ଇଞ୍ଜିନ ବର୍ଗରେ ଆକ୍ଟିଭା ୧୨୫, ଏସ୍‌ପି ୧୨୫ ଏବଂ ଆକ୍ଟିଭା ୬ଜି ବଜାରକୁ ଛାଡିଛି। ଏହି ମଡେଲଗୁଡିକର ୬ ଲକ୍ଷ ମଡେଲ କମ୍ପାନୀ ବିକ୍ରି କରିଛି। ପ୍ରଥମ ଟୁହ୍ୱିଲର୍ସ କମ୍ପାନୀ ଭାବେ ଏହି ବିକ୍ରି ରେକର୍ଡ ହାସଲ କରିବାକୁ ହୋଣ୍ଡା ସକ୍ଷମ ହୋଇଛି। ଏପ୍ରିଲ୧ ୨୦୨୦ରେ ସାରା ଦେଶରେ ବିଏସ୍-୬ ମାନକ ବାଧ୍ୟତାମୂଳକ ଲାଗୁ କରାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ଏହି ବର୍ଗରେ ୩ ମଡେଲ ବଜାରରେ ଉପଲବ୍ଧ କରାଇଛି। ଧାର୍ଯ୍ୟ ସମୟର ୬ ମାସ ପୂର୍ବରୁ ପ୍ରଡକ୍ଟ ପ୍ରସ୍ତୁତି କରିବା ସହ ଉପଲବ୍ଧ କରାଇଥିବା ହୋଣ୍ଡାର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

**ଭୁବନେଶ୍ୱର,୨୪-୧**

Reliance digital
PERSONALISING TECHNOLOGY

ସାଧାରଣତନ୍ତ୍ର ଦିବସ ଲାଗି ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୬ ତାରିଖ ଯାଏ ଚାଲିବ। ସାରା ଦେଶରେ ଥିବା ଷ୍ଟୋରଗୁଡିକରେ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ। ବିଭିନ୍ନ ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଗ୍ରାହକ ଆକର୍ଷଣୀୟ ଡିଲ ଏବଂ କ୍ୟାଶବ୍ୟାକ ଲାଭ କରିପାରିବେ। ନିର୍ଦ୍ଦିଷ୍ଟ ବର୍ଗ କ୍ରୟରେ ୨୬% କ୍ୟାଶବ୍ୟାକ, ୧୦% ମଲ୍ଟି ବ୍ୟାଙ୍କ କ୍ୟାଶବ୍ୟାକ, ରିଲାଏନ୍ସ ଡିଜିଟାଲର ୧୬% କ୍ୟାଶବ୍ୟାକ ଉପଲବ୍ଧ। ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ରିଲାଏନ୍ସ ଡିଜିଟାଲ ଡଟ୍ ଇନରୁ ସାମଗ୍ରୀ କ୍ରୟରେ ଏହି ଅଫର ଉପଲବ୍ଧ ହେବ।

# ସିଭି ରମଣରେ ବିଦ୍ୟାନ୍ତ୍ରିକ ୨୦୨୦

**ଭୁବନେଶ୍ୱର,୨୪-୧**



ସିଭି ରମଣ ଇଞ୍ଜିନିୟରିଂ କଲେଜରେ ଜାତୀୟ ଟେକ୍ ଫେଷ୍ଟ ବିଦ୍ୟାନ୍ତ୍ରିକ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କଲେଜରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ରୋବଟିକ୍ସ, ହାକାଥନ, ଅଷ୍ଟେଲଙ୍ଗ, ଟେକ୍ ବକ୍ସ ଭଳି ପ୍ରତିଯୋଗିତା ଏହି ଅବସରରେ ଅନୁଷ୍ଠିତ ହେବ। ମଣିପାଲ ଗ୍ଲୋବାଲ ଏଜୁକେଶନ ସର୍ଭିସ ଏବଂ ଆରିନ କ୍ୟାପିଟାଲ୍ ପାର୍ଟନରର ଅଧ୍ୟକ୍ଷ ଟିଭି ମୋହନଦାସ ପାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ୱିନିଂ ଇନ ଏ ଡିଜିଟାଲ ୱାର୍ଲଡ ଏବଂ ଇଣ୍ଡିଆ ୨୦୩୦ ବିଷୟ ବସ୍ତୁ ଉପରେ ପାଇ ଅଭିଭାଷଣ ରଖିଥିଲେ। ୨୦୩୦ ସୁଦ୍ଧା ନୂଆ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ପ୍ରତିଷ୍ଠା ଦ୍ୱାରା ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସେ ପୁରସ୍କୃତ କରିଥିଲେ। ନୂଆ ଟେକ୍ନୋଲୋଜି ଉପରେ କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ ମତ ରଖିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଭବେଶ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାପଗ୍ରସ୍ତ ଖଣି କ୍ଷେତ୍ର ଯୋଗୁ ଜୀବନଜୀବିକା ପ୍ରଭାବିତ

**ଭୁବନେଶ୍ୱର,୨୪-୧**

ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନ ଜୀବିକାରେ ବାଧା ସୃଷ୍ଟି ହେଉଛି। ଫୋରମ ଫର ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ (ଏଫ୍‌ଆଇଡିଆର) ରିପୋର୍ଟରେ ଏହା ପ୍ରକାଶ ପାଇଛି। ମାଇନିଂ ଏ ଫ୍ରୁଡେଣ୍ଟ ପ୍ରସପେକ୍ଟିଭ ନାମକ ଏହି ରିପୋର୍ଟରେ ଓଡିଶା ସମେତ ଗୋଆ, ଛତିଶଗଡ, ଝାଡଖଣ୍ଡ, କର୍ଣ୍ଣାଟକରେ ସର୍ଭେ କରାଯାଇଛି। ସର୍ଭେରେ ସବୁ ବର୍ଗ ଲୋକଙ୍କୁ ସାମିଲ କରାଯାଇଥିଲା। ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ସେଠାରେ କାର୍ଯ୍ୟରତ ଲୋକଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରିବା ସହ ସେମାନଙ୍କ ପରିବାରର ଜୀବନ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇଛି।

# ବିଗ୍‌ବଜାର ଦେଉଛି ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୨୪-୧**




ଫ୍ୟୁଚର ଗ୍ରୁପର ପ୍ରମୁଖ ଷ୍ଟୋର ବିଗ୍ ବଜାର ପକ୍ଷରୁ ସବ୍‌ସେ ଶସ୍ତେ ୫ ଦିନ ଅଫର ଏବେ ଚାଲୁ ରହିଛି। ଆସନ୍ତା ୨୬ ତାରିଖ ଯାଏ ଏହି ଅଫରର ଲାଭ ଗ୍ରାହକମାନେ ବିଗ୍ ବଜାର ଷ୍ଟୋରଗୁଡିକରେ ଉଠାଇ ପାରିବେ। ଏହି ଅଫର୍‌ରେ କମ୍ପାନୀ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଫ୍ୟାଶନ ଉପରେ ଫ୍ଲାଟ ୫୦% ରହିଛି। ସେହିଭଳି ଫୁଡ ଏବଂ ଗ୍ରୋସରିରେ ବାଏ ୨ ଗେଟ୍ ୧, ରୁପେ କାର୍ଡରେ ଅତିରିକ୍ତ ୧୦% ରିହାତି ଦିଆଯାଉଛି। ୫୯୯ ଟଙ୍କାର ଲେଡିଜ କୁର୍ତ୍ତି ଅଫର ମୂଲ୍ୟରେ ୨୯୯ ଟଙ୍କାରେ ମିଳୁଛି। ୨୯୯ ଟଙ୍କାର କିଡସ ଟି-ଶାର୍ଟ ୧୪୯ ଟଙ୍କା, ୫୯୯ ଟଙ୍କାର ପୁରୁଷଙ୍କ ଡେନିମ ୩୧୯ ଟଙ୍କାରେ, ୪୯୯୯ ଟଙ୍କାରେ କିଚେନ କମ୍ବୋ ସେଟ୍, ୨୯୯୯ ଟଙ୍କାରେ ଡାଇନିଂ କମ୍ବୋ ସେଟ, ୩୯,୯୯୦ ଟଙ୍କାର ୪୩ ଇଞ୍ଚ କରୟୋ ଟେଲିଭିଜନ ଅଫର ମୂଲ୍ୟରେ ୧୪,୯୯୯ ଟଙ୍କାରେ, ନିର୍ଦ୍ଦିଷ୍ଟ ବର୍ଗର ଟ୍ରଲି ବ୍ୟାଗ ଉପରେ ୭୦% ଫ୍ଲାଟ ଅଫର ରହିଛି। ଚଳିତ ବର୍ଷ ଅଫର୍‌କୁ ଆହୁରି ସ୍ୱତନ୍ତ୍ର କରି ପ୍ରସ୍ତୁତ କରାଯାଇଥିବା ବିଗ୍ ବଜାର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

# ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବ ମାଷ୍ଟରକାର୍ଡ

**ଭୁବନେଶ୍ୱର,୨୪-୧:** ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ପୂର୍ବକ ପ୍ରମୁଖ କମ୍ପାନୀ ମାଷ୍ଟର କାର୍ଡ ସାରା ଦେଶରେ କ୍ୟାଶଲେସ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛି। ଏହା ଦ୍ୱାରା କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନକୁ କମ୍ପାନୀ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ପ୍ରାୟ ୭୦ ଲକ୍ଷ ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିଥିବା ଏହାର ଦକ୍ଷିଣ ଏସିଆ ପ୍ରଡକ୍ଟ ପରିଚାଳନା ଉପସଭାପତି ଅମନ ଆହୁଜା ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, କନଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସହ ଚୁକ୍ତିରେ ସାମିଲ ହୋଇଛୁ। ମର୍ଚ୍ଚାଣ୍ଟଙ୍କୁ ଡିଜିଟାଲ ନେଣଦେଣ ଗ୍ରହଣ ଦିଗରେ ପ୍ରୋତ୍ସାହିତ କରାଯାଉଛି। ଏଥି ଲାଗି ସାରା ଦେଶରେ ରୋଡ ଶୋ ଆୟୋଜନ ହେଉଛି। ଭୁବନେଶ୍ୱର ୟୁନିଟ -୧ ମାର୍କେଟ ଏବଂ ବାପୁଜୀ ନଗରରେ ଏଭଳି ରୋଡ ଶୋ ଆୟୋଜନ କରାଯାଇଛି। ଡିଜିଟାଲ ପେମେଣ୍ଟ ବୃଦ୍ଧି ଉପରେ ସୂଚନା ଦେଇ ସେ କହିଛନ୍ତି, ବିମୁଦ୍ରୀକରଣ ପରେ ବଡ ସହର ସମେତ ଟାୟାର ୨ ସହରଗୁଡିକରେ ଡିଜିଟାଲ କାରବାର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଜାତୀୟ ହାର ତୁଳନାରେ ଓଡିଶା ଏ କ୍ଷେତ୍ରରେ ଭଲ ଅଭିବୃଦ୍ଧି କରୁଛି। ଡିଜିଟାଲ ପେମେଣ୍ଟ ଲାଗି କମ୍ ଖର୍ଚ୍ଚରେ ଡିଭାଇସ ପ୍ରଦାନ, ତାମିଲନାଡୁରେ ଇରାଇଡୁ ଆପ ଦ୍ୱାରା ଡିଜିଟାଲ ନେଣଦେଣ ପଦକ୍ଷେପ ଏବଂ ବିହେବିୟରାଲ ବାୟୋମେଟ୍ରିକ ଭିତ୍ତିକ ଟେକ୍ନୋଲୋଜି ଭାରତରେ ଆଣିବାକୁ ପଦକ୍ଷେପ ନିଆଯାଉଥିବା ସେ ସ୍ପଷ୍ଟ କରିଛନ୍ତି।



# ଡ୍ୟୁକ୍‌ର ନୂଆ ସ୍ପୋର୍ଟ୍ସ ସୁ କଲେକ୍ସନ

**ଭୁବନେଶ୍ୱର,୨୪-୧:** ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡ ପକ୍ଷରୁ ନୂଆ ସ୍ପୋର୍ଟ୍ସ ସୁ ବଜାରକୁ ଆସିଛି। ଏଥିରେ ଗ୍ରାହକ ଷ୍ଟାଇଲ ଏବଂ ଅତ୍ୟାଧୁନିକ ମଡର୍ନ ଟେକ୍ନୋଲୋଜି ପ୍ରଡକ୍ଟ ଲାଭ କରିପାରିବେ। ଏହି ପ୍ରିମିୟମ ଫୁଟୱେର କଲେକ୍ସନ ଅନ୍ତର୍ଜାତୀୟ ଫ୍ୟାଶନ ଏବଂ ଟ୍ରେଣ୍ଡକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ଏହି ପ୍ରଡକ୍ଟକୁ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ମାଟେରିଆଲରେ ପ୍ରସ୍ତୁତ କରାଯାଇଛି। ଏଥିରେ ଫାଇଲନ ରବର ସୁ ରହିଛି ଯାହା ପାଦକୁ ଆରାମ ପ୍ରଦାନ କରିବ। ଏହି ସୁ'ର ବଜାର ଦର ୧୦୪୯ ଟଙ୍କାରୁ ୩୪୯୯ ଟଙ୍କା ରହିଛି। ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ବିଚାର କରି ଷ୍ଟାଇଲ ଏବଂ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଥିବା କମ୍ପାନୀର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି। ଟ୍ରେଣ୍ଡ, ଷ୍ଟାଇଲ ଏବଂ ଡିଜାଇନକୁ ପ୍ରାଥମିକତା ଦେଉଥିବା ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି।



Phone-06842-253708
E-mail: rw_phulbani@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, PHULBANI

No.239...RWDP Dated the 20.01.2020

Government of Odisha e-Procurement Notice
Bid Identification No. Online Tender/05/EERWD PHULBANI/ 2019-20

No.O-889 :-

| | | |
|---|---|---|
| 1 | Name of the work | : Road Works |
| 2 | Estimated cost | : Rs. 7.61 Lakhs to Rs. 44.25 Lakhs |
| 3 | Period of Completion | : One Calendar Month |
| 4 | Date & Time of availability of Bid documents in the Portal | : From 01.02.2020 at 10.00 AM to 10.02.2020 up to 5.00 PM |
| 5 | Last Date/ Time for receipt of Bids in the Portal | : 10.02.2020 up to 5.00 PM |
| 6 | Name and address of the Officer Inviting Bid | : Executive Engineer, Rural Works Division, Phulbani |

Further details can be seen from the e-procurement portal website https://tenders.ori.nic.in/nicgep/app

Executive Engineer
Rural Works Division, Phulbani

25077/11/0005/1920

OFFICE OF THE EXECUTIVE ENGINEER
R.W.S.&.S. DIVISION, JAJPUR, AT: CHANDIKHOL
Po- Dhanmandal, Dist- Jajpur, PIN-754024
Phone- 06725-221454, E-mail-eerwss_jpr@ori.nic.in

E-PROCUREMENT NOTICE
Bid Identification No. 26 / 2019-20 dt. 20.01.2020

No.: O-897: The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 17 (Seventeen) |
| 3. | Estimated Cost: | Rs.8.00 lakhs to Rs.68.00 lakhs |
| 4. | Time for completion: | 3 (three), 6 (six) & 9 (nine) months |
| 5. | Cost of bidding document: | Rs.4000/-, Rs.6000/- & Rs.10000/- |
| 6. | Class of Contractors eligible: | 'D' & 'C', 'C' & 'B' and 'B' & 'A' |
| 7. | Availability of bids on-line: | 11.00 hour of 03.02.2020 to 17.00 hours of 15.02.2020. |
| 8. | Last date and time for seeking clarification: | up to 17.00 hours of 14.02.2020 |
| 9. | Date & time of opening of Technical Bid online: | 11.00 hour of 17.02.2020. |
| 10. | Date & time of opening of Financial Bid | To be announced latter |

Further details can be seen in the website https://www.tendersorissa.gov.in.

Sd./- Executive Engineer
R.W.S & S Division, Jajpur
(At: Chandikhol)

25027/11/0012/1920

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH.: 0680-2296100

Advt.No.09/2019-20 NOTICE INVITING TENDER

For and on behalf of OPTCL sealed tenders are invited from Manufacturer/Suppliers (Having valid authorised Dealership Certificate) with IT. PAN, GST Registration Certificate for A) supply of 4-Bolted reputed make PG Clamps for ACSR Zebra to Zebra conductor required for L-Cut jumpering in Tension Towers of 220 KV Narendrapur -ATRI DC Line under EHT (O&M) Division, Berhampur (Lot-I) & B) supply of sliding link disconnecting terminal blocks, for CT and PT/CVT Console Boxes, of reputed make like ELMEX/CONNECTWELL required for various Grid Sub-Stations under EHT (O&M) Circle, Berhampur(Lot-II). Commencement of Sale of Tender Paper : From Dated 27.01.2020 to Dated 17.02.2020 up to 5.30 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 18.02.2020 up to 02.00 PM. Date of Opening of Tender Paper : Dated 18.02.2020 at 3.00 PM. Cost of Tender Paper: Rs.4,000 + GST @ 12%= Rs.4,480/- for each LOT. For details please visit our website www.optcl.co.in. Corrigendum if any will be published in the website only

General Manager (Elect.)

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553

Advt. No. 03/2019-20 NOTICE INVITING TENDER

Sealed tenders are invited from VEHICLE QWNEkS/TRAVEL AGENCIES for engagement of one No. Diesel run commereial registered light vehicles A/C Bolero or equivalent which shall not be more than 3 years old from the date of Registration required for the office of DGM EHT (O&M) Division Chatrapur on monthly basis with daily hiring rate along with copies of relevant documents of the Vehicle, GST registration certificate & copy of valid PAN of the owner. Cost of Tender Paper : Rs.2000/-+ GST@12% (Rs.2240/-) EMD @1% of estimated cost : Rs.4610/- Sale of Tender documents : From Dt.25,01,20 to Dt.07.02.20 up tp 5.00PM on working days only. Lastdateof submission of tender : Dt.08.02.20 upto 1.00PM. Date of opening of tender: Dt.08.02.20 at 3.30PM. For details pleasjp visit our web site : www.optcl.co.in. Corrigendum if any will be published in the web site only.

Dy.General Manager, EHT(O&M) Div.

CAD-869

SHORT QUOTATION CALL NOTICE NO. 36 OF 2019--20
DISTRICT WATER AND SANITATION MISSION, DRDA, KHORDHA

Sealed quotations are invited from interested registered firms having experiences in execution of awareness related projects in rural areas through IEC activities which includes wall painting in rural areas of Khordha District as per the requirement given below :

| Detail of activity | Nos. | Remarks |
|---|---|---|
| Wall painting minimum size not less than(6 feet x 4 feet) | 5448 nos. | Rate to be quoted for one Sqft inclusive of all charges and taxes |

1. The details of the tender and bid documents can be downloaded from the website www. Khordha.nic.in.
2. The documents to be submitted through Registered/speed post only.
3. Last date of submission of bids is 31.01.2020 up to 3 PM.
4. Opening of the Bids Dt. 04.02.2020 at 3:00 PM.
5. The undersigned reserves the right to cancel the tender any time without assigning any reason thereof.

Sd/- Project Director, DRDA-cum-MS
DWSM, Khordha

13042/11/0002/1920

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସଂଖ୍ୟା ନଂ 762/କ.ଉ.କ./ତା 24.01.20

ସୂଚନା

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଅଟେ ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚ୍ଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – www.cdacuttack.nic.in ରେ ଉପଲବ୍ଧ ଅଟେ ।

ସ୍ୱା /–
ସଚିବ



ବଲିଉଡ୍‌କୁ ଅଭିନେତା ହେବା ପାଇଁ ଆସି ଶେଷରେ ସୁଭାଷ ଘାଇ ପାଲଟି ଥିଲେ ନିର୍ଦ୍ଦେଶକ। ଶୁକ୍ରବାର ସେ ୭୫ତମ ଜନ୍ମ ଦିନ ପାଳନ କରୁଛନ୍ତି। ୧୯୪୫ ଜାନୁୟାରୀ ୨୪ରେ ନାଗପୁରଠାରେ ତାଙ୍କର ଜନ୍ମ ହୋଇଥିଲା। ଦିଲ୍ଲୀରେ ଗ୍ରାଜୁଏସନ୍ କରିବା ପରେ ସେ ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟରେ ଅଧ୍ୟୟନ କରିଥିଲେ। ଫିଲ୍ମ କାଳିଚରଣରେ ସେ ପ୍ରଥମ କରି ନିର୍ଦ୍ଦେଶନା ଦେଇଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଏଥିରେ ଶତ୍ରୁଘ୍ନ ସିହ୍ନା ଲିଡ୍ ରୋଲ୍‌ରେ ଥିଲେ। ସୁଭାଷ ଏମ୍ ଅକ୍ଷରରୁ ଆରମ୍ଭ ହେଉଥିବା ଅଭିନେତା ଏବଂ ଅଭିନେତ୍ରୀଙ୍କୁ ଅଧିକ ପସନ୍ଦ କରିଥାନ୍ତି।



# ଟିଟିଇ ଗଲାଣ୍ଡେ

**ନୂଆଦିଲ୍ଲୀ:** ସ୍ମାର୍ଟ ହେଉଛି ଭାରତୀୟ ରେଲୱେ। ଅତ୍ୟାଧୁନିକ କୋଚ୍‌ରେ ଯାତ୍ରା ବି ପୂର୍ବାପେକ୍ଷା ଆରାମଦାୟକ ହେଲାଣି। ଯାତ୍ରୀଙ୍କୁ ଗୁଣାତ୍ମକ ଖାଦ୍ୟ, ପାନୀୟଜଳ, ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। କେବଳ ଏତିକି ନୁହେଁ, ପ୍ଲାଟଫର୍ମକୁ ମଧ୍ୟ ଦିଆଯାଉଛି ଅତ୍ୟାଧୁନିକ ରୂପ। ତଥାପି ବିନା ଟିକେଟରେ ରେଳଯାତ୍ରା କରିବା ମାନସିକତାରୁ ବାହାରି ପାରିନାହାନ୍ତି ଅନେକେ। ରେଲୱେର ଟ୍ରାଭେଲିଂ ଟିକେଟ ଇନ୍ସପେକ୍ଟର (ଟିଟିଇ) ଏସ୍.ବି. ଗଲାଣ୍ଡେ ବିନା ଟିକେଟରେ ଯାତ୍ରା କରୁଥିବା ୨୨ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କଠାରୁ ଦେଢ଼କୋଟି ଟଙ୍କା ଜରିମାନା ଆଦାୟ କରିବା ଏହାର ସଦ୍ୟତମ ଉଦାହରଣ। ଗୋଟିଏ ପଟେ ଭାରତୀୟଙ୍କ ନିକଟରେ ବିନା ଟିକେଟରେ ଯାତ୍ରା କରିବାର ମାନସିକତା ବଦଳୁ ନ ଥିବାବେଳେ ବ୍ୟକ୍ତିଗତ ଭାବେ ଗୋଟିଏ ବର୍ଷରେ ସର୍ବାଧିକ ଜରିମାନା ଆଦାୟ କରି ପ୍ରଶଂସା ସାଉଁଟିଛନ୍ତି ଗଲାଣ୍ଡେ।

ବିଭାଗୀୟ ସୂଚନା ଅନୁଯାୟୀ, ଏସ୍.ବି. ଗଲାଣ୍ଡେ ସେଣ୍ଟ୍ରାଲ୍ ରେଲ୍‌ୱେର ଫ୍ଲାଇଂ ସ୍କ୍ୱାଡ୍‌ର ସଦସ୍ୟ। ସେହିପରି ଏମ୍.ଏସ୍. ସିନ୍ଦେ, ଡି. କୁମାର, ରବି କୁମାର ମଧ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଲେଖାଏ ଜରିମାନା ଆଦାୟ କରିଛନ୍ତି। ଏସ୍.ବି. ଗଲାଣ୍ଡେ ୨୨,୬୮୦ ଯାତ୍ରୀଙ୍କଠାରୁ ୧କୋଟି ୫୧ ହଜାର, ଏମ୍.ଏସ୍. ସିନ୍ଦେ ୧୬,୦୩୫ ଯାତ୍ରୀଙ୍କଠାରୁ ୧ କୋଟି ୭ ହଜାର, ଡି. କୁମାର ୧୫,୨୬୪ ଯାତ୍ରୀଙ୍କଠାରୁ ୧ କୋଟି ୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଭାରତର ଟିକଟ ଯାଞ୍ଚକାରୀମାନେ ବହୁତ କଠିନ ପରିସ୍ଥିତିରେ କାମ କରନ୍ତି। ସେମାନଙ୍କୁ ୧୨ରୁ ୧୩ ଘଣ୍ଟା ଯାଏ କାମ କରିବାକୁ ପଡ଼େ। ଅନେକ ସମୟରେ ସେମାନେ ଯାତ୍ରୀଙ୍କ ରୋଷର ଶିକାର ହୁଅନ୍ତି। ଏପରି କି ସେମାନଙ୍କ ଉପରେ ଆକ୍ରମଣ ହେଉଥିବା ମଧ୍ୟ ନଜିର ରହିଛି। ସେଣ୍ଟ୍ରାଲ ରେଲୱେର ଚିଫ୍ ପବ୍ଲିକ୍ ରିଲେଶନ ଅଫିସର ଶିବାଜୀ ସୁତାର କୁହନ୍ତି, ୨୦୧୯ରେ ୩୭.୬୪ ଲକ୍ଷ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଥିବାବେଳେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୧୯୨.୫୧କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦୧୮ରେ ଏହାର ପରିମାଣ ୧୬୮.୩୦ କୋଟି ଥିଲା।



## ଜରିମାନା ଆଦାୟରେ ୧ ନମ୍ବର

# ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭାରେ ବିଧାୟକ



**ଜୟପୁର :** ରାଜସ୍ଥାନ ବିଧାନସଭାରେ ଶୁକ୍ରବାର ଏକ ଆଶ୍ଚର୍ଯ୍ୟକଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ବିଧାୟକ ବିହାରୀ ଲାଲ୍ ନୋଖା ଶୁକ୍ରବାର ଏକ ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭା ଭିତରେ ପ୍ରବେଶ କରିଛନ୍ତି। ଏହାକୁ ଦେଖିବା ପରେ ଅଭିନବ ଢଙ୍ଗରେ ସେ ବିରୋଧ ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଉଛି। ତେବେ ପଙ୍ଗପାଳ ବୋଝେଇ ଟୋକେଇ ସହ ନୋଖା ବିଧାନସଭା ଭିତରକୁ ଯିବା ସମୟରେ କହିଛନ୍ତି, ରାଜସ୍ଥାନର କୃଷକ ପଙ୍ଗପାଳଙ୍କ ପ୍ରାଦୁର୍ଭାବ ଯୋଗୁ ବହୁ କ୍ଷତି ସହିଲେଣି। ପଙ୍ଗପାଳଙ୍କ ଯୋଗୁ ଚାଷ ଉଜୁଡ଼ିଗଲାଣି। ତେଣୁ ସରକାର ଚାଷୀଙ୍କୁ ତୁରନ୍ତ ସମସ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ। ସେ କହିଛନ୍ତି, ଚାଷ କରାଯାଇଥିବା ପ୍ରାୟ ୭ ଲକ୍ଷ ହେକ୍ଟରର ଫସଲ ନଷ୍ଟ ହୋଇ ଯାଇଥିବାରୁ ସରକାର କୃଷକମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରନ୍ତୁ। ସୂଚନାଯୋଗ୍ୟ, ଏବେ ରାଜସ୍ଥାନରେ କଂଗ୍ରେସ ସରକାର ଥିବାରୁ ଭାଜପା ଏହାକୁ ଟାର୍ଗେଟ କରିଛି ବୋଲି କୁହାଯାଉଛି।

# ଘୋଡ଼ା ଚଢ଼ି ବାହାଘରେ ପହଞ୍ଚିଲେ ଦୁଇ ଭଉଣୀ

**ଖଣ୍ଡୱା:** ମଧ୍ୟପ୍ରଦେଶର ଖଣ୍ଡୱାରେ ବିବାହକୁ ନେଇ ଦେଖିବାକୁ ମିଳିଛି ଏକ ଭିନ୍ନ ପରମ୍ପରା। ବିବାହ ପାଇଁ ଯାଉଥିବା ସମୟରେ ଘୋଡ଼ା ସହ ବରଯାତ୍ରୀ ଓ ବାଜାବାଣ ସବୁ ଥିଲା ହେଲେ ଘୋଡ଼ା ଉପରେ ବର ବଦଳରେ ଦେଖିବାକୁ ମିଳିଥିଲା ଦୁଇ କନ୍ୟାଙ୍କୁ। ପାଟିଦାର ସମ୍ପ୍ରଦାୟର ଏହି ପାରମ୍ପରିକ ବିବାହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଖଣ୍ଡୱାର ସାକ୍ଷୀ ଓ ସୃଷ୍ଟି ନାମକ ଦୁଇ ଭଉଣୀଙ୍କର ଗତ ୨୨ ତାରିଖରେ ବାହାଘର ହୋଇଥିଲା। ଆଉ ସେମାନେ ତାଙ୍କର ବରଯାତ୍ରୀ ସହ ଘୋଡ଼ା ଚଢି ଯାଇ ବରଘରେ ପହଞ୍ଚି ବିବାହ କରିଥିଲେ। ତେବେ ପାଟିଦାର ସମ୍ପ୍ରଦାୟର ପରମ୍ପରାକୁ ପାଳନ କରିଥିବାରୁ ଏମାନେ ଗର୍ବିତ ବୋଲି କହିଛନ୍ତି। ଦେଶରେ ମହିଳାଙ୍କୁ ସମ୍ମାନ ଦେବାର ଏହା ଏକ ବିରଳ ପରମ୍ପରା ବୋଲି ଦୁଇ ଭଉଣୀଙ୍କ ପିତା ଅରୁଣ କହିଛନ୍ତି। ଏହା ୪୦୦-୫୦୦ ବର୍ଷ ତଳର ପରମ୍ପରା ହୋଇଥିବା ବେଳେ ସରକାରଙ୍କର 'ବେଟି ବଚାଓ, ବେଟି ପଢାଓ' ବାର୍ତ୍ତାକୁ ଆଗେଇ ନେବାକୁ ଏହା ଏକ ସହଯୋଗୀ ପଦକ୍ଷେପ ବୋଲି ଅରୁଣ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ପାଟିଦାର ସମ୍ପ୍ରଦାୟର ଲୋକେ ଏହି ପରମ୍ପରାକୁ ପାଳନ କରନ୍ତୁ ଓ ଝିଅମାନଙ୍କୁ ସମ୍ମାନ ଦିଅନ୍ତୁ।



# ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା

**ମୁମ୍ବାଇ:** ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ କିଏ ବା ନ ଭଲପାଏ। ଯଦିଓ ସେ କାଁ ଭାଁ ବଲିଉଡ୍ ଫିଲ୍ମରେ ନଜରକୁ ଆସୁଛନ୍ତି, ତଥାପି ତାଙ୍କ ଫ୍ୟାନ୍‌ଙ୍କ ସଂଖ୍ୟାରେ କୌଣସି ଫରକ୍ ପଡ଼ିନାହିଁ। ସେ ଆଜି ବି ନିଜ ସୌନ୍ଦର୍ଯ୍ୟ ପାଇଁ ଫ୍ୟାନ୍‌ମାନଙ୍କ ପ୍ରଥମ ପସନ୍ଦ ହୋଇ ରହିଛନ୍ତି। ବୟସର ଛାପଠାରୁ କାହିଁ କେତେ ଦୂରରେ ଐଶ୍‌ଙ୍କ ସୁନ୍ଦରତା। ଆପଣ ଯଦି ଐଶ୍‌ଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ଖୁବ୍‌ଶୀଘ୍ର ଐଶ୍‌ଙ୍କୁ ବଡ଼ପରଦାରେ ଆଉ ଏକ ଫିଲ୍ମରେ ଦେଖିବାକୁ ମିଳିବ। ୨୦୧୮ରେ ଶେଷଥର ପାଇଁ ଫିଲ୍ମ 'ଫନ୍ନେ ଖାନ୍'ରେ ଐଶ୍ ନଜରକୁ ଆସିଥିଲେ। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହୋଇପାରି ନ ଥିଲା। ଐଶ୍‌ଙ୍କ ଫିଲ୍ମ କ୍ୟାରିୟର୍ ସେତେଟା ସକ୍ରିୟ ନ ଥିଲେ ମଧ୍ୟ ତାଙ୍କ ଡିମାଣ୍ଡ କମିନାହିଁ। ଫିଲ୍ମ ନିର୍ମାତାମାନେ ଐଶ୍‌ଙ୍କୁ ନେଇ ଫିଲ୍ମ ତିଆରି କରିବାକୁ ଉତ୍ସାହିତ ଏବଂ ଆଗ୍ରହୀ ଅଛନ୍ତି।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କ ଆଗାମୀ ଫିଲ୍ମରେ ଐଶ୍ ନଜରକୁ ଆସିବେ। 'ପରିଣୀତି' ଏବଂ 'ମର୍ଦ୍ଦାନୀ' ଭଳି ଫିଲ୍ମ ତିଆରି କରି ଲୋକପ୍ରିୟତା ଅର୍ଜନ କରିଥିବା ପ୍ରଦୀପ ନିଜ ଆଗାମୀ ଫିଲ୍ମ ଐଶ୍‌ଙ୍କୁ ନେଇ ତିଆରି କରିବାକୁ ଚାହୁଁଛନ୍ତି। ଏନେଇ ସେ ଐଶ୍‌ଙ୍କୁ ସାକ୍ଷାତ୍ କରିବା ସହ ଆଲୋଚନା କରିସାରିଛନ୍ତି। ଆଉ ଐଶ୍ ଫିଲ୍ମ କରିବାକୁ ରାଜି ମଧ୍ୟ ହୋଇଛନ୍ତି। ତେବେ ଏ ବାବଦରେ କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ। ଅନ୍ୟପଟେ ଖବର ଅନୁଯାୟୀ, ବିନୋଦିନୀ ଦାସୀ ନାମ୍ନୀ ଜଣେ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀଙ୍କ ଜୀବନୀ ଉପରେ ଫିଲ୍ମଟି ନିର୍ମାଣ କରାଯିବ। ଫିଲ୍ମଟି ବାୟୋପିକ୍ ହୋଇଥିବାବେଳେ ଏନେଇ ପ୍ରଦୀପ କେବଳ ଐଶ୍ୱର୍ଯ୍ୟାଙ୍କୁ ନେଇ ଫିଲ୍ମ ନିର୍ମାଣ କରିବା କଥା ଚିନ୍ତା କରିଛନ୍ତି। ୧୮୬୨ରେ ବିନୋଦିନୀ ଦାସୀ ଜନ୍ମଗ୍ରହଣ କରିଥିଲେ। ସେ ନୋଟୀ ବିନୋଦିନୀ ନାମରେ ଲୋକପ୍ରିୟ ଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ଅଭିନୟ କରିବା ଆରମ୍ଭ କରିଦେଇଥିଲେ। ୧୯୯୪ରେ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ବଙ୍ଗଳା ଫିଲ୍ମ ନିର୍ମାଣ ହୋଇଥିଲା। ପ୍ରଦୀପଙ୍କ ମତରେ ବିନୋଦିନୀଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଥିବା ଫିଲ୍ମରେ କେବଳ ଐଶ୍ୱର୍ଯ୍ୟା ହିଁ ତାଙ୍କ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ନ୍ୟାୟ ଦେଇପାରିବେ।



ଐଶ୍ୱର୍ଯ୍ୟା ରାୟ ବଚ୍ଚନ



# ମୀରାଙ୍କ ଷ୍ଟାଇଲିଶ୍ ଲୁକ୍


**ମୁମ୍ବାଇ:** ବି-ଟାଉନ୍‌ରେ କିଛି ଏଭଳି ତାରକା ଅଛନ୍ତି, ଯେଉଁମାନେ ସିଲ୍‌ଭର ସ୍କ୍ରିନ୍‌ଠାରୁ ବହୁ ଦୂରରେ ରହି ମଧ୍ୟ ଚର୍ଚ୍ଚା ସାଉଁଟିଥାନ୍ତି। ଆଉ ସେହିଭଳି କିଛି ବ୍ୟକ୍ତିତ୍ୱଙ୍କ ମଧ୍ୟରେ ରହିଛନ୍ତି ମୀରା ରାଜପୁତ୍ ଓରଫ ମୀରା କପୁର। ହଁ, ଆପଣ ଠିକ୍ ଗେସ୍ କରିଛନ୍ତି। ବଲିଉଡ୍‌ର କବୀର ସିଂ ଶାହୀଦ୍ କପୁରଙ୍କ ପତ୍ନୀ ମୀରା କପୁରଙ୍କ କଥା ଆମେ କହୁଛୁ। ସେ ନିଜ ଆକର୍ଷଣୀୟ ବ୍ୟକ୍ତିତ୍ୱ, ସୁନ୍ଦର ତ୍ୱଚା, ସିମ୍ପଲ୍ ମେକଅପ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ସବୁବେଳେ ପ୍ରଶଂସା ସାଉଁଟିଥାନ୍ତି। ମୀରାଙ୍କୁ ଅଧିକାଂଶ ସମୟରେ ନୋ-ମେକ୍‌ଅପ୍ ଲୁକ୍‌ରେ ଦେଖିବାକୁ ମିଳିଥାଏ, ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି। ଏପଟେ ନିଜ ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିବାକୁ ମୀରା ସୋସିଆଲ୍ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍ ରୁହନ୍ତି। ସମୟ ସମୟରେ ସେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇଥାନ୍ତି। ନିକଟରେ ସେ ଡିଜାଇନର୍ ମନୀଷ୍ ମାଲହୋତ୍ରାଙ୍କ ପାଇଁ ନିଜର ପ୍ରଥମ ଫଟୋ ଶୁଟ୍ କରିଥିଲେ, ଯାହାର ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଫ୍ୟାନ୍‌ଙ୍କ ସମେତ ବି-ଟାଉନର ଅନ୍ୟ ତାରକାମାନେ ମଧ୍ୟ ମୀରାଙ୍କ ଫଟୋଶୁଟ୍‌କୁ ବେଶ୍ ତାରିଫ୍ କରିଥିଲେ। ଏବେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମୀରା ପୁଣି ଏକ ଫଟୋ ଶେୟାର କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା। ସବୁଥର ଭଳି ମୀରାଙ୍କ ସିମ୍ପଲ୍ ବଟ୍ ଷ୍ଟାଇଲିଶ୍ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଛି। ମୀରା ଏହି ଫଟୋରେ ବ୍ଲାକ୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି ଆଉ ଏକ ହୃଦୟଖୋଲା ହସ ସହ ସମସ୍ତଙ୍କ ଧ୍ୟାନଆକର୍ଷଣ କରୁଛନ୍ତି। ଶାହୀଦଙ୍କ ସମେତ ବହୁ ବଲିଉଡ୍ ତାରକା ମୀରାଙ୍କ ଏହି ନୂଆ ଫଟୋକୁ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ ଦେଇଛନ୍ତି। ନିଜ ଫଟୋଶୁଟ୍‌ର ଏହି ଫଟୋଟି ସୋସିଆଲ ମିଡିଆରେ ଶେୟାର କରି ମୀରା କ୍ୟାପ୍‌ଶନରେ ଲେଖିଛନ୍ତି, "ଲେଟ୍ ୟୋର୍ ଲଭ୍ ସେଲିବ୍ରେଟ୍ ୟୋର୍ ହାର୍ଟ।"

ମୀରା ଖୁବ୍ ଖୁସ୍‌ମିଜାଜ୍ ମଣିଷ ଅଟନ୍ତି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ସେଲିବ୍ରେଟ୍ କରନ୍ତି। ତାଙ୍କ ପାଇଁ ପରିବାର, ଆତ୍ମୀୟସ୍ୱଜନ ଏବଂ ଭଲ ପୋଷାକ ହିଁ ସେଲିବ୍ରେଶନ ବୋଲି କୁହନ୍ତି ମୀରା। ଛୋଟ ଛୋଟ ଜିନିଷକୁ ସେଲିବ୍ରେଟ୍ କରିବା ଦରକାର। କାରଣ ଭବିଷ୍ୟତରେ ଏହାକୁ ମନେପକାଇ ଆପଣ ଖୁସି ହୋଇପାରିବେ। ଏଣୁ ଜୀବନରେ ସେଲିବ୍ରେଶନ ମହତ୍ତ୍ୱପୂର୍ଣ୍ଣ ବୋଲି ମୀରା ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଶେୟାର କରିଥିବା ଏକ ଭିଡିଓରେ କହିଛନ୍ତି।

୨୦୧୫ରେ ଶାହୀଦ୍ କପୁର ଓ ମୀରା ରାଜପୁତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପୁଅ ଜୈନ୍ ଓ ଝିଅ ମୀଶାଙ୍କ ସହ ହସଖୁସିରେ ଦୁହେଁ ସାଂସାରିକ ଜୀବନ ବିତାଉଛନ୍ତି। ଅନ୍ୟପଟେ ଲଗାତର ମୀରା ବଲିଉଡ୍ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଏପଟେ ଶାହୀଦ୍ ନିଜର ଅପ୍‌କମିଂ ଫିଲ୍ମ 'ଜର୍ସୀ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

## ସିଲ୍‌ଭର ସ୍କ୍ରିନ୍‌ରୁ ଦୂରରେ ରହି ବି ଚର୍ଚ୍ଚାରେ

# ଲାଭାରେ ମାନବ ମସ୍ତିଷ୍କ କାଚ ପାଲଟିଥିଲା



**ରୋମ:** ଆଗ୍ନେୟଗିରି ଲାଭାରେ ମଣିଷ ମସ୍ତିଷ୍କ ତରଳି ମାଟି ତଳେ ଚାପି ହୋଇ ହଜାର ହଜାର ବର୍ଷ ରହିବା ପରେ କାଚରେ ପରିଣତ ହୋଇଛି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏନେଇ ଗବେଷକମାନେ ଦୀର୍ଘଦିନ ଗବେଷଣା କରିବା ପରେ ଜାଣିପାରିଛନ୍ତି। ୭୯ ଖ୍ରୀଷ୍ଟାବ୍ଦରେ ଇଟାଲୀର ପୋମ୍ପେଇ ସହର ନିକଟରେ ଥିବା ଭେସୁଭିୟସ୍ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। ଏହା ଜନବସତି ଉପରେ ପଡ଼ିଥିଲା। ଫଳରେ ବହୁ ଲୋକ ଏହା ତଳେ ଚାପି ହୋଇ ରହିଯାଇଥିଲେ। ଉତ୍ତପ୍ତ ଲାଭା ଯୋଗୁ ତଳେ ଚାପି ହୋଇ ରହିଥିବା ମାନବ ମସ୍ତିଷ୍କ ତରଳି ହଜାର ହଜାର ବର୍ଷ ପରେ କଳା କାଚରେ ପରିଣତ ହୋଇଥିବା ଗବେଷକ କହିଛନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖନନ ସମୟରେ ମିଳିଥିବା ମାନବ କଙ୍କାଳର ମସ୍ତିଷ୍କରେ ଏଭଳି କଳା କାଚ ରହିଥିବା ଗବେଷକ କହିଛନ୍ତି। ତରଳ ଲାଭା ପ୍ରଭାବରେ ମସ୍ତିଷ୍କ ଜଳୁଥିବାବେଳେ ଏହା ମଧ୍ୟରେ ଧୂଆଁ ପଶି ମସ୍ତିଷ୍କ କୋଷିକାରେ ଜମାଟ ବାନ୍ଧି ଶେଷରେ କଳା କାଚରେ ପରିଣତ ହୋଇଥିଲା ବୋଲି ଗବେଷକ ଦଳର ନେତୃତ୍ୱ ନେଉଥିବା ଫେନରିକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପିୟେର ପାଓଲୋ ପିନ୍ନୋନେ ସୂଚନା ଦେଇଛନ୍ତି।

# ସେରେନା, ଓସାକାଙ୍କ ବିପର୍ଯ୍ୟୟ

**ମେଲବୋର୍ନ,୨୪।୧ (ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ଡେନ୍‌ମାର୍କର କାରୋଲିନ୍ ଓଜନିଆକି ଓ ଗତଥରର ଚାମ୍ପିୟନ ତଥା ଜାପାନର ତୃତୀୟ ସିଡ ଖେଳାଳି ନାଓମି ଓସାକା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟୁର୍ନମେଣ୍ଟର ପଞ୍ଚମ ଦିବସରେ ଅଷ୍ଟମ ସିଡ ସେରେନା ୪-୬, ୭-୬, ୫-୭ ସେଟ୍‌ରେ ୨୭ତମ ସିଡ୍ ଖେଳାଳି ଚାଇନାର କିଆଙ୍ଗ୍ ୱାଙ୍ଗ୍‌ଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ୱାଙ୍ଗ୍ ଏବେ ଚତୁର୍ଥ ରାଉଣ୍ଡରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ଭେଟିବେ। ବିଶ୍ୱର ୭୮ ନମ୍ବର ଖେଳାଳି ଜାବେଉର ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୭-୫, ୩-୬, ୭-୫ ସେଟ୍‌ରେ ଓଜନିଆକିଙ୍କୁ ପରାସ୍ତ କରିଛନ୍ତି। ୩୬ ନମ୍ବର ଖେଳାଳି ଓଜନିଆକି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ସେହିପରି ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ଓସାକା ଆମେରିକୀୟ ଟିନ୍ ସେନସେସନ କୋକୋ ଗଫ୍‌ଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱର ୬୭ ନମ୍ବର ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ଓସାକାଙ୍କୁ ଅତି ସହଜରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗଫ୍ ଏବେ ନିଜ ଦେଶର ୧୪ତମ ସିଡ୍ ଖେଳାଳି ସୋଫିଆ କେନିନଙ୍କୁ ଭେଟିବେ। କେନିନ ଅନ୍ୟ ଏକ ମ୍ୟାଚ୍‌ରେ ଚାଇନାର ଶୁଆଇ ଝାଙ୍ଗଙ୍କୁ ୭-୫,୭-୬ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆସଲେ ବାର୍ଟି ୬-୩, ୬-୨ ସେଟ୍‌ରେ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଓ ଆମେରିକାର ୧୮ତମ ସିଡ୍ ଖେଳାଳି ଅଲିସନ ରିସ୍‌କେ ୧-୬, ୭-୬,୬-୨ ସେଟ୍‌ରେ ଜର୍ମାନୀ ଜୁଲିଆ ଜର୍ଜେସ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ରିସ୍‌କେ ଓ ବାର୍ଟି ମୁହାଁମୁହିଁ ହେବେ। ଅନ୍ୟପଟେ ସପ୍ତମ ସିଡ ଖେଳାଳି ଚେକ ରିପବ୍ଲିକ୍‌ର ପେଟ୍ରା କ୍ୟୁଟୋଭା ୬-୧, ୬-୨ ସେଟ୍‌ରେ ରୁଷିଆର ଏକାଟେରିନା ଆଲେଜାଣ୍ଡ୍ରୋଭଙ୍କୁ ଏବଂ ୨୨ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରୀ ୬-୪, ୬-୪ ସେଟ୍‌ରେ ଦଶମ ସିଡ ଆମେରିକାର ମାଡିନସନ କେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏବେ କ୍ୟୁଟୋଭା ଓ ସାକାରୀ ପରସ୍ପରକୁ ଭେଟିବେ।








ପରାଜୟ ଗ୍ଲାନି: ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ହାରିଯିବା ପରେ ମର୍ମାହତ ସେରେନା ୱିଲିୟମ୍ସ ଓ ନାଓମି ଓସାକା।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**
(ଇଶାନ)
ଦେବାଂଶ ଦାଶ
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୁମର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ବ୍ରହ୍ମେଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ, ତୁମର ଚଲାପଥ କୁସୁମିତ ହେବାସହ ତୁମେ ଯଶସ୍ୱୀ, ଦୀର୍ଘାୟୁ ଓ ନୀରୋଗ ରୁହ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମମାନାନୀ, ଗୁନୁନାନୀ, ଆନନ୍ଦ ମାମୁ, ତିତିଲି, ସାଇ ଓ ଶ୍ରଦ୍ଧା ।
ଧ-୬୭୨୭୮

**୬୪ତମ ଜନ୍ମଦିନ ଶୁଭେଚ୍ଛା**
ନାରାୟଣ ଚନ୍ଦ୍ର ସିହ୍ନା ଖୋକନ/ ବାବୁ
କିରନ୍-ଜ୍ୟୋତି ଭବନ, ଉପରମାଳି ସାହି, ପୁରୀ
ତା. ୨୫।୦୧।୨୦୨୦ ରିଖ ଶନିବାର ଦିନ ୬୪ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଅମ୍ବିକେଶ୍ୱରୀ ଏବଂ ସ୍ୱର୍ଗତ ପିତା, ମାତା, ଗୁରୁ ଓ ଇଷ୍ଟଦେବାଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୁଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହିବ ଏବଂ ତୁମକୁ ଈଶ୍ୱରଙ୍କର ଅଲୌକିକ ଶକ୍ତି ପ୍ରାପ୍ତ ହେବ, ଏହାହିଁ ଅନନ୍ତ କୋଟିର ବିଶ୍ୱ ନିଅନ୍ତାଙ୍କ ନିକଟରେ ପ୍ରାର୍ଥନା । କିରନ-ଜ୍ୟୋତି ପରିବାରବର୍ଗ, ଉପରମାଳି ସାହି, ବଡ ଡାକ୍ତରଖାନା ଛକ ନିକଟ, ପୁରୀ ।
ଧ-୬୮୮୧୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**
ଶୁଭିକ୍ସା ବେହେରା (ସାନ୍‌ଭି)
ଗ୍ରାମ: ରାଣୀପଡ଼ା, ବାଣପୁର (ଖୋର୍ଦ୍ଧା)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ବାବା, ମାମା, ସିନୁ, ଟିକି, ମାମାଲି ଏବଂ ତପନ ପ୍ରଧାନ ଓ ପରିବାରବର୍ଗ ।
ଧ-୧୬୨୭୫

# ଟେନିସରୁ ଓଜନିଆକିଙ୍କ ଅବସର

**ମେଲବୋର୍ନ,୨୪।୧(ଏଏଫ୍‌ପି)**

କାରୋଲିନା ଓଜନିଆକିଙ୍କ ଉଜ୍ଜ୍ୱଳମୟ ଟେନିସ କ୍ୟାରିୟର ଅଷ୍ଟ୍ରେଲିଆନ ଓପନରେ ଶେଷ ହୋଇଛି। ଶୁକ୍ରବାର ନିମ୍ନ ର୍‍ୟାଙ୍କଧାରୀ ଟ୍ୟୁନିସିଆ ଖେଳାଳି ଓନ୍ସ ଜାବେଙ୍କଠାରୁ ୭-୫, ୩-୬, ୭-୫ ସେଟ୍‌ରେ ପରାଜୟ ସହ ଓଜନିଆକି ଅନ୍ତର୍ଜାତୀୟ ଟେନିସରୁ ବିଦାୟ ନେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଡେନମାର୍କ ଖେଳାଳି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆନ ଓପନ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ଘୋଷଣା କରିଥିଲେ। ୨୯ ବର୍ଷୀୟା ଓଜନିଆକି କ୍ୟାରିୟରରେ ୩୦ ଡବ୍ଲ୍ୟୁଟିଏ ଓ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୧୮ରେ ଏଠାରେ ହିଁ ପ୍ରଥମ ଓ ଅନ୍ତିମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ତିନି ସେଟ ବିଶିଷ୍ଟ ମ୍ୟାଚ୍ ଓ ତ୍ରୁଟିପୂର୍ଣ୍ଣ ଫୋରହ୍ୟାଣ୍ଡ ଶଟ୍ ସହ ମୁଁ କ୍ୟାରିୟର ଶେଷ କରିଛି। କୋର୍ଟରେ ମୋର ଅବିଶ୍ୱସନୀୟ ଅଭିଜ୍ଞତା ରହିଛି। ମୋତେ ପ୍ରଶଂସକ ଓ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। କୋର୍ଟରେ ବହୁତ ସ୍ମୃତି ରହିଛି, ଯାହା ମୋର ଶେଷ ପର୍ଯ୍ୟନ୍ତ ମନେ ରହିବ ବୋଲି ଭାବବିହ୍ୱଳ ହୋଇ ଓଜନିଆକି ମ୍ୟାଚ୍ ପରେ କହିଛନ୍ତି।



# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ପ୍ରତିଯୋଗିତା: ସାମ୍ବାଦିକ ସଂଘ ବିଜୟୀ

**କୋଟପାଡ, ୨୪।୧(ଡ଼ି.ଏନ.ଏ)**

ସାଧାରଣତନ୍ତ୍ର ଦିବସ ଅବସରରେ କୋରାପୁଟ ଜିଲା କୋଟପାଡ ଅଞ୍ଚଳରେ ବିଭିନ୍ନ ଖେଳ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ଦ୍ୟୁତୀକୃଷ୍ଣ ପାତ୍ର ମୁଖ୍ୟଅତିଥି, ପଦ୍ମଶ୍ରୀ ଉପାଧି ଗୋବର୍ଦ୍ଧନ ପଡ଼ିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ସାଧାରଣତନ୍ତ୍ର ଦିବସ ଆୟୋଜନ କମିଟି ଆନୁକୂଲ୍ୟରେ ଓକିଲ ସଂଘ ଓ ସାମ୍ବାଦିକ ସଂଘ ମଧ୍ୟରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ସାମ୍ବାଦିକ ସଂଘ ଚାମ୍ପିୟନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବୁଲୁ ହୋତା, ମଣିପ୍ରସାଦ ପଟ୍ଟନାୟକ, ସୁଧୀର ମହାନ୍ତିଙ୍କ ସହ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ସେମାନଙ୍କ ସହ ଖେଳି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ସାଧାରଣତନ୍ତ୍ର ଦିବସ କମିଟି ସମ୍ପାଦକ ଗଣେଶ ପଣ୍ଡା ଖେଳାଳିମାନଙ୍କ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଏଥିରେ ରେଫରି ରୂପେ ପୂର୍ବତନ ଏନଏସି ଅଧ୍ୟକ୍ଷ ଏମ. ଶଙ୍କର ରାଓ ,ପ୍ରଦୀପ କୁମାର ଗୌଡ ଓ ମନୋଜ ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପଙ୍କଜ ପାତ୍ର, ବୁଲୁ ବିଷୋୟୀ, ରାଜେନ୍ଦ୍ର ପ୍ରସାଦ ନାୟକ, କିଶୋରଚନ୍ଦ୍ର ମିଶ୍ର, ହେମନ୍ତ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗ୍ରହଣରେ ଭଲିବଲ ପ୍ରତିଯୋଗିତାର ପ୍ରତିଯୋଗୀମାନେ ।

# ରାଜ୍ୟ ଜୁନିୟର ବାଳକ ଫୁଟ୍‌ବଲ ଦଳ ଘୋଷିତ

**କଟକ ଅଫିସ,୨୪।୧**

ମେଘାଳୟର ସିଲଂଠାରେ ଜାନୁୟାରୀ ୨୮ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ଡ. ବି.ସି. ରାୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଫୁଟ୍‌ବଲ ଆସୋସିଏଶନ(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଆକାଶ ଦେଙ୍କୁ ଏହି ଦଳର ଅଧିନାୟକ କରାଯାଇଛି। ଶନିବାର ପୂର୍ବାହ୍ନରେ ଦଳ ମେଘାଳୟ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଜୁନିୟର ଫୁଟ୍‌ବଲ ଦଳ–** ଦେବ ସାମଲ, ସ୍ୱୟମ ରାଉତରାୟ, ରାହୁଲ କିଶନ, ଜଗନ୍ନାଥ ଟୁଡୁ, ଡବ୍ଲ୍ୟୁ ଲାମା, ସମୟ କୁମାର ବସ୍କି, ଜି. ଜ୍ୟୋର୍ତିମୟ, ବିକାଶ ବେହେରା, ଲେସନ କୁମାର ମୁଣ୍ଡା, ଆକାଶ ଦେ (ଅଧିନାୟକ), କାହ୍ନୁ ମଲ୍ଲିକ, ଜଗଦିଶ ଓରାମ, ଏମ ତ୍ରିନାଥ, ଝୁନୁ କୁଲଡ଼ି, ଅଜୟ ବରୱା, ପ୍ରିୟାଂଶୁ କୁମାର ବିଶ୍ୱାଳ, ଅବିନାଶ ସାମଲ, ପରୟୁ ମୁର୍ମୁ, ଯଦୁନାଥ ହାଁସଦା, ପିୟୁଷ ପଟ୍ଟନାୟକ। ସୂରଜ ଥାପ୍ପା (ମୁଖ୍ୟ କୋଚ୍), ସେକ୍ ମନଜୁର (ସହକାରୀ କୋଚ୍)।

# ଚତୁର୍ଥ ରାଉଣ୍ଡରେ ଫେଡରର, ଜୋକୋଭିଚ୍

**ମେଲବୋର୍ନ, ୨୪।୧(ଏଏଫପି)**

ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସରେ ଶୁକ୍ରବାର ସିଡେଡ ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ତୃତୀୟ ସିଡ୍ ରୋଜର ଫେଡରର ମାରାଥନ ୪-୬, ୭-୬, ୬-୪, ୪-୬, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ହଙ୍ଗେରୀର ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ଭେଟିବେ। ମାର୍ଟନ ୬-୧,୬-୧,୬-୪ ସେଟ୍‌ରେ ଟୋମି ପଲ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ କ୍ରୋଏସିଆର ମାରିନ ସିଲିକ ଓ ୩୨ତମ ସିଡ୍ କାନାଡାର ମିଲୋସ ରାଓନିକ ପରସ୍ପରକୁ ଭେଟିବେ। ସିଲିକ ତୃତୀୟ ରାଉଣ୍ଡରେ ନବମ ସିଡ ରବର୍ଟ ବାଉିସ୍ତା ଅଗୁଟଙ୍କୁ ୬-୭, ୬-୪,୬-୦, ୫-୭, ୬-୩ ସେଟ୍‌ରେ ଓ ରାଓନିକ ୭-୫, ୬-୪, ୭-୬ ସେଟ୍‌ରେ ଷଷ୍ଠ ସିଡ୍ ଗ୍ରୀସର ଷ୍ଟିଫାନୋସ ସିଟିସ୍‌ପାସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସର୍ବିଆର ଦ୍ୱିତୀୟ ସିଡ ଖେଳାଳି ନୋଭାକ ଜୋକୋଭିଚ୍ ୬-୩, ୬-୨, ୬-୨ ସେଟ୍‌ରେ ଜାପାନର ୟୋସିହିଟୋ ନିଶିଓକାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ୧୪ତମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ଭେଟିବେ। ସ୍ୱାର୍ଜମ୍ୟାନ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୩, ୭-୬ ସେଟ୍‌ରେ ୨୪ତମ ସିଡ୍ ସର୍ବିଆର ଡୁସାନ ଲାଜୋଭିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ଦ୍ୱାଦଶ ସିଡ ଖେଳାଳି ଫାବିଓ ଫୋଗୋନିନି ଓ ଆମେରିକାର ଟେନ୍ନିସ ସାଣ୍ଡଗ୍ରୀନ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଫୋଗୋନିନି ୭-୬, ୬-୨, ୬-୩ ସେଟ୍‌ରେ ୨୨ତମ ଆର୍ଜେଣ୍ଟିନାର ଗୁଇଡୋ ପେଲାଙ୍କୁ ଓ ସାଣ୍ଡଗ୍ରୀନ ୬-୪, ୬-୪, ୬-୦୪ ସେଟ୍‌ରେ ଆମେରିକାର ସାମ କ୍ୟୁରେଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଜିକିସ୍ତା ଓଡ଼ିଶା କ୍ରିକେଟ ଲିଗ୍: କୋଷ୍ଟାଲ ଥଣ୍ଡର ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ କୋଷ୍ଟାଲ ଥଣ୍ଡର ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ସହିଦ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଅନୁଷ୍ଠିତ ଜିକିସ୍ତା ଓଡ଼ିଶା କ୍ରିକେଟ ଲିଗ୍‌ରେ କୋଷ୍ଟାଲ ଥଣ୍ଡର ଚାମ୍ପିୟନ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାରକୁ ୯ ଉଇକେଟରେ ହରାଇ କୋଷ୍ଟାଲ ବାଜି ମାରିଛି। ଦୁଇ ଫାଇନାଲଷ୍ଟଙ୍କ ସମେତ ଏହି ଲିଗ୍‌ରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଜିକିସ୍ତା ହେଲ୍‌ଥ କେୟାର ଆନୁକୂଲ୍ୟରେ ୧୦୮ ଆମ୍ବୁଲାନ୍ସ ସେବାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ବନ୍ଧୁତା, ଏକତା, ଖେଳୁଆଡ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଲିଗ୍ ଆୟୋଜନ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ଦଳଗୁଡ଼ିକ ହେଲେ ମେଣ୍ଟେନାନ୍ସ ଏକ୍ସଆଇ, ରିଜିଓନାଲ ୱାରିୟର୍ସ ଓ ନର୍ଥ ବ୍ଲାଣ୍ଟ। ଜିକିସ୍ତା ହେଲଥ୍ କେୟାର ଲିମିଟେଡର ଷ୍ଟେଟ୍ ହେଡ୍ ସବ୍ୟସାଚୀ ବିଶ୍ୱାଳ ଓ ଓଡ଼ିଶା ଏଚ୍‌ଆର ହେଡ୍ ଦୀପକ ଶ୍ରୀବାସ୍ତବ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ ଓ ମ୍ୟାଚ୍ ଶେଷରେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାର ୬୦ ରନରେ ରିଜିଓନାଲ ୱାରିୟର୍ସଙ୍କୁ ଓ କୋଷ୍ଟାଲ ଥଣ୍ଡର ୨ ଉଇକେଟରେ ମେଣ୍ଟେନାନ୍ସ ଏକ୍ସଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ କୋଷ୍ଟାଲର ଦୀପକ ରଞ୍ଜନ ମିଶ୍ର ୩୫ ରନକରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସାଉଥ୍ ୱେଷ୍ଟର୍ନର ରାଜେଶ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ସେମିରେ ୭୨ ରନ ସଂଗ୍ରହ କରିଥିଲେ।

# କଟକରେ ଓଡ଼ିଶା ଏଫ୍‌ସିର ଚୟନ ଶିବିର

**କଟକ ଅଫିସ,୨୪।୧**

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଓଡିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩, ୧୫ ଓ ୧୮ବର୍ଷରୁ କମ୍ ବୟସ ବର୍ଗର ୩୦୦ ବାଳକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ପ୍ରାୟ ୧୦୦ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ବଛାଯିବେ। ପୂର୍ବରୁ ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଉଭୟ ଶିବିରକୁ ଆଧାର କରି ଜୁନିୟର ଓଡ଼ିଶା ଏଫ୍‌ସି ଦଳ ଖୁବଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହି ଦଳ ଆସନ୍ତା ସଂସ୍କରଣର ବିଭିନ୍ନ ଟୁର୍ନାମେଣ୍ଟରେ ଭାଗ ନେବ। ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ ଶିବିରରେ ଉପସ୍ଥିତ ରହି କହିଥିଲେ ଯେ, ତୃଣମୂଳସ୍ତରରୁ ଖେଳାଳି ବାଛିବା ଆମ କ୍ଲବର ଲକ୍ଷ୍ୟ। ଜୁନିୟର ବର୍ଗରୁ ପ୍ରତିଭାବାନ ଖେଳାଳି ବାଛିବା ଆରମ୍ଭ କରିଛୁ। ରାଜ୍ୟ ସରକାରଙ୍କ ସହଯୋଗ ଜାରି ରହିଛି। କଟକରେ ଏହା ପ୍ରଥମ ପର୍ଯ୍ୟାୟ ଚୟନ ଶିବିର। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ ବୋଲି ସିଙ୍ଗଟୋ କହିଛନ୍ତି। ଓଡ଼ିଶା ଏଫ୍‌ସିର ମୁଖ୍ୟ ଫୁଟବଲ ଉନ୍ନୟନ ଅଧିକାରୀ ଆକାଶ ନାରୁଲା କହିଥିଲେ ଯେ, ଜୁନିୟର ଓ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଓଡ଼ିଶା ଏଫ୍‌ସିର ମୂଳ ଲକ୍ଷ୍ୟ। ଏହି ଖେଳାଳିମାନେ ଉଚ୍ଚମାନର ପ୍ରଶିକ୍ଷଣ ହାସଲ କରି ଆଗାମୀ ଦିନରେ ଜାତୀୟ ତଥା ବିଭିନ୍ନ ନାମିଦାମୀ କ୍ଲବରେ କିପରି ଦେଖିବାକୁ ମିଳିବେ ସେଥିନିମନ୍ତେ ପ୍ରଚେଷ୍ଟା କରାଯିବ। ଏହି ଅବସରରେ ଗ୍ରାସରୁଟ କୋଚ୍ ସୌରଭ ଭିରଡ଼ି, ସେଖ୍ ସହନୱାଜ ଆଲାମ, ଐଶ୍ୱର୍ଯ୍ୟନ ପିଲାଇ, ସହକାରୀ ଗ୍ରାସରୁଟ ମ୍ୟାନେଜର ଶୁଭମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକର ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଅନୁଷ୍ଠିତ ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଫୁଟବଲ ଖେଳାଳି।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**
ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ
ଗୌତମ ନଗର- ୮୫, ଭୁବନେଶ୍ୱର
ତିରୋଧାନ: ତା. ୨୮।୦୧।୨୦୧୭
ସପନ ହଜିଲା ଦୁଃଖ ସାଗରରେ ସୁଖ ଶାନ୍ତି ଗଲାସରି
ତିନିଟି ବରଷ ବିତିଗଲା ଏବେ ଦିନେ ନ ଆସିଲ ଫେରି।
ବାପା, ଭାଇ, ଅଜା, ଜେଜେ ଡାକ ଆଉ ଏ ଘରେ ଶୁଭିଲା ନାହିଁ
କେତେ ଧର୍ଯ୍ୟ ଧରି ରହିଅଛି ମୁହଁ ଟିକେବି ଭୁଲିବି ନାହିଁ
ଆଖି ଲୁହସାଥେ ପ୍ରଣତି ଜଣାଉଁ ଦୁଃଖର ପ୍ରଦୀପ ଜାଳି
ଯେଉଁଠିବି ଥିବ ଭଲରେ ରହିବ ଆଶୀର୍ବାଦ ଦିଅ ଢାଳି।
ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ସେଠୀ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୭୫୩୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ସ୍ୱର୍ଗତ ହରିହର ଦାସ
କୁସୁନପୁର, ଜି- କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୮।୧୯୩୨
ତିରୋଧାନ: ୧୯।୦୧।୨୦୨୦
ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ। ଆପଣଙ୍କୁ ହରାଇ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ମାର୍ଗଦର୍ଶନ, ନିଷ୍ଠା, ସତ୍ୟାନୁରାଗ, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିର ପାଥେୟ ହେଉ। ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ଦାସ ପରିବାର ଓ ବନ୍ଧୁବାନ୍ଧବ।
ଧ-୧୬୩୬୫

**ଦ୍ୱାଦଶାହ ଉପଲକ୍ଷେ**
ସ୍ୱର୍ଗତା ସେବତୀ ଦାଶ
ସ୍ୱାମୀ: ସ୍ୱର୍ଗତ ଦାମୋଦର ଦାଶ
ଗ୍ରାମ: ଦହିଅଣ୍ଡା, ଗ୍ରା.ପ: ସହିରା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୪।୦୧।୨୦୨୦
ଆପଣଙ୍କ ମୃତ୍ୟୁ ଆମକୁ ବହୁତ ଦୁଃଖ ଓ କଷ୍ଟ ଦେଉଅଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ସର୍ବଦା ମନେ ପଡୁଅଛି। ଆମ୍ଭେମାନେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଜ୍ୟେଷ୍ଠପୁତ୍ର: ପୂର୍ଣ୍ଣଚନ୍ଦ୍ର (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ପୁତ୍ରବଧୂ: ଜ୍ୟୋସ୍ନା, କନିଷ୍ଠ ପୁତ୍ର: ଇଂ. ରାମଚନ୍ଦ୍ର, (ଓୟୁଏଟି କୃଷି ଇଞ୍ଜିନିୟରିଂ କଲେଜ ପ୍ରଫେସର), ପୁତ୍ରବଧୂ: ବନଶ୍ରୀ, ଝିଅ: ହେମବତୀ, ଭାରତୀ, କନକ, ଭଗବତୀ, ଜ୍ୱାଇଁ: ନିରଞ୍ଜନ, ସ୍ୱର୍ଗତ: କଳ୍ପତରୁ, କୃଷ୍ଣଚନ୍ଦ୍ର, ବଳରାମ, ନାତି- ନାତୁଣୀମାନେ ଓ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ ।
ଧ-୬୮୩୩୨

**ଏକାଦଶାହ ଉପଲକ୍ଷେ**
ସ୍ୱର୍ଗତ ବିଜୟ କୁମାର ସାହୁ
ପୁରୁଣା ଭୁବନେଶ୍ୱର, ଓଲ୍ଡ ଟାଉନ୍
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମର ପାଥେୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦାଦା: ବାବାଜୀ, ଭ୍ରାତା: ସଞ୍ଜୟ, ଦେବେନ୍ଦ୍ର, ଝିଅ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୬୫

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**
ସ୍ୱର୍ଗତା ସୁଶୀଳା ସାହୁ
ତିରୋଧାନ: ୨୪।୦୧।୨୦୧୨
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୭୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**
କୃଷ୍ଣ ଚନ୍ଦ୍ର ସାହୁ
ଭୁବନପୁର, ବାଲିଅନ୍ତା, ଖୋର୍ଦ୍ଧା
ଆର୍ବିଭାବ :- ୧୫/୦୭/୧୯୪୨
ତିରୋଧାନ :- ୧୫/୦୧/୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଶଶାଙ୍କ ଶେଖର ସାହୁ(ପୁଅ), ସସ୍ମିତା ସାହୁ(ବୋହୂ) ଓ ପରିବାର ବର୍ଗ
ଧ-୧୬୩୬୬

**ଏକାଦଶାହ ଉପଲକ୍ଷେ..**
ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର
ଆବିର୍ଭାବ - ୦୧-୦୭-୧୯୩୭
ତିରୋଧାନ -୧୫.୦୧.୨୦୨୦
ଆପଣଙ୍କ ଅଗାଧ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପରତା, ପରୋପକାରିତା, ମାର୍ଗଦର୍ଶନ ଏବଂ କର୍ମତତ୍ପର ଜୀବନ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣା ଓ ଆଶିର୍ବାଦ ହୋଇ ରହିଥାଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପ୍ରିୟଜନ, ବନ୍ଧୁ ଓ ପରିବାର ବର୍ଗ
ଧ-୧୬୩୫୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ପ୍ରତିଯୋଗିତାରେ ଭାଗନେଲେ ଶିଶୁ ଯତ୍ନ କେନ୍ଦ୍ରର ଛାତ୍ରୀ

ନବରଙ୍ଗପୁର,୨୪।୧(ବି.ପ୍ର.)

ନବରଙ୍ଗପୁରସ୍ଥିତ ବୈଭବ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଛି। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବାକର ବାହୁକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେହିପରି ସମ୍ମାନୀତ ଅତିଥିଭାବେ କମିଟିର ସଭ୍ୟା ମୀନତି ମହାପାତ୍ର, ସଭ୍ୟ ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ଯସ୍ମୀନ୍ ମହାନ୍ତି, ସିଡିପିଓ ସରୋଜିନୀ ରଥ, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଭ୍ୟ ସିଦ୍ଧାର୍ଥ, ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ଚାଇଲ୍ଡଲାଇନ୍‌ର ଜିଲା ସଂଯୋଜକ ରବିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏଥିରେ ଜିଲାର ୪ଶିଶୁ ଯତ୍ନ କେନ୍ଦ୍ରରୁ ୧୩୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦଳଗତ ନୃତ୍ୟରେ କବାଗୁଡ଼ାର ଉତ୍କଳ ମାର୍ଥମା ପ୍ରଥମ, ଉମରକୋଟର ବ୍ଲେସିଂ ଶିଶୁ ଗୃହ ଦ୍ୱିତୀୟ, ମାଝୀଗୁଡ଼ାର ପଣ୍ଡିତ୍ ଦୀନ ଦୟାଲ୍ କନ୍ୟାଶ୍ରମ ତୃତୀୟ ସ୍ଥାନ ଅଧିକାର କରିଛି। ଏକକ ସଙ୍ଗୀତରେ ମୋନାଲିସା ସୁନା ପ୍ରଥମ, ରିଙ୍କି ସିଂ ଦ୍ୱିତୀୟ ଏବଂ ଅଙ୍କିତା ସୁନା ତୃତୀୟ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ପ୍ରଦିତା ଖୁରା ପ୍ରଥମ, ଗୀତାଞ୍ଜଳୀ ସାନ୍ତା ଦ୍ୱିତୀୟ ଏବଂ ରୁଚି ହରିଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ ଡ. ଅଜିତ୍ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ସେହିପରି ସମ୍ମାନୀତ ଅତିଥିଭାବେ ଉପଜିଲାପାଳ ଭାସ୍କର ରଇତ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓଏଲ୍‌ପିଓ କିଶୋର ଚନ୍ଦ୍ର ମାର୍ଥା, ସୁରକ୍ଷା ଅଧିକାରୀ କୁନିମଣି ସ୍ୱାଇଁ ପରିଚାଳନା କରିଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମହେନ୍ଦ୍ର ଚାଲାଣ, ସମରେନ୍ଦ୍ର ପରିଡ଼ା, କିସାନ୍ ପଟ୍ଟନାୟକ, ସନ୍ତୋଷ ଜେନା ସହଯୋଗ କରିଥିଲେ।

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ଭୋଟର ଦିବସରେ ଶପଥ ନେଲେ ଅଧିକାରୀ, କର୍ମଚାରୀ

ନବରଙ୍ଗପୁର,୨୪।୧(ବି.ପ୍ର.)

ଜାତୀୟ ଭୋଟର ଦିବସ ଉପଲକ୍ଷେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଶୁକ୍ରବାର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଶପଥ ପାଠ କରାଯାଇଛି। 'ଆମେ ଭାରତର ନାଗରିକ ବୃନ୍ଦ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବୁ। ମୁକ୍ତ, ଅବାଧ, ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଓ ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବୁ ବୋଲି ଶପଥ ପାଠ କରିଥିଲେ। ଏହି ଅବସରରେ ଜିଲାପାଳ ଡ. ଅଜିତ୍ କୁମାର ମିଶ୍ର କହିଛନ୍ତି, ଗତ ନିର୍ବାଚନରେ ନବରଙ୍ଗପୁର ଜିଲାର ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳିତ ହୋଇଥିଲା। ନବରଙ୍ଗପୁର ଜିଲାର ସଫଳତାକୁ ନେଇ ରାଜ୍ୟ ନିର୍ବାଚନ ଅଧିକାରୀ ତଥା କମିଶନର୍ ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ପତ୍ର ପାଇବେ।



ଭୋଟର ଦିବସରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି ।

# ଦକ୍ଷତା ବିକାଶ ଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିବେ

ନବରଙ୍ଗପୁର,୨୪।୧(ବି.ପ୍ର.)

ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ରାୟଗଡ଼ା ଶାଖା ପକ୍ଷରୁ ସ୍ଥାନୀୟ କୋଣାର୍କ ଆଇଟିଆଇଠାରେ ଶୁକ୍ରବାର ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୬ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୩୦ ଅନୁସୂଚିତ ଜନଜାତି ଯୁବକଙ୍କୁ ୱେଲ୍‌ଡର୍ ବିଭାଗରେ ତାଲିମ ଦିଆଯିବ। ଏଥିରେ ବ୍ୟାଙ୍କ୍,ବୀମା, କୃଷି, ଆଇନ, କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଓ ଏହାର ଉପକାରିତା ବିଷୟରେ ବୁଝାଇଥିଲେ। ଦକ୍ଷତା ବିକାଶ ଦ୍ୱାରା ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଶିଳ୍ପ କେନ୍ଦ୍ରର ସହ ପରିଚାଳକ ତଥା କୁଟୀର ଶିଳ୍ପ ଅଧିକାରୀ ଲିଙ୍ଗରାଜ ଖଣ୍ଡପାନ(ରାୟଗଡା), ନିର୍ଦ୍ଦେଶକ ଏନ୍. କେ. ରତ୍ନମ୍ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଆଇଟିଆଇର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ଅଧ୍ୟାପିକା ମମତା ପାଢ଼ିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବିଦ୍ୟୁତ୍ ଶ୍ରମିକ

## ଠିକାଦାରଙ୍କ ଖାମଖିଆଲ ନୀତି

ଉମରକୋଟ, ୨୪।୧(ଡି.ଏନ୍.ଏ.)

ବିଦ୍ୟୁତ୍ ବିଭାଗର ଖାମଖିଆଲ୍ ମନୋଭାବ ଏବଂ ଠିକାଦାରଙ୍କ ଅବହେଳା ଯୋଗୁ ଅନେକ ସମୟରେ ବିଦ୍ୟୁତ୍ ଶ୍ରମିକଙ୍କ ଜୀବନ ଯାଉଛି। ସେହିପରି ଅନେକ ଗୁରୁତର ହୋଇଥିବା ମଧ୍ୟ ନଜିର୍ ରହିଛି। ଉମରକୋଟଠାରେ ଶୁକ୍ରବାର ଜଣେ ଶ୍ରମିକ ଏପରି ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଉମରକୋଟ ମୁଖ୍ୟ ରାସ୍ତାରେ ପୁରୁଣା ତାର ବଦଳାଇ ନୂତନ ତାର ସଂଯୋଗ କାମ ଚାଲିଛି। ଏକ ଠିକା ସଂସ୍ଥା ପକ୍ଷରୁ ଏହି କାମ ଚାଲିଥିବାବେଳେ ବଇଦୁ ଭତ୍ରା ଏବଂ ଅନ୍ୟ ଜଣେ ଶ୍ରମିକ ୫୫ ଫୁଟ ଉଚ୍ଚତାର ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିଲେ। ଏହି ସମୟରେ ହଠାତ୍ ବଇଦୁଙ୍କ ମୁଣ୍ଡ ବୁଲାଇଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ଏହା ଜାଣିପାରି ସାଥୀ ଶ୍ରମିକ ତାଙ୍କୁ ଖୁଣ୍ଟରେ ଅଟକାଇ ରଖିଥିଲେ। ପ୍ରାୟ ୧ଘଣ୍ଟା ଧରି ଉଭୟେ ଖୁଣ୍ଟରେ ଝୁଲି ରହି ମୃତ୍ୟୁ ସହ ସଂଗ୍ରାମ କରିଥିଲେ। ହେଲେ ତାଙ୍କୁ ଓହ୍ଲାଇପାରି ନ ଥିଲେ। ଏହା ଦେଖି ଲୋକଙ୍କ ଭିଡ଼ ଜମିଥଲା। ଖବରପାଇ ଦମକଳ ବାହିନୀ ପହଞ୍ଚି ଦୀର୍ଘ ସମୟର ପ୍ରଚେଷ୍ଟା ପରେ ଘଟଣାସ୍ଥଳ ରେ ପହଂଚି ପ୍ରାୟ ଏକ ଘଣ୍ଟା ପରିଶ୍ରମ କରିବା ପରେ ଶ୍ରମିକ କୁଂ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପ୍ରକାଶ ଯେ, ବିଦ୍ୟୁତ୍ କାମରେ ନିୟୋଜିତ ଶ୍ରମିକଙ୍କୁ ବିଦ୍ୟୁତ୍ ବିଭାଗ କିମ୍ବା ଠିକା ସଂସ୍ଥା ପକ୍ଷରୁ ସୁରକ୍ଷା କିଟ୍ ଦିଆଯାଉନାହିଁ। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ସେମାନେ କାମ କରୁଛନ୍ତି। ସୁରକ୍ଷା ବେଲ୍ଟ୍ ଥିଲେ ଶ୍ରମିକ ଜଣକ ସେଠାରେ ସୁରକ୍ଷିତଭାବେ ଝୁଲି ରହିପାରିଥାନ୍ତେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି। ବିନା ସୁରକ୍ଷା ଏବଂ ଅଣ ତାଲିମ୍‌ପ୍ରାପ୍ତ ଶ୍ରମିକଙ୍କ ଦ୍ୱାରା ଏପରି କାର୍ଯ୍ୟ କରାଯାଉଛି। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ଠିକାଦାରଙ୍କ ବିରୋଧରେ କାଯାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି।



ବିଦ୍ୟୁତ ଖୁଣ୍ଟରୁ ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି।







# କାଠ ଜବତ, ୨ ଗିରଫ

ଡାବୁଗାଁ, ୨୪।୧(ଡି.ଏନ୍.ଏ.)–

ଜଙ୍ଗଲରୁ ଶାଳ ଗଛ କାଟି ପଟା ତିଆରି କରିବା ସମୟରେ ଡାବୁଗାଁ ବନ ବିଭାଗ କାଠ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଇଲାରୀ ଗ୍ରାମର ମହାଦେବ ବିନ୍ଧାଣି ଓ ମଦନ ପନକା। କୋଇଲାରୀ ସଂରକ୍ଷିତ ଜଙ୍ଗଲରୁ ଶାଳ ଗଣ୍ଡି ଆଣି ଜଙ୍ଗଲରେ ଉଭୟେ ପଟା କାଟୁଥିବା ସୂଚନା ପାଇ ବନବିଭାଗ ଚଢ଼ାଉ କରିଥିଲା। ଚଢ଼ାଉରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ପ୍ରକାଶ ସରକାର, ମନୋରଞ୍ଜନ ନାୟକ ଓ ବନ କର୍ମଚାରୀମାନେ ସାମିଲ୍ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ନାଗରିକ ସଂଶୋଧନ ଆଇନ ସମ୍ପର୍କୀୟ ସଚେତନତା ସଭା



ମୁନିଗୁଡା, ୨୪।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡା ଶୁଣ୍ଡିସାହି ରାଧାକୃଷ୍ଣ ମଣ୍ଡପରେ ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କିତ ଏକ ସଚେତନତା ସଭା କରାଯାଇଛି। ସିଏଏ ସମ୍ପର୍କରେ ୱାର୍ଡ ଓ ବୁଥସ୍ତରରେ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚା ଯାଇଥିଲା। ଜିଲା ପର୍ଯ୍ୟବେକ୍ଷକ ଜେ. ବାବୁରାଓ ଓ ଜିଲା ଉପସଭାପତି ରାମକୃଷ୍ଣ ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, 'ବେଟି ବଚାଓ, ଉଜ୍ଜ୍ୱଳା ଗ୍ୟାସ କିଭଳି ଅଧିକରୁ ଅଧିକ ଲୋକେ ପାଇପାରିବେ ସେ ନେଇ ଜଣାଇଥିଲେ।

ଏ ସଚେତନତା କାର୍ଯ୍ୟକ୍ରମରେ କାଉନସିଲ ମେମ୍ବର ଭୋଳାନାଥ ଦୁବେ, ଓବିସି ଜିଲା ସଭାପତି ରୁଦ୍ର ମୋଗଲି, ବରିଷ୍ଠ ଭାଜପା ନେତା ବୀରଭଦ୍ର ଆଚାରୀ, ରମେଶ କନ୍ଧପାଣି, ଯଦୁ ବେହେରା, କିଶୋର ବେହେରା, ଖଇରୁ ବେହେରା, ଗରିବ ଗରଡିଆ, ଧରଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ସମାଜ ଗଠନରେ ଝିଅଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।



ଝିଅମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଜାତୀୟ କନ୍ୟା ସନ୍ତାନ ଦିବସ

ରାୟଗଡ଼ା ଅଫିସ /ଗୁଣପୁର, ୨୪।୧ (ଡି.ଏନ.ଏ.)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର କିଶୋରୀ ବାଳିକାମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳ ପ୍ରମୋଦ କୁମାର ବେହେରା ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଅଙ୍ଗନୱାଡି କର୍ମୀ, ଜିଏନ୍ଏମ୍, ଏଏନ୍ଏମ୍ ଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏହାପରେ ଏକ ସଭା କରାଯାଇଥିଲା। ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି, ଡ. ବି.ଏଲ୍.ଏନ୍ ପୃଷ୍ଟି, ଡ.ମମତା ସାହୁ, ଡ.ସନ୍ଦିପ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡ଼ା ସଦର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୀନାକ୍ଷୀ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମାଜ ଗଠନରେ କନ୍ୟା ସନ୍ତାନମାନଙ୍କ ଭୂମିକା ରହିଛି। ସେମାନେ ନିଜ ହକ୍ ପାଇଁ ଲଢିବା ଜରୁରୀ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ଜାତୀୟ ମିଶନ, ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ୩ଟି ଷ୍ଟଲ ଖୋଲାଯାଇ ସ୍ୱାସ୍ଥ୍ୟ, ପୁଷ୍ଟି ଓ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା ୟୁନିଟ ପ୍ରମୁଖ ବିଭାଗ ସାମିଲ ହୋଇଥିଲେ। ୨୬ ତାରିଖରୁ ଏକ ସଚେତନତା ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ଲୋକମାନଙ୍କୁ କନ୍ୟା ରତ୍ନଙ୍କ ମହତ୍ତ୍ୱ ସମ୍ପର୍କରେ ସଚେତନ କରିବ ବୋଲି ସୂଚନା ମିଳିଛି।

ଗୁଣପୁର ପୌର ପରିଷଦ ଅଧୀନ ବଡ ରେଲି ସାହି ଅଙ୍ଗନୱାଡି କେନ୍ଦ୍ରରେ ଜାତୀୟ କନ୍ୟା ସନ୍ତାନ ଦିବସ ଶୁକ୍ରବାର ପାଳନ କରାଯାଇଛି। କନ୍ୟା ସନ୍ତାନଙ୍କ ମହତ୍ତ୍ୱ ଉପରେ ଦୃଷ୍ଟିପାତ କରାଯାଇ ଥିଲା। ସେମାନଙ୍କ ସୁରକ୍ଷା, ବାଳିକା ଶିକ୍ଷା, ସ୍ୱାସ୍ଥ୍ୟ, ପୃଷ୍ଟି ଓ ଆବଶ୍ୟକତା, ବାଲ୍ୟ ବିବାହ ପରିଣାମ, ଲିଙ୍ଗ ବୈଷ୍ୟମତା ଦୂରୀକରଣ ଦିଗରେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଗୁରୁତ୍ୱ ଦିଆଯାଇଥିଲା। ଏଥିଲାଗି ଝୋଟି, ନୃତ୍ୟ ଗୀତ ଏବଂ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କିଶୋରୀ କିଶୋର, ଗାଁ ମୁଖିଆ, ଜାତି ସମାଜର ମୁଖିଆ, ବିଦ୍ୟାଳୟର ଶିକ୍ଷକ, ପୂର୍ବତନ ୱାର୍ଡ ମେମ୍ବର ସୀତା ଲକ୍ଷ୍ମୀ ନାଗବଂଶ, ଏସ୍ଏଚ୍‌ଜି ଗୋଷ୍ଠୀ, ଅଭିଭାବକମାନେ ଉପସ୍ଥିତ ଥିଲେ। ଅଙ୍ଗନାୱାଡି କର୍ମୀ ମଞ୍ଜୁଳା ରାଙ୍ଗୁଲିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

# 'ସଂଘର୍ଷ'ରେ ଦେଶପ୍ରେମର ଝଲକ

- ୨୬ରେ ୟୁଟ୍ୟୁବରେ ରିଲିଜ ହେବ
- ପରଦାରେ ନଜର ଆସିବେ ଗୁଣପୁରର ପ୍ରତିଭା
- ନିର୍ଦ୍ଦେଶନା, ପ୍ରଯୋଜନା ଦେଇଛନ୍ତି ସ୍ଥାନୀୟ ଯୁବକ




ସଂଘର୍ଷର ଏକ ପୋଷ୍ଟର।

ଗୁଣପୁର,୨୪।୧(ଡି.ଏନ୍.ଏ.)

ଏକ ସତ୍ୟ ଘଟଣାକୁ ନେଇ ରାୟଗଡ଼ା ଜିଲା ଗୁଣପୁରର ଅଞ୍ଚଳର କେତେଜଣ ଯୁବ ପ୍ରତିଭା ଏକ କ୍ଷୁଦ୍ର ଚଳଚିତ୍ର 'ସଂଘର୍ଷ' ନିର୍ମାଣ କରିଛନ୍ତି। ଯାହାକି ୨୬ ଜାନୁୟାରୀର ୟୁଟ୍ୟୁବରେ ରିଲିଜ ହେବ। ଚଳଚ୍ଚିତ୍ରଟିର ସୁଟିଂ ଗୁଣପୁର ଓ ଏହାର ଆଖପାଖ ଅଞ୍ଚଳରେ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସିଦ୍ଧାର୍ଥ ଦାସ ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ସିଦ୍ଧାର୍ଥ ଏବଂ ଆଶୁତୋଷ ସେନାପତି ନାମକ ଅନ୍ୟଜଣେ ଯୁବକ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି। ନାୟକଭାବେ ଆଶୁତୋଷ ଏବଂ ମାନିନୀ ପାତ୍ର ନାୟିକା ଏବଂ ଆକାଶ ପାତ୍ର ଖଳନାୟକ ଭାବେ ପରଦାରେ ନଜର ଆସିବେ। ଅନ୍ୟ ଭୂମିକାରେ ସ୍ଥାନୀୟ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀ ଓ ଜଗନ୍ନାଥ ତ୍ରିପାଠୀ ରହିଛନ୍ତି। ଶିଶୁ କଳାକାର ଭାବେ ଗୌରବ ଓ ସାଗରିକା ଅଭିନୟର ଯାଦୁ ଦେଖାଇଛନ୍ତି। ଭାଇ ଭଉଣୀଙ୍କ ଅକୁହା ଭଲପାଇବା, ଦେଶପ୍ରେମକୁ ନେଇ ପ୍ରସ୍ତୁତ କାହାଣୀ ଲୋକଙ୍କ ମଧ୍ୟରେ ଆଦୃତ ହେବ ବୋଲି ନିର୍ଦ୍ଦେଶକ ଏବଂ ପ୍ରଯୋଜକ ଆଶା ବାନ୍ଧିଛନ୍ତି।

# ଡିଗ୍ରୀ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ହେବେ ଉପଜିଲାପାଳ

ଗୁଣପୁର,୨୪।୧(ଡି.ଏନ୍.ଏ.)

ଏଣିକି ଉପଜିଲାପାଳ ଡିଗ୍ରୀ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ହେବେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ରାୟଗଡ଼ା ଜିଲା ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ଗୁଣପୁର ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ରହିବେ। ଗୁଣପୁର ଡିଗ୍ରୀ କଲେଜ ପରିଚାଳନା କମିଟି ଦାୟିତ୍ୱରେ ବର୍ତ୍ତମାନ ଗୁଣପୁର ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ରହିଛନ୍ତି।

# ଦୁଡ଼ୁକାବାହାଲ ପଞ୍ଚାୟତରେ ନୂତନ ବିଜେଡି ସଭାପତି

ଟିକିରି, ୨୪।୧(ଡି.ଏନ୍.ଏ.)–

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତର ବିଜେଡ଼ି ସଭାପତିଭାବେ ପୀତବାସ ପ୍ରଧାନୀଙ୍କୁ ଦଳ ପକ୍ଷରୁ ମନୋନିତ କରାଯାଇଛି। ୧୬ଜଣିଆ ଚୟନ କମିଟି ଏହି ନିଷ୍ପତ୍ତି ନେଇଛନ୍ତି। ପୀତବାସଙ୍କୁ ବିଜେଡି ସଭାପତି କରିବା ପାଇଁ ଦଳର ପବିତ୍ର ମାଝି ପ୍ରସ୍ତାବ ଦେଇଥିଲେ। ଏହାକୁ ଲଦା ଝୋଡିଆଙ୍କ ସହ ଅନ୍ୟମାନେ ସମର୍ଥନ କରିଥିଲେ। ଏହି ସମୟରେ ଦଳର ପ୍ରାୟ ୫୦ଜଣ ସଦସ୍ୟ ଉପସ୍ଥିତ ଥିଲେ।

# 'ଜାଣିବି ଓ ଜିତିବି'ରେ ଭାଗ ନେଲେ ୬୦ ପ୍ରତିଯୋଗୀ

ଜେକେପୁର,୨୪।୧(ଡି.ଏନ୍.ଏ.)

ଜେକେ କାଗଜକଳର ସାମାଜିକ ଦାୟିତ୍ୱ ବିଭାଗ ଅଧୀନ ୧୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା 'ଜାଣିବି ଓ ଜିତିବି' ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲସ୍ତରରୁ ଚୟନ କରାଯାଇଥିବା ୬୦ଜଣ ଛାତ୍ରୀଛାତ୍ର ସିନିୟରଓ ଜୁନିୟର ବିଭାଗରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜେକେ କାଗଜ କଳ ଲୋକ ସମ୍ପର୍କ ଅଧିକାରୀ ସୁନିଲ କୁମାର ନାଥ ଉଦ୍‌ଘାଟନ କରିଥିଲେ। ହରିଖମାରୀ ଏବଂ ମିଲନ୍ ଲେଙ୍କା କୁଇଜ୍ ମାଷ୍ଟର ଦାୟିତ୍ୱ ତୁଲାଇଥିଲେ। ଜୁନିୟର ବିଭାଗରେ କୋଲନରାର ଜଗଦମ୍ବା ହାଇସ୍କୁଲ ପ୍ରଥମ, ଅଣ୍ଡାମଡା ସେବାଶ୍ରମ ସ୍କୁଲ ଦ୍ୱିତୀୟ କରଲାବନ ଅପଗ୍ରେଡଡ୍ ହାଇସ୍କୁଲ ତୃତୀୟ ହୋଇଥିଲା। ସେହିଭଳି କୋଲନରାର ଜଗଦମ୍ବା ହାଇସ୍କୁଲ ପ୍ରଥମ, ମାଳିଗାଁ ସରକାରୀ ବାଳିକା ବିଦ୍ୟାଳୟ ଦ୍ୱିତୀୟ, ରେବଲକଣା ସରକାରୀ ଉଚ୍ଚବିଦ୍ୟାଳୟ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ଜେକେ କାଗଜ କଳ ପରିସରରେ କାର୍ଯ୍ୟ ନିର୍ବାହୀ ଉପସଭାପତି (କାର୍ମିକ) ବିନୟ ଦ୍ୱିବେଦୀଙ୍କ ଦ୍ୱାରା ପୁରସ୍କୃତ କରାଯିବ।




କୁଇଜ୍ ପ୍ରତିଯୋଗିତାରେ ସାମିଲ ହୋଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ଆନ୍ତଃ ସ୍କୁଲ କୁଇଜ୍ ପ୍ରତିଯୋଗିତା


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ରାୟଗଡ଼ା

**ନୋଟିସ୍**

ଏତଦ୍ୱାରା ଆପଣ ଶ୍ରୀ ଧରଣୀଧର ପାତ୍ର, ପିତା: ଶ୍ରୀ ବିଭୂତି ଭୂଷଣ ପାତ୍ର, ଗ୍ରାମ: ଟିଆସିଁପୋଷି, ପୋଷ୍ଟ: ବାଙ୍କିଆ, ଜିଲ୍ଲା: କେନ୍ଦୁଝର, ପିନ୍: ୭୫୮୦୪୪ଙ୍କୁ ଜଣାଇ ଦିଆଯାଉଛି ଯେ ଆପଣ ତା.୦୨.୦୭.୨୦୧୮ ରିଖ ଠାରୁ କାର୍ଯ୍ୟରେ ଅନଧିକାରରେ ଅନୁପସ୍ଥିତ ଅଛନ୍ତି। ତା.୨୨.୧୦.୨୦୧୯ରିଖରେ ଚିଠି ନମ୍ବର ୪୨/୧୨୨, ତା.୨୨.୧୦.୨୦୧୯ରେ ଏକ ଚିଠି ଆପଣଙ୍କ କଥିତ ନୋଟିସ୍‌ର ୩୦ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାପାଇଁ କୁହାଯାଇଥିଲା। କିନ୍ତୁ ଆପଣ ତା.୨୪.୦୧.୨୦୨୦ ରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେଲେ ନାହିଁ କିମ୍ବା ଆପଣଙ୍କ ଅନୁପସ୍ଥିତିର କୌଣସି ଉତ୍ତର/ଆବେଦନ/ସ୍ୱଷ୍ଟୀକରଣ ଦେଲେ ନାହିଁ।

ବର୍ତ୍ତମାନ ଯେହେତୁ ଆପଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାରେ ବିଫଳ ହେଲେ, ତେଣୁ ଆପଣ ଏହି ନୋଟିସ୍ ପ୍ରକାଶ ପାଇବା ଠାରୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି ବୋଲି ବିଚାର କରାଗଲା।

ଆଞ୍ଚଳିକ ପ୍ରବନ୍ଧକ



**LEGAL NOTICE**

To,
All the concern,
Sir/Madam,
You had given your vehicle at M/s **UTKAL AUTOMOBILES PVT. LTD.** for repair, and the detail of your Repair Order is as mentioned below:

| S.N. | Registered Owners Name | Model | Vehicle Regd.No. | R.O. Date |
|---|---|---|---|---|
| Vehicles at Hyundai workshop, Pahal: | | HYUNDAI | | |
| 1 | Merry Anjana Mishra | I20 | OR-02BA 1005 | 22.04.2013 |
| 2 | Mr. Sidharth Rout | I20 | OR-02BL 7968 | 12.01.2012 |
| 3 | Mr. Soubhagya Kumar Samal | Accent | OR-02AJ 5544 | 21.03.2013 |
| 4 | Mr. Bapi Jena | Eon | OD-02J 4047 | 02.01.2015 |
| 5 | Mr. Siba Prasad Behera | I20 | OR-02BU 1686 | 05.01.2016 |
| 6 | Mr. Srikant Sasmal | I10 | OR-02BK 1432 | 09.07.2016 |
| 7 | Mr. Prakash Chandra Mohapatra | ACCENT | OR05R8181 | 15.05.2012 |
| 8 | Mr. Dayanidhi Rout | SANTRO | OR05J5049 | 20.07.2013 |
| 9 | Mr. Sunil Kumar Jena | ACCENT | OR05U0100 | 20.10.2014 |
| 10 | Mr. Ananta Akal | ACCENT | OR02AH0001 | 20.06.2013 |
| 11 | Renu Garg | I10 | OR05AV8424 | 30.05.2016 |
| 12 | Mr. Krushna Chandra Rath | XCENT | OD02AT0607 | 09.04.2019 |
| 13 | Sanjukta Dei | XCENT | OD13F8151 | 25.05.2019 |
| 14 | Mr. Chakradhar Malick | EON | OD02K8015 | 21.05.2016 |
| 15 | Mr. Amiya Kumar Patra | SANTRO | OR238811 | 21.07.2017 |
| 16 | M/s Eglobetec India (P) Ltd | SANTRO | OR02AD4404 | 29.03.2018 |
| 17 | Col Sasanka Shekhar Swain | SANTRO | DL8CF8511 | 21.09.2018 |
| 18 | Mr. Gourav Mohanty | ACCENT | CG05A4005 | 11.12.2015 |
| 19 | Mr. Narayan Pradhan | VERNA | OD02B0005 | 28.05.2019 |
| 20 | Mr. Prahalad Patra | VERNA | OR17E5151 | 24.05.2017 |
| 21 | Mr. Tridibesh Pattnaik | Grand I10 | OD02X7414 | 05.04.2018 |
| 22 | Mr. Anant Kumar | SANTRO | BR1AJ1845 | 30.04.2016 |
| 23 | Mr. Mohannan | ACCENT | KL20H2498 | 18.06.2018 |
| 24 | Mr. Mahendra Behera | SANTRO | OR05M9090 | 04.12.2016 |
| 25 | Mr. B. Mahendra Patro | VERNA | OD07Z5611 | 26.06.2019 |
| 26 | Shyma Devi Poddar | EON | 630359 | |
| 27 | Mr. Santosh Kumar Jena | XCENT | OD33C0143 | 22.09.2019 |

Even though you have been notified by our legal advisor to take back your vehicle by settling the dues of the company but till today you have not turned up. So the company is constrained to publish that we are not going to be held responsible in any manner if anything happens to your above mentioned vehicle.

UTKAL From: **UTKAL AUTOMOBILES PVT. LTD.** (an authorized dealer of Hyundai vehicles)
Plot No. 517, NH-16, Pahal, Nakhra, Bhubaneswar – 752101


# ପ୍ରତିଷ୍ଠା ଉତ୍ସବ

ଦୁର୍ଗୀ, ୨୪।୧

ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଜଗନ୍ନାଥ ସାରାକା ମୁଖ୍ୟ ଅତିଥି, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଚେୟାରମ୍ୟାନ ବିଜୟୀ ଶାନ୍ତି କୁମୁରୁକା, ସରପଞ୍ଚ ରଶ୍ମିତା କୁମୁରୁକା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ା, ନୃତ୍ୟ ଓ ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ସମ୍ମାନିତ ହେବେ ପ୍ରତିଭାବାନ୍ ଛାତ୍ରୀଛାତ୍ର

## ପଦ୍ମପୁରରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପଦ୍ମପୁର, ୨୪।୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଫିସ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ବିଡିଓ ଦୟାମୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ପଦ୍ମପୁର ସରପଞ୍ଚ ପୁଣ୍ୟାବତୀ ମାଣ୍ଡାଙ୍ଗି, ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ ଗୀତାଞ୍ଜଳି ହୁଇକା, ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିଭାଗର ସନ୍ତୋଷ ମିଶ୍ର, ପଦ୍ମପୁର ଅଗ୍ନିଶମ ବାହିନୀ, ଉଦ୍ୟାନ ବିଭାଗ, ସ୍ଥାନୀୟ ବିଜୟାନନ୍ଦ ହାଇସ୍କୁଲର ପ୍ରଧାନଶିକ୍ଷକ, ଆର.ଜି. କଲେଜ, ତ୍ରିବେଣୀ ସାଇନ୍ସ କଲେଜ, ବସନ୍ତ ଦେବୀ ଶିଳ୍ପ ତାଲିମ କେନ୍ଦ୍ର, ସାଉଥ୍‌କୋ ଯନ୍ତ୍ରୀ, କୃଷି ବିଭାଗ, ଲ୍ୟାମ୍ପସ, ପଦ୍ମପୁରର ବିଭିନ୍ନ ବ୍ୟାଙ୍କ ଅଧିକାରୀ, ପଶୁ ଚିକିତ୍ସା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଅଙ୍ଗନୱାଡି, ଆଶା କର୍ମୀଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No.: C/71, Sector-7, CDA, Cuttack - 753014
R.P. No. 252/2009/CTC
(Arising out of OA No. 149 of 2009)
**NOTICE UNDER SECTION 28 (4A) OF THE RECOVERY OF DEBTS DUE TO BANKS & FINANCIAL INSTITUTIONS ACT, 1993**
Next Date: 20.03.2020

**State Bank of India, Stressed Assets Resolution Centre, Rasulgarh, Bhubaneswar, Orissa ...Certificate Holder Bank**
Vs.
**M/s. J.S. Glass & Ply Centre & another ...Certificate Debtors**
To,
1. **M/s. J.S. Glass & Ply Centre,** Plot No.: 3564, Palasuni, Rasulgarh, Bhubaneswar - 10, Dist.: Khurda, (Proprietor: Mr. Deepak Kumar Mishra)
2. **Mr. Prasanta Kumar Patra,** Plot No.: 28, Budheswari Colony, Laxmi Sagar, Bhubaneswar, Dist.: Khurda

WHEREAS you have failed to pay the decretal dues along with interest & Cost, which is amounting to **Rs. 19,45,683.00 (Rupees Nineteen Lac Forty Five Thousand Six Hundred Eighty Three Only)** along with interest **@10.25% p.a.** with annum rests from **05.02.2010** till realization of the entire dues payable by you in respect of the demand notice issued by the undersigned as per certificate dt. **19.11.2009** arising out of **O.A. No. 149 of 2009** issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks and Financial Institutions Act, 1993.

Now under the provision of section 28 (4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **20.03.2020.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **17th day of January, 2020.**

Sd/- (R.P. Patnaik)
Recovery Officer



FORM-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 258/2019
**Bank of Baroda, Cuttack Main Branch, Cuttack ...Applicant**
Versus
**M/S Anukul Bhandar & Others ...Defendant(s)**
To
**Def. 3. Sri Kashinath Sahoo**, S/o: Late Fakir Ch. Sahoo, At: Kazipatna, Uttamapur, City/Dist: Cuttack-753012.
**Def. 6. Sri Bata Krushna Rout**, Chhatrabazar, At: Chhatrabazar, P.O: Arunodaya Market, City/Dist: Cuttack-753012.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 258/2019** in the court of the Debts of Recovery Tribunal, Cuttack for recovery of **Rs.1,88,06,913.25** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **29/02/2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **22nd day of January 2020**.

Sd/- M. K. Patnaik
REGISTRAR


# ସରିଲା ଅଭ୍ୟାସ ପରେଡ

## ଶେଷ ପର୍ଯ୍ୟାୟରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ରାୟଗଡ଼ା ଅଫିସ,୨୪।୧

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ଼ ଅଭ୍ୟାସ ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ଖେଳ ପଡ଼ିଆରେ କରାଯାଇଛି। ଧୂଳି ନ ଉଡିବା ପାଇଁ ପଡିଆରେ ପାଣି ସିଞ୍ଚନ କରାଯାଇଥିଲା। ୩ ଦିନ ଧରି ଏହି ପରେଡ଼ ଅଭ୍ୟାସ କରାଯାଇଥିଲା। ଶୁକ୍ରବାର ଏହାର ଶେଷ ଦିନ ଥିଲା। ଜିଲାସ୍ତରୀୟ ପରେଡ଼ରେ ୪୦ଟି ଦଳ ଭାଗ ନେଇଛନ୍ତି। ସେମାନଙ୍କ ପାଇଁ ଫାଷ୍ଟ ଏଡ୍ ଏବଂ ପିଇବା ପାଣି ବ୍ୟବସ୍ଥା କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ୟାରିକେଡ଼ ନିର୍ମାଣ ସହ ବସିବା ପାଇଁ ଚୌକି ବ୍ୟବସ୍ଥା କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଛି।



ପରେଡ଼ ଅଭ୍ୟାସ କରାଯାଉଛି।


बैंक ऑफ़ इंडिया Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
[ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା / ବନ୍ଧକଦାତା /ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା /ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚକେଇଶିଆଣୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଚକେଇଶିଆଣୀ ଶାଖା / ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସଞ୍ଜୁକ୍ତା ବେହେରା,** ସ୍ୱାମୀ: ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ୨) ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ପିତା: ସୋମନାଥ ବେହେରା, ଉଭୟଙ୍କ ବାସସ୍ଥାନ-**ଠିକଣା-୧:** ପ୍ଲଟ୍ ନଂ. ଏଲବି-୨୦୪, ଲକ୍ଷ୍ମୀସାଗର, ବୁଦ୍ଧେଶ୍ୱରୀ, ପିନ୍-୭୫୧୦୦୬, **ଠିକଣା-୨:** ପ୍ଲଟ୍ ନଂ. ୪୩୪, ଅଦାଳିଆ, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୪୦୦୧ / **ଆକାଉଣ୍ଟ ନଂ.: ୫୧୩୩୭୫୧୧୦୦୦୦୦୩୨** | ଟ.୨୦,୦୦,୦୦୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୬.୦୯.୨୦୧୯ / ୨୧.୦୧.୨୦୨୦ | **ଶ୍ରୀମତୀ ସଞ୍ଜୁକ୍ତା ବେହେରାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଦାଳିଆ, ଥାନା: କଟକ ସଦର, ଏସ୍‌ଆରଓ: କଟକ, ତହସିଲ୍: କଟକ, ଜିଲ୍ଲା: କଟକ, ଖାତା ନଂ.: ୩୫୯, ପ୍ଲଟ୍ ନଂ.: ୪୩୪, କ୍ଷେତ୍ର: ଏକର ୦.୫୫୦ ଡିସିମିଲ୍‌ରୁ ୧୨୦୦ ବର୍ଗଫୁଟ, ସବ୍ ପ୍ଲଟ୍ ନଂ. ୩, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ସବ୍ ପ୍ଲଟ୍ ନଂ. ୦୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୦୨, ଉତ୍ତର: ପ୍ଲଟ୍ ନଂ. ୪୩୩, ଦକ୍ଷିଣ: ଆଭ୍ୟନ୍ତରୀଣ ୨୦ ଫୁଟ ରାସ୍ତା। |

ସ୍ଥାନ: ଭୁବନେଶ୍ୱର,
ତାରିଖ: ୨୪.୦୧.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବିନି ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।
-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ବୀମା ବିତରକ ସୁରକ୍ଷା ଦିବସ ପାଳିତ




ପାରଳାଖେମୁଣ୍ଡି,୨୪ା୧ (ସ୍ୱ.ପ୍ର.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଭାରତୀୟ ଜୀବନ ବୀମା ନିଗମ ଶାଖା କାର୍ଯ୍ୟାଳୟର ବୀମା ବିତରକ ସଙ୍ଘ ପକ୍ଷରୁ ଶୁକ୍ରବାର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ 'ଏଜେଣ୍ଟ ପ୍ରଫେସନ ପ୍ରୋଟେକ୍ସନ ଡେ' ପାଳିତ ହୋଇଯାଇଛି । ସଂଘ ସଭାପତି ବି. ଇଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାଖା ଉପପରିଚାଳକ ଅଭିରାମ ସେଠୀ, ମୁଖ୍ୟବକ୍ତା ଭାବେ ଉନ୍ନୟନ ଅଧିକାରୀ ଜି.ଜି.ପି. ରାଓ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ନେଇ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଯୁଗ୍ମ ସମ୍ପାଦକ ଅଦ୍ୱିତୀୟ ବର୍ଦ୍ଧନ, ଉପସଭାପତି ପି. କ୍ରିଷ୍ଣା ରାଓ, କୋଷାଧ୍ୟକ୍ଷ କେ. ଜଗାରାଓ ଉପସ୍ଥିତ ଥିଲେ। ବିଘ୍ନରାଜ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ କୁଞ୍ଜବିହାରୀ ବଡକୁମର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଲୁରାମ ସାହୁ, ଏ. କୃଷ୍ଣରାଜୁ, କେ. ମୋହନ ରାଓ, ରାମକୃଷ୍ଣ ସାହୁ, ଗଣେଶ ବରାଳ, କେଶବ ସାମଲଙ୍କ ସମେତ ଶତାଧିକ ଅଭିକର୍ତ୍ତା ଓ ଏଜେଣ୍ଟମାନେ ଯୋଗ ଦେଇଥିଲେ ।

### ରାଶନ ଗୋଦାମରେ ଅଗ୍ନିକାଣ୍ଡ

ପାଟପୁର,୨୪ା୧:ସାନଖେମୁଣ୍ଡି ବ୍ଲକ ରାଧାଦେଈପୁର ପଞ୍ଚାୟତ ପାଣ୍ଡ ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ହରି ସୁଆଁସିଆଙ୍କ ରାଶନ ଗୋଦାମ ଜଳିଯାଇଛି।ଅଗ୍ନିକାଣ୍ଡରେ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

# କନ୍ୟା ସନ୍ତାନର ସୁରକ୍ଷା ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ

ପାରଳାଖେମୁଣ୍ଡି, ୨୪ା୧ (ସ୍ୱ.ପ୍ର.)

## ଜାତୀୟ କନ୍ୟା ସନ୍ତାନ ଦିବସ




ଜାତୀୟ କନ୍ୟା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

- ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା
- ଭିନ୍ନ ସ୍ଥାନରେ ଭିନ୍ନ ପରିଚୟରେ ପରିଚିତ ହୋଇଥାଏ
- କୌଣସି ଗୁଣରେ ପୁରୁଷଙ୍କଠାରୁ କମ୍ ନୁହଁନ୍ତି

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନ ୯ଟାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏହାକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାକୁ ଏଡିପିଏଚ୍‌ସିଓ ସୁଧୀର କୁମାର ଜେନା ପରିଚାଳନା କରିଥିଲେ। ଏଏନ୍‌ଏମ ପ୍ରଶିକ୍ଷଣ ଛାତ୍ରୀ ଓ ନର୍ସମାନେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରିଥିଲେ । ପରେ ପୂର୍ବାହ୍ନ ୧୧ଟାରେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ପରିସରରେ 'କନ୍ୟା ସନ୍ତାନ ଅମୂଲ୍ୟ ସମ୍ପଦ' ସମ୍ପର୍କିତ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ହୋଇଥିଲା । ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଏଡିପିଏଚ୍‌ସିଓ ଜେନା ସଭାପତିତ୍ୱ କରି କନ୍ୟା ସନ୍ତାନ ଏକ ଅମୂଲ୍ୟ ସନ୍ତାନ। କନ୍ୟା ନାହିଁ ତ ସଂସାର ନାହିଁ ବୋଲି କହିଥିଲେ। ଏହି କନ୍ୟା କାହା ପାଇଁ ମାଆ ଓ ଭଉଣୀ ତ' କାହା ପାଇଁ ଭିନ୍ନ ସମ୍ପର୍କରେ ପରିଚିତ ହୋଇଥାଏ। କନ୍ୟା ସନ୍ତାନ ଯେପରି ସବୁ କ୍ଷେତ୍ରରେ ସୁରକ୍ଷିତ ରହିପାରିବ ତାହା ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଜେନା କହିଥିଲେ। କାର୍ଯ୍ୟକ୍ରମରେ ଅଧୀକ୍ଷକ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଓ କନ୍ୟା ମାନେ ସମାଜରେ ଅସମାନତାର ଶିକାର ହେଉଛନ୍ତି। ଏହାକୁ ଦୂର କରି ଶିଶୁକନ୍ୟାମାନେ କିଭଳି ସଶକ୍ତ ଏବଂ ସୁରକ୍ଷିତ ପରିବେଶ ପାଇପାରିବେ ସେନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଏତଦ୍‌ବ୍ୟତୀତ କନ୍ୟା ଭ୍ରୂଣ ହତ୍ୟା ଭଳି ଯେଉଁମାନେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କ ପ୍ରତି ରହିଥିବା ଆଇନଗତ ଦଣ୍ଡବିଧି ବ୍ୟବସ୍ଥା ଉପରେ ପାତ୍ର ଆଲୋକପାତ କରିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ଛନ୍ଦା କାନୁନଗୋ ଅନ୍ୟତମ ଅତିଥିଭାବେ ଯୋଗଦେଇ କନ୍ୟାମାନେ କୌଣସି ଗୁଣରେ ପୁରୁଷଙ୍କଠାରୁ କମ ନୁହଁନ୍ତି, କନ୍ୟା ଓ ନାରୀ ଶକ୍ତି ଏକ ଅମୂଲ୍ୟ ରତ୍ନ, ଯାହା ଅବର୍ଣ୍ଣନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ ସିଦ୍ଧାର୍ଥ କୁମାର ଦାସ, ଆଶା ସହକାରୀ ପରିଚାଳକ ନାରାୟଣ ମଲ୍ଲିକ ମଞ୍ଚାସୀନ ରହି ଆଲୋଚନାରେ ଅଂଶଗ୍ରହଣ କହିଥିଲେ । ଏହି ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ 'କନ୍ୟା ସନ୍ତାନ ଅମୂଲ୍ୟ ସମ୍ପଦ' ଶୀର୍ଷକରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରଥମ ଶିଲ୍ପାରାଣୀ ବିଶୋୟୀ, ଦ୍ୱିତୀୟ ଗୌରୀରାଣୀ ଜେନା, ଯୁଗ୍ମ ରୂପେ ତୃତୀୟ ସ୍ଥାନ ଅଧିକାର କରିଥିବା ଅଞ୍ଜନା ରଥ ଓ ଚଞ୍ଚଳା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ୮ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆକାଉଣ୍ଟାଣ୍ଟ ଶିବ ପ୍ରସାଦ ସାହୁ, ଡା. ନମିତା ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ ।

# ଉଡାନ-୨ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୨୪ା୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଜିଲା ପୋଲିସ ପକ୍ଷରୁ ଉଡାନ-୨ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲାର ବେକାର ଯୁବତୀଯୁବକମାନେ ବିଭିନ୍ନ ପ୍ରଶିକ୍ଷଣ ନେଇ ସେମାନେ ନିଜକୁ ପୋଲିସବାହିନୀ ଏବଂ ସାମରିକ ବାହିନୀରେ ଭର୍ତ୍ତି ହୋଇପାରିବେ ବୋଲି ମନ୍ତ୍ରୀ ସାରକା କହିଥିଲେ। ପୂର୍ବରୁ ମଧ୍ୟ ଜିଲା ପୋଲିସ ପକ୍ଷରୁ ଏହିପରି ଉଡାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନୁପମ ଶାହା, ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା, ରିଜର୍ଭ ଇନ୍ସପେକ୍ଟର ଉମ୍ବଧର ହନାଗାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।



ଶିବିରରେ ଉପସ୍ଥିତ ଅତିଥିମାନେ ।

# 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୪ା୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ 'ବେଟି ବଚାଓ, ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜି.ସୁଦର୍ଶନ ରାଓ, ଅନ୍ୟତମ ଅତିଥି ରୂପେ ସହକାରୀ ଶିକ୍ଷୟିତ୍ରୀ ଇନ୍ଦିରା ପାଢୀ, ଅମିତା କୁମାରୀ ପରିଚ୍ଛା, ଇନ୍ଦିରାବାଇ ମିଶ୍ର, ବି.ମାଧବୀ ପ୍ରମୁଖ ଯୋଗଦେଇ ବେଟି ବଚାଓ, ବେଟି ପଢାଓ' ଉପରେ ନିଜ ମତ ରଖିଥିଲେ। ଛାତ୍ରୀମାନେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ନିଜସ୍ୱ ମତ ଦେଇଥିଲେ। ଜିଲା ନେହେରୁ ଯୁବକେନ୍ଦ୍ରର ସଂଯୋଜକ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଗୋଷଣୀ ବ୍ଲକର ସାମାଜିକ କର୍ମୀ ଦେବାଶିଷ ପାଢୀ, ଟି.ମୁରଲୀ କ୍ରିଷ୍ଣା, ଗୁମ୍ମା ବ୍ଲକର ଡି.ତେଜେଶ୍ୱର ରାଓ ଏବଂ ପାରଳାଖେମୁଣ୍ଡିର ମୋହିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ବିଦ୍ୟାଳୟ ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

କାଶୀନଗର,୨୪ା୧(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକର ସିଆଳି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପରିଣତ କରାଯାଇଥିବା ବେଳେ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ, ସଂସ୍କୃତ ଶିକ୍ଷକ, କ୍ରୀଡା ଶିକ୍ଷକ, କଳା ଶିକ୍ଷକ, ପ୍ରଧାନଶିକ୍ଷକ ଚତୁର୍ଥ ଶ୍ରେଣୀ କର୍ମଚାରୀ, ରାତି ଜଗୁଆଳ ଓ କିରାଣି ପଦବୀ ଖାଲି ପଡିଛି। ଆବଶ୍ୟକ ଭିତ୍ତିଭୂମି ନାହିଁ। ବିଦ୍ୟାଳୟ ସୁପରିଚାଳନା ନେଇ ବିଭିନ୍ନ ସମସ୍ୟା ଉପୁଜୁଛି ବୋଲି ଗ୍ରାମବାସୀ ପତ୍ରରେ ଉଲ୍ଲେଖ କରିଛନ୍ତି। ଦୁଇଟି ଶ୍ରେଣୀକକ୍ଷ, ଗୋଟିଏ ରୋଷେଇ ଘର, ଆଶ୍ରୟସ୍ଥଳ ଓ ପ୍ରାଚୀର ନିର୍ମାଣ ପାଇଁ ମଞ୍ଜୁରି ମିଳି ସାରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ନବମ, ଦଶମ ଶ୍ରେଣୀରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଛାତ୍ରୀ ନିବାସ ଓ ଛାତ୍ରାବାସରେ ଦୀର୍ଘଦିନ ହେଲା ଅବ୍ୟବସ୍ଥା ଲାଗିରହିଛି। ଜିଲା ଶିକ୍ଷାଧିକାରୀଙ୍କୁ ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅବଗତ କରାଯାଇଥିଲେ ସୁଦ୍ଧା ସେ କୌଣସି ପଦକ୍ଷେପ ନେଇନାହାନ୍ତି। ଏଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଇସ୍‌ମାଇଲ ରଇତ, ସିମିଓ ଶବର, ପ୍ରଦୀପ ଶବର, ରାଜୁ ଶବର, ସୁରେଶ ଶବର, ପତିନ ଶବର, ଗାଙ୍ଗାନା ଶବର, କେ. ସନ୍ତୋଷୀ, କେ. ମୀନାରାଓଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

# ଗୋପାଳନ ନେଇ ଜିଲାସ୍ତରୀୟ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି, ୨୪ା୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଜଳଛାୟା ବିଭାଜନ କାର୍ଯ୍ୟାଳୟ ସଭାଗୃହରେ ଜିଲା ନାବାର୍ଡ ପକ୍ଷରୁ ଗୋପାଳନକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲା ନାବାର୍ଡ ଅଧିକାରୀ ଏସ୍.ପଲ୍ ସଭାପତିତ୍ୱ କରି ସରକାରଙ୍କ ପକ୍ଷରୁ ଗୋପାଳନ ପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ କିପରି କୃଷକମାନଙ୍କୁ ଋଣ ଏବଂ ସେଥିରେ ରିହାତି ମିଳୁଛି ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟତଃ ଜିଲାର ବିଭିନ୍ନ ବ୍ଲକରେ କୃଷକମାନେ ଏବଂ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଗୁଡିକ ଯଦି ଗୋପାଳନ ପାଇଁ ଇଚ୍ଛା ପ୍ରକାଶ କରନ୍ତି ତାଙ୍କୁ କେଉଁ ପ୍ରକ୍ରିୟାରେ ବ୍ୟାଙ୍କଗୁଡିକ ଋଣ ଯୋଗାଇବେ ଏବଂ ସେମାନେ ଋଣ ଶୁଝିବା ସମୟରେ କିପରି ରିହାତି ପାଇବେ ସେ ବିଷୟରେ କର୍ମଶାଳାରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥିଭାବେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦିଲୀପ କୁମାର ପଟ୍ଟନାୟକ ଯୋଗଦେଇ ପ୍ରାଣୀଧନ ବିଭାଗ ପକ୍ଷରୁ ଗୋପାଳନ ପାଇଁ ଚାଷୀମାନଙ୍କୁ କିପରି ସହାୟତା ମିଳିବ ସେ ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ପ୍ରାଣୀଧନ ଅଧିକାରୀମାନେ ଏଦିଗରେ କିପରି କାର୍ଯ୍ୟ କରିବେ ଏବଂ ବ୍ୟାଙ୍କଗୁଡିକ ଋଣ ଯୋଗାଇବା ନେଇ ସେ ବୁଝାଇଥିଲେ। ଅନ୍ୟତମ ଅତିଥି ରୂପେ ଓଡିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳିକା ପ୍ରିୟମ୍ବଦା ବିଶୋୟୀ ଯୋଗଦେଇ ଏଥିପାଇଁ ସାଧାରଣରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାରଳାଖେମୁଣ୍ଡି ଶାଖାର ମୁଖ୍ୟ ପରିଚାଳକ ବିଷ୍ଣୁକୁମାର ସାହାଣୀ,ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ଅଧିକାରୀ, ପ୍ରତିନିଧି ଓ କୃଷକମାନେ ଉପସ୍ଥିତ ଥିଲେ ।

# ସ୍କାଉଟ୍ ଟ୍ରୁପ୍‌ର ଦୀକ୍ଷା ଗ୍ରହଣ ସମାରୋହ



ଦୀକ୍ଷା ଗ୍ରହଣ ସମାରୋହରେ ଉପସ୍ଥିତ ଛାତ୍ରମାନେ ।

କାଶୀନଗର,୨୪ା୧(ଡି.ଏନ୍.ଏ.)

ଅଲଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ୩୨ ଛାତ୍ରଙ୍କୁ ନେଇ ନବଗଠିତ ବୀର ସୁରେନ୍ଦ୍ର ସାଏ ସ୍କାଉଟ୍ ଟ୍ରୁପର ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ସଙ୍ଗୀତ ଶିକ୍ଷକ ତଥା ସ୍କାଉଟ୍ ମାଷ୍ଟର୍ ବିକାଶ କୁମାର ସାହୁ, ଗଜପତି ଜିଲାର ଡିଓସି ସୁରେନ୍ଦ୍ର ପାତ୍ର, ସଞ୍ଜୟ ପାତ୍ର ଏବଂ ପରମେଶ୍ୱର ପାତ୍ର ଯୋଗଦେଇ ସ୍କାଉଟ୍‌ମାନଙ୍କୁ ଦୀକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷା ନମିତା ପ୍ରଧାନ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204863

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛି ଓଡ଼ିଶାରେ ପ୍ରଥମ ଥର ପାଇଁ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁ-ପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

BUSINESS
BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ ।
ଅଗ୍ରିମ - 70,00,000/-, ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ,
ଭଡା-50000 +
20 Years
କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

INDUS TOWER
COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

ASTROLOGY
ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି ।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।